ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, August 11/2025 Page 14 | ₹ 7.00 | BALASORE
୫୧ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 257 | ମୂଲ୍ୟ₹୭/-



## ଟ୍ରୋଲ୍ ହେଲେ ଅଲ୍ଲୁ


ଅଲ୍ଲୁ ଅର୍ଜୁନ ମୁମ୍ବାଇ ଏୟାରପୋର୍ଟରେ ସୁରକ୍ଷା ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବାର ଏକ ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରାଯାଇଛି। ୦୨


୧୨

## ଏସିଆନ ସର୍ଫିଂରେ ରମେଶଙ୍କୁ ପଦକ

ଏସିଆନ ସର୍ଫିଂ ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ଭାବେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ରମେଶ ବୁଢିଆଲ।






ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ 'ମେଟଲ ମିଟ୍ -୨୦୨୫'ର ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ୍ସରେ ସିନିୟର ଚାମ୍ପିୟନ ଏମ୍ସ ଭୁବନେଶ୍ୱର ପ୍ରତିଯୋଗୀ (ବାମ) ଏବଂ ଜୁନିୟର ଚାମ୍ପିୟନ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲର ପ୍ରତିଯୋଗୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଚେକ୍ ପ୍ରଦାନ ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ଅଜନ୍ତା ଆଡଭାଟାଇଜର୍ସର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ଏବଂ କୁଇଜ୍ ମାଷ୍ଟର ଅଜୟ ପୁନିଆ । (ଫଟୋ-ବିକାଶ ନାୟକ/ମନୋରଞ୍ଜନ ମିଶ୍ର) (ଅଧିକ ଫଟୋ: ପୃଷ୍ଠା-୪/୫)

# ଡିଏଭି ୟୁନିଟ୍-୮, ଏମ୍ସ ଭୁବନେଶ୍ୱର ଚାମ୍ପିୟନ

## ଓଡ଼ିଶା ପୋଷ୍ଟ 'ମେଟଲ ମିଟ୍-୨୦୨୫'

**ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)**

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତା 'ମେଟଲ ମିଟ୍-୨୦୨୫'ର ଗ୍ରାଣ୍ଡ ଫାଇନାଲ୍ସ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ଭୁବନେଶ୍ୱରସ୍ଥିତ ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଟିମ୍ ଏବଂ ସିନିୟର ବର୍ଗରେ ଏମ୍ସ ଭୁବନେଶ୍ୱର ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବର୍ଗରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଟିମ୍ ପୂର୍ବଭଳି ପ୍ରଥମ ରନରଅପ୍ ଓ ଲୋୟଲା ଟିମ୍ ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଅନୁରୂପ ଭାବେ ସିନିୟର ବର୍ଗରେ ଆଇଆଇଟି ଖଡଗପୁର ପ୍ରଥମ ରନରଅପ୍ ଏବଂ ଆଇଆଇଏମ୍ କାଲ୍‌କାଟା ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଉଭୟ ବର୍ଗର ଚାମ୍ପିୟନ୍‌ଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଏବଂ ପ୍ରଥମ ରନର୍‌ଅପ୍‌ମାନଙ୍କୁ ୫୦ହଜାର ଓ ଦ୍ୱିତୀୟ ରନର୍‌ଅପ୍‌ମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

'ମେଟଲ ମିଟ୍'ର ଚଳିତ ଥର ଥିଲା ସପ୍ତମ ସଂସ୍କରଣ। ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ ଏଥର ପ୍ରଥମ ଥର ପାଇଁ ରାଜ୍ୟ ବାହାରୁ ବିଶେଷକରି ପୂର୍ବାଞ୍ଚଳ ଜୋନ୍‌ରୁ ଅଂଶଗ୍ରହଣକାରୀ ସାମିଲ୍ ହେବା ପରେ 'ମେଟଲ ମିଟ୍'ର ପରିସର ବ୍ୟାପକ ହୋଇଛି। ୨୦୨୫ ମେଟଲ୍ ମିଟ୍‌ରେ ଜୁନିୟର ଓ ସିନିୟରଙ୍କୁ ମିଶାଇ ମୋଟ୍ ୮୧ଟି ଟିମ୍ ଭାଗ ନେଇଥିଲେ। ଜୁନିୟରରେ ରାଜ୍ୟ ଭିତରୁ ୩୯ଟି ଟିମ୍ ସାମିଲ ହୋଇଥିବାବେଳେ ସିନିୟର ବର୍ଗରେ ରାଜ୍ୟ ଓ ରାଜ୍ୟ ବାହାରକୁ ମିଶାଇ ୪୨ଟି ଟିମ୍‌ଙ୍କ ମଧ୍ୟରେ ବ୍ରେନ୍ ବ୍ୟାଟଲ୍ ହୋଇଥିଲା। ଶନିବାର ଅନୁଷ୍ଠିତ ପ୍ରିଲିମ୍ସରେ ଉଭୟ ବର୍ଗରୁ ୮ଟି ଲେଖାଏ ଟିମ୍ ଗ୍ରାଣ୍ଡ ଫାଇନାଲ୍ସକୁ ଉନ୍ନୀତ ହୋଇଥିଲେ। ରବିବାର ଅପରାହ୍ଣରୁ ପ୍ରଥମେ ଜୁନିୟର ବର୍ଗର ଗ୍ରାଣ୍ଡ ଫାଇନାଲ୍ସ ଆରମ୍ଭ ହୋଇଥିଲା। କୁଇଜ୍ ମାଷ୍ଟର ଅଜୟ ପୁନିଆ ୮ଟି ଦଳର ଅଂଶଗ୍ରହଣକାରୀଙ୍କ ପାଇଁ ୫ଟି ପର୍ଯ୍ୟାୟରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ପ୍ରଶ୍ନମାନ ପଚାରିଥିଲେ। କେତେକ ପ୍ରଶ୍ନରେ ଅଡିଓ ଭିଜୁଆଲ୍ ଉପସ୍ଥାପନା ପ୍ରତିଯୋଗୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ସୃଷ୍ଟି କରିଥିଲା। ପିଲାମାନେ ମଧ୍ୟ ସମାନ ଜୋସ୍ ରଖି ଉତ୍ତର ଦେଉଥିବା ଉପସ୍ଥିତ ଦର୍ଶକମାନଙ୍କୁ ଆହ୍ଲାଦିତ କରିଥିଲା। ବିଜୟୀ ଦଳ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ ଦ୍ୱିତୀୟ ରାଉଣ୍ଡରୁ ହିଁ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳକୁ ପଛରେ ପକାଇ ଆଗରେ ରହିଥିଲା। ଫାଇନାଲ୍ ବେଳକୁ ମୋଟ୍ ୧୩୦ ସ୍କୋର ରଖିବା ସହିତ ଦ୍ୱିତୀୟରେ ଥିବା କିଟ୍ ଇଣ୍ଟରନ୍ୟାଶନାଲ୍‌ଠାରୁ ୫୨ସ୍କୋର୍ ଅଧିକ ପାଇଥିଲା। ୬୫ ସ୍କୋର ରଖି ତୃତୀୟ ଲୋୟଲା ସ୍କୁଲ ତୃତୀୟ ସ୍ଥାନ ହାସଲ କରିଥିଲା। ସୂଚନାଯୋଗ୍ୟ, ସେଣ୍ଟ ପଲ୍ସ ସ୍କୁଲ, ରାଉରକେଲା, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର ପ୍ରତିଯୋଗିତାରେ ଅନ୍ୟ ଦଳ ଭାବେ ଅଂଶଗ୍ରହଣ କରିଥିଲେ।

ସିନିୟର ବର୍ଗରେ ଅଧିକ ଟକ୍କର ଦେଖିବାକୁ ମିଳିଥିଲା। ପ୍ରଥମରୁ ହିଁ ଏମ୍ସ ଭୁବନେଶ୍ୱର ଅନ୍ୟ ପ୍ରତିଯୋଗୀ ଦଳକୁ ପଛରେ ପକାଇ ସ୍କୋର ବଢାଇ ଚାଲିଥିଲା। ୫ଟି ରାଉଣ୍ଡରେ କୁଇଜ୍ ଶେଷ ହେବାପରେ ଏମ୍ସ ଭୁବନେଶ୍ୱର ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଆଇଆଇଟି ଖଡଗପୁର ଏବଂ ତୃତୀୟରେ ଆଇଆଇଏମ୍ କାଲ୍‌କାଟା ରହିଥିଲେ। ପ୍ରଥମଥର ପାଇଁ ଆଇଆଇଟି ଖଡଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଅଂଶଗ୍ରହଣ କରି ରାଜ୍ୟ ବାହାରର ଦଳଭାବେ ବିଜୟ ଲାଭ କରି ମେଟଲ୍ ମିଟ୍‌କୁ ଭିନ୍ନ ପରିଚୟ ଦେଇଛନ୍ତି। ସ୍କୋର ବୋର୍ଡକୁ ଦେଖିଲେ ☞ପୃଷ୍ଠା-୮

## ଚନ୍ଦ୍ରଭାଗା ସମୁଦ୍ରରେ ଭାସିଯାଇ ୩ ମୃତ

### ଭୋଜି ସାରି ସମୁଦ୍ରରେ ଗାଧୋଇବା ହେଲା କାଳ

**କୋଣାର୍କ, ୧୦।୮ (ଜ୍ୟୋତିରାଜ ମହାନ୍ତି)**

ଚନ୍ଦ୍ରଭାଗା ସମୁଦ୍ରରେ ରବିବାର ଅଭାବନୀୟ ଘଟଣା ଘଟିଛି। ପୃଥକ୍ ପୃଥକ୍ ଭାବେ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଇ ୩ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର କ୍ଷେତ୍ରବାସୀ ସେନାପତିଙ୍କ ସାନପୁଅ ରାହୁଲ କୁମାର ସେନାପତି(୨୫), ବିମ୍ବାଧର ଜେନାଙ୍କ ପୁଅ ଅରୂପାନନ୍ଦ ଜେନା (୨୫) ଓ କଟକ ଜିଲା ପାହାଳ ଅଞ୍ଚଳର ପିଣ୍ଟୁ ପଟ୍ଟନାୟକ। ଉତ୍ତରପ୍ରଦେଶର ଶିବ କୁମାର (୨୫) ସାମାନ୍ୟ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଛୁଟି କଟାଇବାକୁ ଆସି ଚନ୍ଦ୍ରଭାଗା ସମୁଦ୍ରକୂଳଠାରୁ ୧ କି.ମି. ଦୂରରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ସମୁଦ୍ରରେ ବୁଡ଼ିଯାଇ ପାହାଳ ଅଞ୍ଚଳର ପିଣ୍ଟୁ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଥିବା ବେଳେ ଚନ୍ଦ୍ରଭାଗା ଇକୋ ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**

ହାତୀ ସହ ମଣିଷ

## କଳିଙ୍ଗରେ ପ୍ରଜ୍ଞା, ଅନିମେଶଙ୍କ ଚମକ

### ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ) ଲେଭଲ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ। ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୱାର୍ଲ୍ଡ କଣ୍ଟିନେଣ୍ଟାଲ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ବାଲେଶ୍ୱରର ପ୍ରଜ୍ଞା ୧୦୦ ମିଟର ହର୍ଡଲ୍ସରେ ୧୩.୭୪ ସେକେଣ୍ଡ ସହିତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କେବଳ ଭାରତୀୟଙ୍କୁ ନେଇ ଅନୁଷ୍ଠିତ ଫାଇନାଲ୍ସରେ ନନ୍ଦିନୀ କୋଙ୍ଗାନ ୧୩.୮୦, ଅଞ୍ଜଲି ସି ୧୪.୦୦ ଓ ପ୍ରଞ୍ଜଳି ଦିଲୀପ ପାଟିଲ ୧୪.୦୩ ସେକେଣ୍ଡ ସହିତ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ୨୦୧୮ରେ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ଦକ୍ଷିଣ ଏସୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ପ୍ରଜ୍ଞା ୱାର୍ଲ୍ଡ ଆଥଲେଟିକ୍ସ ଟୁର୍ ଭଳି ଏକ ବଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେ ଅନେକ ପଦକ ହାସଲ କରିଛନ୍ତି। ବାଲେଶ୍ୱର ଜିଲା ବସ୍ତା ଅନ୍ତର୍ଗତ ଟିକିରାପଡ଼ାର ପ୍ରଜ୍ଞାଙ୍କ ମା'ଙ୍କ ନାମ ସୁକାନ୍ତିମଣି ଜେନା ଓ ବାପା ପାର୍ଥ ସାରଥି ସାହୁ। ପୁରସ୍କାର ଆକାରରେ ପ୍ରଜ୍ଞା ୮୦୦ ଆମେରିକୀୟ ଡଲାର ଲାଭ କରିଛନ୍ତି। ଅନ୍ୟ ୩ ବିଜେତାଙ୍କୁ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଆମେରିକୀୟ ଡଲାର ପ୍ରଦାନ କରାଯାଇଛି। ପୁରୁଷ ୨୦୦ ମିଟରରେ ☞ପୃଷ୍ଠା-୮

## କୁକୁର କାମୁଡ଼ାରେ ଆହତ ପାରା ଆଥ୍‌ଲେଟ ଯୋଗେନ୍ଦ୍ରଙ୍କ ସମେତ ୨ ମୃତ


ଯୋଗେନ୍ଦ୍ର ଛତ୍ରିଆ


ହୃଷୀକେଶ ରଣା

**ଗୁଡ଼ଭେଲା, ୧୦।୮ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଚିଞ୍ଚୋଡ ଗ୍ରାମରେ ବୁଲା କୁକୁର କାମୁଡ଼ାରେ ଗୁରୁତର ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ପାରା ଆଥ୍‌ଲେଟ ଯୋଗେନ୍ଦ୍ର ଛତ୍ରିଆ(୩୩)ଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଏଥିସହିତ ଉକ୍ତ କୁକୁର କାମୁଡ଼ାରେ ଗୁରୁତର ହୋଇଥିବା ଚିଞ୍ଚୋଡ଼ ଗ୍ରାମର ହୃଷୀକେଶ ରଣା(୪୭)ଙ୍କ ମଧ୍ୟ ରବିବାର ମୃତ୍ୟୁ ଘଟିଛି। ଆହତ ହୋଇଥିବା ଅନ୍ୟ ୪ ଜଣ ଏବେ ବି ଚିକିତ୍ସାଧୀନ ଅଛନ୍ତି।

ପ୍ରକାଶ ଯେ,ଗତ ୨୩ ତାରିଖ ଦିନ ଏକ ବୁଲା କୁକୁର ଚିଞ୍ଚୋଡ ଗ୍ରାମର କେଶବ ନାଗ, ☞ପୃଷ୍ଠା-୮

# ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

- **କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୋଠାର ଲୋକାର୍ପଣ**
- **ଖୁବ୍‌ଶୀଘ୍ର ନବରଙ୍ଗପୁର ସମେତ ୪ ଜିଲାରେ ହେବ ମେଡିକାଲ କଲେଜ**

ଓଡ଼ିଶାର ସାମଗ୍ରିକ ବିକାଶକୁ ଗତିଶୀଳ କରାଇ ରାଜ୍ୟବାସୀଙ୍କୁ ଦୁର୍ନୀତିମୁକ୍ତ ଶାସନ ଦେବା ସରକାରଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ଓଡ଼ିଶାର ନିରନ୍ତର ବିକାଶ ଧାରାରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାକୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୮୦ କୋଟି ଟଙ୍କା ବ୍ୟୟରେ କୋରାପୁଟରେ ନିର୍ମିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଏବଂ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ନୂତନ କୋଠାର ଲୋକାର୍ପଣ କରିଛନ୍ତି। ସେହିପରି ରାଜଧାନୀ ସହ ଦକ୍ଷିଣ ଓଡ଼ିଶାକୁ ଆହୁରି ମଜଭୁତ ଢଙ୍ଗରେ ଯୋଡ଼ି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୬ ଲେନ୍ ବିଶିଷ୍ଟ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଅର୍ଥନୈତିକ କରିଡର ନିର୍ମାଣର ଘୋଷଣା କରିଛନ୍ତି। ଏଥିସହିତ ନବରଙ୍ଗପୁର, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ଭଦ୍ରକରେ ଖୁବ୍‌ଶୀଘ୍ର ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



କୋରାପୁଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜଣେ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରୁଛନ୍ତି।

**କୋରାପୁଟ, ୧୦।୮ (ଅମିତାଭ ବେହେରା)**

ରାଜ୍ୟର ନିରନ୍ତର ବିକାଶ ଧାରାରେ ସାମିଲ ହେଲା କୋରାପୁଟ ଜିଲା। କୋରାପୁଟବାସୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆଉ ଦୂରଦୂରାନ୍ତକୁ ଯାଇ ହଇରାଣ ହେବାକୁ ପଡ଼ିବନାହିଁ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର କୋରାପୁଟସ୍ଥିତ ସରକାରୀ ଡିଏଭି କଲେଜ ପଡିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ☞ପୃଷ୍ଠା-୮

## ସଂକ୍ଷେପରେ

### ରାହୁଲଙ୍କୁ ଭୋଟ ଚୋରି ଅଭିଯୋଗର ପ୍ରମାଣ ମାଗିଲେ କର୍ଣାଟକ ସିଇଓ

ନୂଆଦିଲ୍ଲୀ,୧୦।୮

୨୦୨୪ ଲୋକ ସଭା ନିର୍ବାଚନରେ ଭୋଟର ଜାଲିଆତି ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କରିଥିବା ଅଭିଯୋଗ ଉପରେ କର୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ରବିବାର ତାଙ୍କୁ ନୋଟିସ୍ ପଠାଇ ଏହାର ପ୍ରମାଣ ପାଇଁ ଆବଶ୍ୟକ ଦସ୍ତାବିଜ୍ ମାଗିଛନ୍ତି। ଜଣେ ମହିଳା ଦୁଇଥର ଭୋଟ ଦେଇଥିଲେ ବୋଲି କେଉଁ ଦସ୍ତାବିଜ୍ ଆଧାରରେ ଅଭିଯୋଗ ଆଣିଲେ, ତାହା ଦେଖାଇବାକୁ ସିଇଓ କହିଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ରାହୁଲ ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, କର୍ଣାଟକର ମହାଦେବପୁରା ନିର୍ବାଚନମଣ୍ଡଳୀରେ ବ୍ୟାପକ ଭୋଟ୍ ଚୋରି ହୋଇଥିଲା। ନକଲି ନାମ, ଜାଲ୍ ଠିକଣା ସମେତ ଗୋଟିଏ ଠିକଣାରେ ଏକାଧିକ ନାମ ପଞ୍ଜୀକରଣ ଜରିଆରେ ଲକ୍ଷାଧିକ ଭୋଟ ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ। ଶକୁନ ରାନି ନାମ୍ନୀ ୭୦ ବର୍ଷୀୟା ମହିଳା ଫାର୍ମ ୬'ର ଦୁରୁପଯୋଗ କରି ୨ ମାସରେ ୨ ଥର ନିଜକୁ ଭୋଟର ତାଲିକାରେ ପଞ୍ଜୀକୃତ କରାଇଥିଲେ। ତାଙ୍କ ଭୋଟର ପରିଚୟ ପତ୍ର ବ୍ୟବହାର କରି ୨ ଥର ଭୋଟ ଦିଆଯାଇଥିବା ରାହୁଲ ଅଭିଯୋଗ କରିଥିଲେ। ତେବେ ନିର୍ବାଚନ ଅଧିକାରୀ ତଥ୍ୟ ଯାଞ୍ଚ କରି ମହିଳା ଜଣକ ଗୋଟିଏ ଥର ଭୋଟ ଦେଇଥିବା ଜାଣିବାକୁ ପାଇଛନ୍ତି।

### ବିନା ନୋଟିସରେ ଚିଠା ଭୋଟର ତାଲିକାରୁ କୌଣସି ନାମ କଟାଯିବ ନାହିଁ

**ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଇସି**

ନୂଆଦିଲ୍ଲୀ,୧୦।୮ (ପି.ଟି.)

ପୂର୍ବରୁ ନୋଟିସ ଦିଆ ନ ଯାଇ ବିହାରର ଚିଠା ଭୋଟର ତାଲିକାରୁ କୌଣସି ଭୋଟରଙ୍କ ନାମ କଟାଯିବ ନାହିଁ ବୋଲି ନିର୍ବାଚନ କମିଶନ (ଇସି) ସୁପ୍ରମକୋର୍ଟଙ୍କୁ ଜଣାଇଛନ୍ତି। ସେମାନଙ୍କୁ ଶୁଣାଣି ପାଇଁ ସୁଯୋଗ ଦିଆଯିବା ସହ ତର୍କଯୁକ୍ତ ନିର୍ଦ୍ଦେଶ ରହିବ ବୋଲି ଇସି କହିଛନ୍ତି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କର ଅଲଗା ତାଲିକା ପ୍ରକାଶନ ପାଇଁ ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଦାବି କରିଥିଲା ବେଳେ ଇସି ଏହାର ବିରୋଧ କରିଛନ୍ତି। ବାଦ୍ ପଡ଼ିଥିବା ଭୋଟରଙ୍କ ଅଲଗା ତାଲିକା ପ୍ରକାଶ କରିବାକୁ କୌଣସି ନିୟମ ନ ଥିବା ଇସି ଶନିବାର ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଛନ୍ତି। ବିହାର ଚିଠା ଭୋଟର ତାଲିକାରେ ୭.୨୪ କୋଟି ଭୋଟରଙ୍କ ନାଁ ଥିବାବେଳେ ୬୫ ଲକ୍ଷରୁ ଉର୍ଦ୍ଧ୍ୱ ନାମ ବାଦ୍ ପଡ଼ିଛି। ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ମଙ୍ଗଳବାର ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲା ବାଗ୍‌ଚୀ ଏହାର ଶୁଣାଣି କରିବେ।

### ଉପରାଷ୍ଟ୍ରପତି ନିର୍ବାଚନ: ମିଳିତ ପ୍ରାର୍ଥୀ ଦେବ ଇଣ୍ଡିଆ ବ୍ଲକ୍

ନୂଆଦିଲ୍ଲୀ,୧୦।୮

ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଇଣ୍ଡିଆ ବ୍ଲକ୍ ମିଳିତ ପ୍ରାର୍ଥୀ ଦେବା ପାଇଁ ନିଷ୍ପତ୍ତି ନେଇଛି। ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା କରି ସହମତିରେ ପହଞ୍ଚିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସହଯୋଗୀ ଦଳଗୁଡ଼ିକର ନେତାଙ୍କ ସହ ଆଲୋଚନା କରିଛନ୍ତି। ଫଳାଫଳ ନିର୍ବିଶେଷରେ ଏକ ଦୃଢ଼ ରାଜନୈତିକ ବାର୍ତ୍ତା ପଠାଇବା ଲାଗି ଲଢ଼େଇରୁ ଦୂରେଇଯିବା ଉଚିତ ନୁହେଁ ବୋଲି ମତାମତ ପ୍ରକାଶ ପାଇଛି। ତେବେ ଏପର୍ଯ୍ୟନ୍ତ ଏନେଇ ଆନୁଷ୍ଠାନିକ ଆଲୋଚନା ହୋଇ ନ ଥିବାବେଳେ ସହଯୋଗୀଙ୍କ ମଧ୍ୟରେ ପଛଦ୍ୱାର ଆଲୋଚନା ଜାରି ରହିଛି। ମିଳିତ ମେଣ୍ଟକୁ ଉପସ୍ଥାପନ କରିବା ଲାଗି ଅଧିକାଂଶ ସଦସ୍ୟ ରାଜି ହୋଇଥିବାବେଳେ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ବିରୋଧୀ ପ୍ରାର୍ଥୀ ଦେବା ଠିକ୍ ହେବ ବୋଲି ବିରୋଧୀ ପକ୍ଷର କେତେଜଣ ଅନୁଭବ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ନୈଶଭୋଜି ବୈଠକର ଆୟୋଜନ କରୁଛନ୍ତି, ଯେଉଁଥିରେ ୧୫ ବିରୋଧୀ ଦଳର ଶୀର୍ଷ ନେତାମାନେ ଯୋଗଦେବେ।

## ନେତାନ୍ୟାହୁଙ୍କ ଗାଜା ଦଖଲ ଯୋଜନା

# ଅଭୂତପୂର୍ବ ଉତ୍ତେଜନା

**୨୦୨୩ ଅକ୍ଟୋବର ୭ରୁ ଚାଲିଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ୨ ବର୍ଷ ପୂରିବାକୁ ୨ ମାସରୁ କମ୍ ସମୟ ବାକି ରହିଛି। ଯୁଦ୍ଧାବସାନର ସଙ୍କେତ ଦିଶୁନାହିଁ, ସ୍ଥିତି ଅଧିକରୁ ଅଧିକ ସଙ୍ଗିନ ଆଡ଼କୁ ଗତି କରୁଛି। ଏହାରି ଭିତରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସମ୍ପୂର୍ଣ୍ଣ ଗାଜା ଷ୍ଟ୍ରିପ୍ ଦଖଲ ଯୋଜନା ଅଭୂତପୂର୍ବ ଉତ୍ତେଜନା ସୃଷ୍ଟି କରିଛି। ଏହି ପ୍ରସଙ୍ଗକୁ ନେଇ ସରକାର ଓ ସାମରିକ ନେତୃତ୍ୱ ମଧ୍ୟରେ ମତଭେଦ ବଢ଼ିବାରେ ଲାଗିଛି। ହମାସ୍ କବ୍‌ଜାରେ ଥିବା ପ୍ରାୟ ୫୦ ପଣବନ୍ଦୀଙ୍କ ମୁକ୍ତି ପାଇଁ ତେଲ୍‌ଆଭିଭରେ ଲକ୍ଷାଧିକ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନେତାନ୍ୟାହୁ ସରକାରଙ୍କ ନିଷ୍ପତ୍ତିକୁ ପାରମ୍ପରିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ବିରୋଧ କଲେଣି। ଫଳରେ ଇସ୍ରାଏଲ୍‌ର ଅନ୍ତର୍ଜାତୀୟ ବିଶ୍ୱସନୀୟତା ପ୍ରତି ସଙ୍କଟ ଦେଖାଦେଇଛି। ଏଭଳି ସ୍ଥିତିରେ ଯୁଦ୍ଧ ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରୁଥିବା ଦେଖି ଜାତିସଂଘ ସ୍ଥାୟୀ ଅସ୍ତ୍ରବିରତି ପାଇଁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେବା ସହ ଗାଜାର ସଶସ୍ତ୍ର ଶାସକ ହମାସ୍ ପଣବନ୍ଦୀମାନଙ୍କୁ ତୁରନ୍ତ ମୁକ୍ତ କରିବା ଉଚିତ ବୋଲି କହିଛି।**


ବେଞ୍ଜାମିନ୍ ନେତାନ୍ୟାହୁ



ପଣବନ୍ଦୀଙ୍କ ମୁକ୍ତି ପାଇଁ ତେଲ୍‌ଆଭିଭରେ ଇସ୍ରାଏଲୀଙ୍କ ବିକ୍ଷୋଭ।

ତେଲ୍‌ଆଭିଭ/ଗାଜା ସିଟି,୧୦।୮

ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଗତ ୨୨ ମାସ ମଧ୍ୟରେ ଗାଜା ଷ୍ଟ୍ରିପ୍‌ର ପ୍ରାୟ ୭୫ ଭାଗ ଦଖଲ କରିସାରିଲାଣି। ଅବଶିଷ୍ଟ ୨୫% ଅଞ୍ଚଳ ଅକ୍ତିଆର କରି ସମ୍ପୂର୍ଣ୍ଣ ଗାଜା ଦଖଲ କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଉଦ୍ୟମ ଆରମ୍ଭ କରିଛନ୍ତି। ନେତାନ୍ୟାହୁ ଏନେଇ ରବିବାର ଜେରୁଜେଲମ୍‌ରେ ବିଦେଶୀ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ତାଙ୍କ ପାଖରେ ହମାସ୍‌କୁ ସମ୍ପୂର୍ଣ୍ଣ ପରାସ୍ତ କରି କାର୍ଯ୍ୟ ଶେଷ କରିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ। ଗାଜାକୁ ଦଖଲ କରିବା ତାଙ୍କ ଲକ୍ଷ୍ୟ ନୁହେଁ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଗାଜାକୁ ମୁକ୍ତ କରିବା। ନେତାନ୍ୟାହୁଙ୍କୁ ଦେଶବିଦେଶରୁ କରାଯାଉଥିବା ସମାଲୋଚନାକୁ ସେ 'ମିଛର ଏକ ବୈଶ୍ୱିକ ଅଭିଯାନ' ବୋଲି ଅଭିହିତ କରିଛନ୍ତି। ନାଗରିକଙ୍କ ମୃତ୍ୟୁ, ଧ୍ୱଂସଲୀଳା ଓ ସହାୟତା ନିଅଣ୍ଟ ପାଇଁ ସେ ପୁଣି ହମାସ୍‌କୁ ଦାୟୀ କରିଛନ୍ତି। ଏଥିସହ ଗାଜାର ବେସାମରିକକରଣ ଦ୍ୱାରା ହିଁ ସବୁ ସମସ୍ୟାର ସମାଧାନ ସମ୍ଭବ ବୋଲି କହିଛନ୍ତି।

ଇସ୍ରାଏଲୀ ମିଡିଆ ରିପୋର୍ଟ ଅନୁସାରେ ନେତାନ୍ୟାହୁଙ୍କ ଗାଜା ଦଖଲ ଯୋଜନା ଯୋଗୁ ଯୁଦ୍ଧ ଆହୁରି ଭୟାବହ ହୋଇପାରେ ବୋଲି ଆଇଡିଏଫ୍‌ର ଶୀର୍ଷ ଅଧିକାରୀମାନେ ଆଶଙ୍କା କରି ଏଥିରେ ରାଜି ହେଉନାହାନ୍ତି। ତେଣୁ ସାମରିକ ନେତୃତ୍ୱ ଓ ସରକାର ମଧ୍ୟରେ ଫାଟ ବଢ଼ିବାରେ ଲାଗିଛି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ଲାନ୍‌କୁ ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇସାରିଥିବାବେଳେ ପୂର୍ଣ୍ଣ କ୍ୟାବିନେଟ୍ ଖୁବ୍‌ଶୀଘ୍ର ଅନୁମୋଦନ କରିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ହମାସ୍ କବଳରେ ଥିବା ୫୦ରୁ ଉର୍ଦ୍ଧ୍ୱ ପଣବନ୍ଦୀଙ୍କ ପରିବାର ସମେତ ଦେଶବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ତେଲ୍‌ଆଭିଭରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀ ତୁରନ୍ତ ସାମରିକ ଅଭିଯାନ ବନ୍ଦ ସହ ପଣବନ୍ଦୀଙ୍କୁ ମୁକ୍ତି କରାଇ ଫେରାଇ ଆଣିବାକୁ ଦାବି କରିଛନ୍ତି। ଏହା ଉପରେ ନେତାନ୍ୟାହୁ କହିଛନ୍ତି, ସାମରିକ ଅଭିଯାନ ବ୍ୟାପକ ହେଲେ ଅବଶିଷ୍ଟ ପଣବନ୍ଦୀଙ୍କୁ ମୁକୁଳାଇବା ସହଜ ହେବ। ଜର୍ମାନୀ, ବ୍ରିଟେନ୍ ଓ ଫ୍ରାନ୍ସ ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇ ଇସ୍ରାଏଲ୍‌ର ସାମରିକ ଅଭିଯାନକୁ ଏଥିରେ ପ୍ରତ୍ୟାଖ୍ୟାନ କରାଯାଇଛି। ଏହାଦ୍ୱାରା ପଣବନ୍ଦୀଙ୍କ ଜୀବନ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ସହ ମାନବୀୟ ସଙ୍କଟ ଏବଂ ବିସ୍ଥାପନ ବୃଦ୍ଧି ପାଇବ ବୋଲି ୩ ଦେଶ କହିଛନ୍ତି। ସେହିପରି ଗାଜାକୁ ଇସ୍ରାଏଲ୍ ସହ ମିଶ୍ରଣ କରାଇବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଏଥିରେ କୁହାଯାଇଛି। ସାମ୍ପ୍ରତିକ ସ୍ଥିତିକୁ ଗାଜା କର୍ତ୍ତୃପକ୍ଷ 'ଅଭୂତପୂର୍ବ ଉତ୍ତେଜନା' ବୋଲି ଅଭିହିତ କରିବା ସହ ଇସ୍ରାଏଲ୍‌କୁ ନିଜ ଯୋଜନାରୁ କ୍ଷାନ୍ତ ରହିବାକୁ କହିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ 'X' ରେ କହିଛନ୍ତି, ଇସ୍ରାଏଲ୍ ଗାଜା ଆଡ଼କୁ ଅଗ୍ରସର ହେଲେ ଆହୁରି ବହୁ ପାଲେଷ୍ଟିନୀୟଙ୍କ ଜୀବନହାନି ହେବା ସହ ବିସ୍ଥାପିତଙ୍କ ସଂଖ୍ୟା ବହୁଗୁଣିତ ହେବ। ଗାଜାର ପାଲେଷ୍ଟିନୀୟ ଜନସଂଖ୍ୟା ଅକଳ୍ପନୀୟ ଦୁର୍ଦ୍ଦଶା ଭୋଗିବ। ଅତି ବିପଜ୍ଜନକ ସ୍ଥିତି ଉପୁଜିବା ପୂର୍ବରୁ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ କରାଯାଉ। ହମାସ୍ ମଧ୍ୟ ତୁରନ୍ତ ସମସ୍ତ ପଣବନ୍ଦୀଙ୍କୁ ନିଃସର୍ତ୍ତ ମୁକ୍ତ କରୁ।

- ସରକାର-ସେନା ମତଭେଦ ବଢ଼ିଲା
- ଇସ୍ରାଏଲ୍ ପାଇଁ ଅନ୍ତର୍ଜାତୀୟ ବିଶ୍ୱସନୀୟତା ସଙ୍କଟ
- ତେଲ୍‌ଆଭିଭରେ ଲକ୍ଷାଧିକ ଲୋକଙ୍କ ବିକ୍ଷୋଭ
- ସ୍ଥାୟୀ ଅସ୍ତ୍ରବିରତି, ପଣବନ୍ଦୀଙ୍କ ନିଃସର୍ତ୍ତ ମୁକ୍ତି ପାଇଁ ଜାତିସଂଘର ପରାମର୍ଶ

### ଛୁଟି ନେଇ ରାୟ ଲେଖ

**ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତିଙ୍କୁ କହିଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ, ୧୦।୮

ସୁପ୍ରିମକୋର୍ଟ ଶନିବାର ଏକ ପିଟିଶନ୍‌ର ଶୁଣାଣିକରି ଝାଡ଼ଖଣ୍ଡ ହାଇକୋର୍ଟରେ ବିଚାରାଧୀନ ଅନେକ ମାମଲାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି, ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତିମାନେ ସେମାନଙ୍କର ମଞ୍ଜୁରୀପ୍ରାପ୍ତ ଛୁଟି ନେଇ ବିଚାରାଧୀନ ଥିବା ମାମଲାଗୁଡ଼ିକର ରାୟ ଲେଖନ୍ତୁ। ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିକଟରେ ଏପରି ଏକାଧିକ ଡଜନ ମାମଲା ପଡ଼ିରହିଛି, ଯାହାର ଶୁଣାଣି ସମାପ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାୟ ପ୍ରକାଶ ପାଇନାହିଁ। ଝାଡ଼ଖଣ୍ଡର ଦୁର୍ଗମ ଆଦିବାସୀ ଅଞ୍ଚଳରେ ହୋମଗାର୍ଡ ନିଯୁକ୍ତି ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଟିପ୍ପଣୀ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିକଟରେ ଏପରି ୬୧ ମାମଲା ରହିଛି, ଯାହାର ରାୟକୁ ସଂରକ୍ଷିତ କରି ରଖାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାୟର ଘୋଷଣା କରାଯାଇନାହିଁ। ହାଇକୋର୍ଟଙ୍କ ପକ୍ଷ ରଖୁଥିବା ବରିଷ୍ଠ ଓକିଲ ଅଜିତ ସିହ୍ନାଙ୍କୁ ଖଣ୍ଡପୀଠ କହିଛନ୍ତି, ସମ୍ପ୍ରତିବିଚାରପତିମାନଙ୍କ ନିକଟରେ ଅନେକ ଛୁଟି ପଡ଼ି ରହିଥାଏ। ତେଣୁ ୧୦ରୁ ୧୨ ସପ୍ତାହର ମଞ୍ଜୁରୀପ୍ରାପ୍ତ ଛୁଟି ନେଇ ଦୀର୍ଘ ଦିନ ହେବ ବିଚାରାଧୀନ ଥିବା ମାମଲାଗୁଡ଼ିକର ରାୟ ଲେଖିବାକୁସେମାନଙ୍କୁ କୁହନ୍ତୁ। ଲୋକେ ତୁରନ୍ତ ରାୟ ଚାହାଁନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

### ନାଶିକ୍‌ରେ ନକଲି କଲ୍ ସେଣ୍ଟର ଠାବ

**ଆମେରିକା, କାନାଡା ନାଗରିକଙ୍କୁ ଟାର୍ଗେଟ କରାଯାଉଥିଲା**

ମୁମ୍ବାଇ,୧୦।୮

ମହାରାଷ୍ଟ୍ରର ନାଶିକ୍ ଅନ୍ତର୍ଗତ ଇଗତପୁରୀରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ସାଇବର ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ୍ କରିଛି। ଜାଲ୍ ଆମାଜନ ସପୋର୍ଟ କଲ୍ ସେଣ୍ଟର ଚଳାଇଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଆମେରିକା, କାନାଡା ଏବଂ ଅନ୍ୟ ଦେଶର ନାଗରିକମାନଙ୍କୁ ଟାର୍ଗେଟ କରୁଥିଲେ। ଏନେଇ ମୁମ୍ବାଇର ୬ ଜଣଙ୍କ ସମେତ କେତେଜଣ ଅଜଣା ବ୍ୟକ୍ତି ଓ ବ୍ୟାଙ୍କ ଅଫିସରଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ନିଜକୁ ଆମାଜନ କଷ୍ଟମର ସର୍ଭିସ୍ ଏଜେଣ୍ଟ ପରିଚୟ ଦେଇ ବିଦେଶୀମାନଙ୍କୁ ଠକୁଥିଲେ। ଗିଫ୍ଟ କାର୍ଡ କିମ୍ବା କ୍ରିପ୍ଟୋକରେନ୍ସି ପଠାଇବା ପାଇଁ ସେମାନେ ବିଦେଶୀଙ୍କୁ ଫିସିଂ କଲ୍ କରି ଠକୁଥିଲେ। ଉକ୍ତ କଲ୍ ସେଣ୍ଟରରେ ଡାଏଲର, ଭେରିଫାୟର, କ୍ଲୋଜର ଆଦି ବିଭିନ୍ନ ପଦବୀରେ ୬୦ ଜଣ ନିଯୁକ୍ତ ଥାଇ ଦୁର୍ନୀତି ଚଳାଇଥିଲେ। ସିବିଆଇ ଟିମ୍ ଚଢ଼ାଉ କଲାବେଳେ ୬୨ ଜଣଙ୍କୁ ଧରିଥିଲା। ଚଢ଼ାଉ ସମୟରେ ୪୪ଟି ଲାପ୍‌ଟପ୍, ୭୧ଟି ମୋବାଇଲ୍ ଫୋନ୍ ଏବଂ ଅପରାଧ ସମ୍ପର୍କିତ ଡିଜିଟାଲ ପ୍ରମାଣପତ୍ର ଜବତ ହୋଇଛି। ଏହା ବ୍ୟତୀତ ୧.୨ କୋଟି ନଗଦ ଟଙ୍କା, ୫୦୦ ଗ୍ରାମ ସୁନା, ୭ଟି ଦାମୀ କାର୍ ଓ ୧.୨୬ ଲକ୍ଷ ଟଙ୍କାର ଗିଫ୍ଟ କାର୍ଡ ଜବତ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଓ ଅର୍ଥ କାରବାରର ଚେର କେଉଁ ଆଡ଼କୁ ଯାଇଛି, ତାହା ଜାଣିବା ପାଇଁ ସିବିଆଇ ତଦନ୍ତ ଚଳାଇଛି।

## ବେଙ୍ଗାଲୁରୁ ମେଟ୍ରୋର ୟେଲୋ ଲାଇନ୍ ଉଦ୍‌ଘାଟିତ


ବେଙ୍ଗାଲୁରୁ,୧୦।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବହୁପ୍ରତୀକ୍ଷିତ ବେଙ୍ଗାଲୁରୁ ମେଟ୍ରୋ ରେଳର 'ୟେଲୋ ଲାଇନ୍'କୁ ଉଦ୍‌ଘାଟନ କରିଛନ୍ତି। ସହରର ଆଇଟି ହବ୍‌କୁ ସଂଯୋଗ କରୁଥିବା ଅଧିକାଂଶ ଗହଳି କରିଡରଗୁଡ଼ିକର ଭିଡ଼ କମ୍ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆର୍.ଭି. ରୋଡ୍ (ରାଗିଗୁଡ୍ଡା)ରୁ ଇଲେକ୍ଟ୍ରୋନିକ୍ ସିଟି ମେଟ୍ରୋ ଷ୍ଟେଶନ ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବା ସହ ସହଯାତ୍ରୀ ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ୭,୧୬୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଆର୍‌ଭି ରୋଡରୁ ବେଙ୍ଗାଲୁରୁ ମେଟ୍ରୋ ଫେଜ୍-୨ ପ୍ରକଳ୍ପର ବୋମ୍ମାସାଣ୍ଡ୍ରା ପର୍ଯ୍ୟନ୍ତ ୧୯ କିଲୋମିଟର ମଧ୍ୟରେ ୧୬ଟି ଷ୍ଟେଶନ ରହିଛି। ୟେଲୋ ଲାଇନ୍ ଉଦ୍‌ଘାଟନ ସହ ବେଙ୍ଗାଲୁରୁରେ ମେଟ୍ରୋ ରେଳ ନେଟ୍‌ୱାର୍କ ୯୬ କିଲୋମିଟରକୁ ବୃଦ୍ଧି ପାଇଛି। ୟେଲୋ ଲାଇନ୍ ପାଇଁ ୩ଟି ଟ୍ରେନ୍ ପହଞ୍ଚିଥିବାବେଳେ ମାସକ ମଧ୍ୟରେ ଆଉ ଏକ ଟ୍ରେନ୍ ଚାଲିବ ବୋଲି କର୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ କେଏସ୍‌ଆର୍ ବେଙ୍ଗାଲୁରୁ ଓ ବେଲାଗାଭି ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ କର୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ୍, ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, କେନ୍ଦ୍ରମନ୍ତ୍ରୀ ମନୋହରଲାଲ୍ ଖଟ୍ଟର, ଶୋଭା କରନ୍ଦଲାଜେ, ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାର ପ୍ରମୁଖ ଯୋଗଦେଇଥିଲେ।


ବେଙ୍ଗାଲୁରୁ ମେଟ୍ରୋ ରେଳ ନେଟ୍‌ୱର୍କର ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାଙ୍କ ସହ କଥା ହେଉଛନ୍ତି। ପାଖରେ ଅଛନ୍ତି କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର।

## 'ସବ୍‌କେ ବସ୍' ଭାରତର ଅଭିବୃଦ୍ଧିକୁ ଗ୍ରହଣ କରିପାରୁନାହାନ୍ତି: ରାଜନାଥ

ଭୋପାଳ,୧୦।୮



ରାଜନାଥ ସିଂ

ଭାରତର ଦ୍ରୁତ ଅଭିବୃଦ୍ଧିରେ ବୈଶ୍ୱିକ ଶକ୍ତିଗୁଡ଼ିକ ଈର୍ଷାନ୍ୱିତ ବୋଲି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକା ଟାରିଫ୍‌କୁ କଡ଼ା ସମାଲୋଚନା କରି କହିଛନ୍ତି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ 'ସବ୍‌କା ବସ୍' ଶବ୍ଦ ବ୍ୟବହାର କରି କହିଛନ୍ତି। ଭାରତକୁ ମହାଶକ୍ତିହେବାରୁକେହିଅଟକାଇପାରିବେ ନାହିଁ, ଏହା ତାଙ୍କର ଦୃଢ଼ ତଥା ସ୍ପଷ୍ଟ ବାର୍ତ୍ତା ବୋଲି ରାଜନାଥ କହିଛନ୍ତି।

ଭାରତର ଅଭିବୃଦ୍ଧିକୁ ଗ୍ରହଣ କରିବାକୁ କେତେଜଣ ଲୋକ ଅସମର୍ଥ। ସେମାନେ ଏହାକୁ ହଜମ କରିପାରୁ ନାହାନ୍ତି। 'ମୁଁ ତ ସମସ୍ତଙ୍କର ବସ୍, ଭାରତ କିପରି ଏତେ ଦ୍ରୁତ ଅଭିବୃଦ୍ଧି କରୁଛି' ବୋଲି ସେମାନେ କହୁଥିବା ଟ୍ରମ୍ପଙ୍କୁ ଲକ୍ଷ୍ୟ କରି ରାଜନାଥ କହିଛନ୍ତି। ଭାରତର ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଏବଂ ଭାରତ ପ୍ରସ୍ତୁତ ରପ୍ତାନି ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ଉଦ୍ୟମ ହେଉଛି। ମଧ୍ୟପ୍ରଦେଶରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତ ପ୍ରସ୍ତୁତ ସାମଗ୍ରୀକୁ ଅନ୍ୟ ଦେଶ ପାଇଁ ମହଙ୍ଗା କରି ଲୋକମାନଙ୍କୁ ଏହାଠାରୁ ଦୂରେଇ ରଖିବାକୁ ଉଦ୍ୟମ ହେଉଛି। ତେବେ ଭାରତ ଯେଉଁ ହାରରେ ଅଭିବୃଦ୍ଧି କରୁଛି, ଏହାକୁ ମହାଶକ୍ତି ହେବାରେ ବିଶ୍ୱର କୌଣସି ଶକ୍ତି ଅଟକାଇପାରିବ ନାହିଁ, ଏହା ମୁଁ ଦୃଢ଼ତାର ସହ କହିପାରେ। ରୁଷିଆରୁ ତୈଳ କିଣୁଥିବା ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଛି, ଯାହାକି ଅନୁଚିତ ଏବଂ ଅକାରଣ। ରାଇସେନ ଜିଲାର ଉମାରିଆ ଗ୍ରାମରେ ଭାରତ ଆର୍ଥ ମୁଭର୍ସ ଲିଃ (ବିଇଏମ୍‌ଏଲ୍)ର 'ବ୍ରହ୍ମା' ରେଲ୍ ହବ୍ ଫର୍ ମାନୁଫ୍ୟାକ୍ଚରିଂ ଉଦ୍‌ଘାଟନ କରିବା ଅବସରରେ ରାଜନାଥ ଅପରେଶନ ସିନ୍ଦୂର କଥା କହିଥିଲେ। ଭାରତକୁ ଆତ୍ମନିର୍ଭର କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ଅପରେଶନ ସିନ୍ଦୂରରେ ଭାରତୀୟ ସେନା ସ୍ୱଦେଶୀ ଯୁଦ୍ଧ ସରଞ୍ଜାମ ବ୍ୟବହାର କରିଥିଲା, ଯାହା ଏହି ଅଭିଯାନକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା ବୋଲି ରାଜନାଥ କହିଛନ୍ତି।

## ନକଲି ଥାନା: ୱେବ୍‌ସାଇଟ ଦେଖାଇ ଚାନ୍ଦା ମାଗୁଥିଲେ

ନଏଡ଼ା, ୧୦।୮




ଉତ୍ତରପ୍ରଦେଶର ନଏଡ଼ାରେ ଇଣ୍ଟରନ୍ୟାଶ୍‌ନାଲ ପୋଲିସ ଆଣ୍ଡ କ୍ରାଇମ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ ନାମରେ ଏକ ନକଲି କାର୍ଯ୍ୟାଳୟ ଚାଲୁଥିଲା। ଉକ୍ତ କାର୍ଯ୍ୟାଳୟ ମାଧ୍ୟମରେ ଜନସାଧାରଣଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ୬ ଅଭିଯୁକ୍ତଙ୍କୁ ଗୌତମ ବୁଦ୍ଧ ନଗର ପୋଲିସ ଗିରଫ କରିଛି। ଶନିବାର ବିଳମ୍ବିତ ରାତିରେ ନଏଡା ସେକ୍ଟର-୭୦ସ୍ଥିତ ବିଏସ୍-୧୩୬ ଠିକଣାରେ ପୋଲିସ ପହଞ୍ଚି ଏହି ନକଲି କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅନେକ ନକଲି ପରିଚୟପତ୍ର, ନକଲି ପ୍ରମାଣପତ୍ର, ଚେକ୍ ବୁକ୍, ଏଟିଏମ୍ କାର୍ଡ, ଭିଜିଟିଂ କାର୍ଡ, ସାଇନ୍‌ବୋର୍ଡ, ମୋବାଇଲ ଫୋନ୍ ଏବଂ ନଗଦ ୪୨,୩୦୦ ଟଙ୍କା ଜବତ କରାଯାଇଥିବା ସେ କହିଛନ୍ତି। ଅଭିଯୁକ୍ତମାନେ ପୋଲିସର ପରିଚୟ, ଜାଲ ପରିଚୟପତ୍ର ଏବଂ ବିଭିନ୍ନ ମନ୍ତ୍ରଣାଳୟର ଜାଲ କାଗଜପତ୍ରକୁ ବ୍ୟବହାର କରି ଲୋକଙ୍କଠାରୁ ଚାନ୍ଦା ଆଦାୟ କରି, ସେମାନଙ୍କୁ ଠକୁଥିଲେ। ସେମାନେ ଉକ୍ତ ନକଲି ପୋଲିସ ଷ୍ଟେଶନକୁ ଏକ ପ୍ରକୃତ ସରକାରୀ ସଂସ୍ଥାର କାର୍ଯ୍ୟାଳୟ ଭାବେ ସ୍ଥାପନ କରିଥିଲେ। ସେଠାରେ ପୋଲିସ ଲୋଗୋ ସମେତ ବିଭିନ୍ନ ମନ୍ତ୍ରଣାଳୟ ନାମରେ ନକଲି ପ୍ରମାଣପତ୍ରକୁ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତମାନେ ନିଜକୁ ଏକ ଅନ୍ତର୍ଜାତୀୟ ତଦନ୍ତକାରୀ ସଂସ୍ଥାର ସଦସ୍ୟ ଭାବେ ପରିଚୟ ଦେଇ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିଲେ। ସେମାନେ www.intlpcrib.in ନାମରେ ଏକ ୱେବ୍‌ସାଇଟ ତିଆରି କରିଥିଲେ ଏବଂ ଉକ୍ତ ୱେବ୍‌ସାଇଟ ମାଧ୍ୟମରେ ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରୁଥିଲେ। କିଛିଦିନ ତଳେ ଉକ୍ତ ନକଲି କାର୍ଯ୍ୟାଳୟକୁ ଭଡ଼ାରେ ନିଆଯାଇଥିଲା ଏବଂ ଏହା ମାତ୍ର ୧୦ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

## ଟ୍ରୋଲ୍ ହେଲେ ଅଲ୍ଲୁ

ମୁମ୍ବାଇ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ମୁମ୍ବାଇ ଏୟାରପୋର୍ଟରେ ଜଣେ ସୁରକ୍ଷା ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବାର ନଜରକୁ ଆସିଛନ୍ତି। ଅଲ୍ଲୁଙ୍କ ଏପରି ବ୍ୟବହାରକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଛନ୍ତି। ଅଲ୍ଲୁ ଶନିବାର ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିବା ପରେ ଏଣ୍ଟ୍ରି ଗେଟ୍ ନିକଟରେ ନିୟୋଜିତ ଥିବା ଜଣେ ସିଆଇଏସ୍‌ଏଫ୍ ଅଧିକାରୀ ସେ ପିନ୍ଧିଥିବା ମାସ୍କକୁ ହଟାଇବା ପାଇଁ କହିଥିଲେ। ଅଲ୍ଲୁଙ୍କ ପାସ୍‌ପୋର୍ଟରେ ଲାଗିଥିବା ଫଟୋ ଓ ତାଙ୍କ ଚେହେରାକୁ ମିଳାଇବା ପାଇଁ ସୁରକ୍ଷା ଅଧିକାରୀ ଜଣକ ଅଲ୍ଲୁଙ୍କୁ ମାସ୍କ ହଟାଇବା ପାଇଁ କହିଥିଲେ। ତେବେ ଅଲ୍ଲୁ ଏପରି ନ କରି ସିଆଇଏସ୍‌ଏଫ୍ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବା ନେଇ ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଅଲ୍ଲୁଙ୍କୁ ଟ୍ରୋଲ୍ କରିଛନ୍ତି। ଏୟାରପୋର୍ଟର ନିୟମ ସମସ୍ତଙ୍କ ପାଇଁ ସମାନ। ତେଣୁ ତାରକାମାନେ ମଧ୍ୟ ସାଧାରଣ ଲୋକଙ୍କ ପରି ଏୟାରପୋର୍ଟର ନିୟମକୁ ପାଳନ କରିବା ଉଚିତ ବୋଲି ବହୁ ୟୁଜର୍ସ କହିଛନ୍ତି।



# ଗିରଫ ପରେ ଜେଲଗଲେ ପୁରୁଷବନ୍ଧୁ ପ୍ରମୋଦ

## ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା

- ପ୍ରମୋଦଙ୍କ ମୋବାଇଲରୁ ମିଳିଛି ଅଶ୍ଳୀଳ ଭିଡିଓ, ଫଟୋ
- ଗିରଫ ପ୍ରତିବାଦରେ ଗ୍ରାମାଞ୍ଚଳ ଥାନା ଘେରାଉ

ପଟ୍ଟାମୁଣ୍ଡାଇ, ୧୦।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଗତ ୬ ତାରିଖରେ ଯୁକ୍ତ୩ ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କ ପୋଡ଼ି ହୋଇ ମୃତ୍ୟୁ ଘଟଣାରେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଘଟଣାର ୫ମ ଦିନରେ ଥାନା ଅନ୍ତର୍ଗତ ବିଲିକଣା ପଞ୍ଚାୟତ ତେରୋହୀ ଗ୍ରାମର ପୁରୁଷବନ୍ଧୁ ପ୍ରମୋଦ ବେହେରାଙ୍କୁ ରବିବାର ପୋଲିସ ଗିରଫ କରିଛି। ସଙ୍ଗୀତାଙ୍କ ବାପା ଶଶିକାନ୍ତ ଘଟଣାର ୪ ଦିନ ପରେ ଶନିବାର ଦ୍ୱିତୀୟ ଥର ପାଇଁ ଦେଇଥିବା ଏତଲାରେ ପ୍ରମୋଦଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଭାରତୀୟ ନ୍ୟାୟ ସଂହିତା ୨୯୬, ୭୫, ୭୮, ୧୦୮, ୬୬ ଇ, ୬୭ ଏ ପରି ଦଫା ଲଗାଇ ନଂ. ୨୮୪/୨୫ରେ ମାମଲା ରୁଜୁ କରିଥିଲା। ପ୍ରମୋଦଙ୍କ ଗିରଫ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଖବରଦାତା ସମ୍ମିଳନୀ କରି କହିଛନ୍ତି, ତଦନ୍ତ ସମୟରେ ତାଙ୍କ ମୋବାଇଲରୁ ସଙ୍ଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ଓ ଫଟୋ ମିଳିଛି। ଜୁଲାଇ ୧୭ ତାରିଖରେ ଏପରି ଭିଡିଓ ସଙ୍ଗୀତାଙ୍କ ବାପାଙ୍କ ମୋବାଇଲକୁ ପ୍ରମୋଦ ପଠାଇଥିଲେ। ସେହିପରି ଏହି ଭିଡିଓ ଭାଇରାଲ ପାଇଁ ୨ଜଣଙ୍କ ନିକଟକୁ ପଠାଯାଇଛି। ସଙ୍ଗୀତାଙ୍କ ମୃତ୍ୟୁ ପୂର୍ବରୁ



ଗିରଫ ପ୍ରମୋଦ ବେହେରା।

ସେ ପ୍ରମୋଦଙ୍କ ସହ ମୋବାଇଲ ଫୋନରେ କଥା ହୋଇଥିଲେ। ତେବେ ତାଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ପାଖ ପଡ଼ିଶାଙ୍କ ସିସିଟିଭିରୁ କେତେକ ସୂଚନା ମଧ୍ୟ ମିଳିଛି। ପ୍ରମୋଦଙ୍କ ଗିରଫ ପରେ ପଟ୍ଟାମୁଣ୍ଡାଇ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାର ସମସ୍ତ ତଥ୍ୟ ପରେ ଉତଥାପନର ହେବ। ସେତେବେଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

ପୁରୁଷବନ୍ଧୁ ପ୍ରମୋଦଙ୍କ ଗିରଫ ପ୍ରତିବାଦରେ ତାଙ୍କ ପରିବାର ମୃତା ଛାତ୍ରୀଙ୍କ ମା' ବାପାଙ୍କ ନାମରେ ଗ୍ରାମାଞ୍ଚଳ ଥାନାରେ ରବିବାର ଏତାଲା ଦେଇଛନ୍ତି। ତାଙ୍କ ପରିବାର ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଥାନାକୁ ଘେରାଉ କରିଛନ୍ତି। ଥାନା ଘେରାଉରେ ସାମିଲ ଥିବା



ପ୍ରମୋଦଙ୍କ ଗିରଫ ପ୍ରତିବାଦରେ ମହିଳାମାନେ ରବିବାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଘେରାଉ କରିଛନ୍ତି।

ପ୍ରମୋଦଙ୍କ ବାପା ଗଣେଶ୍ୱର ବେହେରା, ମା' ଶାନ୍ତିଲତା ବେହେରା କହିଛନ୍ତି, ସଙ୍ଗୀତା ଓ ପୁଅଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଦୀର୍ଘଦିନ ହେବ ରହିଛି। ତେବେ ସଙ୍ଗୀତାଙ୍କ ପରିବାର ଗରିବୀ ପାଇଁ ବିରୋଧ କରି ଆସୁଥିଲେ। ଏପରିକି ସଙ୍ଗୀତାଙ୍କୁ ବହୁବାର ନିର୍ଯାତନା ଦିଆଯାଇଛି। ମୃତ୍ୟୁରେ ପ୍ରମୋଦଙ୍କ କୌଣସି ହାତ ନାହିଁ। ଶଶିକାନ୍ତଙ୍କ ପରିବାର ସଙ୍ଗୀତାଙ୍କୁ ମାଡ଼ ମାରି ଜାଳିଦେଇଥିବା ପାରିପାର୍ଶ୍ୱିକ ସ୍ଥିତି ସୂଚନା ଦେଉଛି। ପ୍ରଥମ ଅଭିଯୋଗରେ ପ୍ରମୋଦଙ୍କ ନାମ ନ ଥିବାବେଳେ ଘଟଣାର ୪ ଦିନ ପରେ ଗ୍ରାମାଞ୍ଚଳ ଥାନାରେ ଶଶିକାନ୍ତଙ୍କ ଅଭିଯୋଗ ପୁଅକୁ ଫସେଇବା ପାଇଁ ହୋଇଛି। ନ୍ୟାୟ ନ ମିଳିଲେ ପରିବାରର ସମସ୍ତ ସଦସ୍ୟ ଆତ୍ମାହୁତି ଦେବେ ବୋଲି କହିଛନ୍ତି। ଏହି ଘଟଣା ପରେ ଗ୍ରାମାଞ୍ଚଳ ଥାନାରେ ଅଧିକ ପୋଲିସ ବଳ ମୁତୟନ ହୋଇଛି। ସେହିପରି ସତର୍କତାମୂଳକ ପଦକ୍ଷେପ ପାଇଁ ଦମକଳ ବାହିନୀ ସଜାଗ ଅଛି। ଅପରପକ୍ଷରେ ପ୍ରମୋଦଙ୍କ ଗିରଫ ପରେ ମଧ୍ୟ ସଙ୍ଗୀତାଙ୍କ ମୃତ୍ୟୁ ରହସ୍ୟ ପରଦା ଆଢ଼ୁଆଳରେ ଅଛି। ସେ ଜଳିଗଲେ ନା ତାଙ୍କୁ ଜାଳିଦିଆଗଲା, ସେ ସମ୍ପର୍କରେ ଜିଲା ପୋଲିସର ତଦନ୍ତ ଏବେ ବି ଜାରି ରହିଛି। ସଙ୍ଗୀତାଙ୍କ ମୃତଦେହ କାଠିଆପଡ଼ାସ୍ଥ ବନ୍ଦ ଘର ମଧ୍ୟରେ ଗତ ୬ ତାରିଖରେ ଜବତ ହୋଇଥିଲା। ଦେହରେ ନିଆଁ ଲାଗି ପୋଡ଼ି ହୋଇଯାଇଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ବାପା ଶଶିକାନ୍ତଙ୍କ ଏତଲା ପରେ ଏସ୍‌ପି କାଟାରିଆଙ୍କ ନେତୃତ୍ୱରେ ତଦନ୍ତ ଚାଲିଛି। ଶନିବାର କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏହି ମୃତ୍ୟୁ ମାମଲା ସମ୍ପର୍କରେ ଏସ୍‌ପି କାଟାରିଆଙ୍କ ସହିତ ସମୀକ୍ଷା କରିଥିଲେ। ଏହାପରେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

# ଗ୍ୟାସ୍ ସିଲିଣ୍ଡର ଫାଟି ପରିବାରର ୩ ଗୁରୁତର

## ଏମ୍ସରେ ଚିକିତ୍ସିତ ହେଉଛନ୍ତି

ବଅଁରପାଳ, ୧୦।୮ (ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋ ନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମର ବ୍ରାହ୍ମଣୀ ଦେବୀ ପୀଠ ସମ୍ମୁଖ ଏକ ଆଜବେଷ୍ଟସ୍ ଘର ଭିତରେ ଶନିବାର ମଧ୍ୟରାତ୍ରିରେ ଗ୍ୟାସ୍ ସିଲିଣ୍ଡର ଫାଟି ଗୋଟିଏ ପରିବାରର ୩ ଗୁରୁତର ହୋଇଛନ୍ତି। ଗୁରୁତର ଆହତଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ଅନୁଗୋଳ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ରାତ୍ରିରେ ସପରିବାର କବାଟ ବନ୍ଦ କରି ଶୋଇବାକୁ ଯାଇଥିଲେ। ମଧ୍ୟରାତ୍ରି ପ୍ରାୟ ୧ଟା ୩୦ରେ ହଠାତ୍ ଭୟଙ୍କର ଶବ୍ଦରେ ଗ୍ୟାସ ଟାଙ୍କି ଫାଟିଥିଲା। ପରିବାର ଲୋକ କିଛି ବୁଝିପାରି ନ ଥିଲେ। ଘର ଭିତରେ ପୁଅ ଜିଗ୍ନେଶ ପ୍ରଧାନ(୨୦), ମା' ରତ୍ନମଞ୍ଜରୀ ପ୍ରଧାନ(୫୩), ବାପା ବିଭୂତି ଭୂଷଣ ପ୍ରଧାନ(୫୫)ଥିଲେ। ଧୂଆଁ ଅନ୍ଧାରରେ ଗ୍ରିଲ ତାଲା ଭାଙ୍ଗି ପୁରା ପରିବାର ବାହାରକୁ ଆସିଥିଲେ। ବିସ୍ଫୋରଣ ଶବ୍ଦ ଶୁଣି ପାଖ ପଡୋଶୀ ଓ ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବା କର୍ମଚାରୀ



ଭାଙ୍ଗିଯାଇଥିବା ସିଲିଣ୍ଡର ସହ ଅନ୍ୟାନ୍ୟ ଆସବାବପତ୍ର।

ଆସି ପ୍ରଥମେ ଆହତ ପରିବାରଙ୍କୁ ସ୍ଥାନୀୟ ନାଲ୍‌କୋ ଡାକ୍ତର ଖାନାକୁ ପଠାଇଥିଲେ। ପରେ ସେମାନଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ମା' ରତ୍ନମଞ୍ଜରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବିଭୂତି ଭୂଷଣ ସ୍ମେଲ୍ଟର ପ୍ଲାଣ୍ଟରେ ଠିକାଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଖବର ପାଇ ନାଲ୍‌କୋ ପୋଲିସ ଓ ଅନୁଗୋଳ ଅଗ୍ନିଶମ ବିଭାଗ ପରେ ନାଲ୍‌କୋ ସିପିପି ପ୍ଲାଣ୍ଟର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀଙ୍କ କହିବା ଅନୁଯାୟୀ ଘର ଭିତରେ ଚୁଲା ବ୍ୟବହାର ହୋଇ ନଥିବା ୨ଟି ଗ୍ୟାସ ସିଲିଣ୍ଡର ଓ ସିଲିଣ୍ଡରକୁ ଲାଗି ଏକ ସ୍କୁଟର ରହିଥିଲା। ପାଖରେ ଥିବା ବିଦ୍ୟୁତ୍ ବୋର୍ଡରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଶର୍ଟସର୍କିଟ ହେବାପରେ ଗାଡ଼ିର ପେଟ୍ରୋଲ ନିଆଁ ଜଳିବାରେ ସହାୟକ ହୋଇଥିଲା। ପେଟ୍ରୋଲରେ ପ୍ରଥମେ ନିଆଁ ସଂଯୋଗ ହେବା ଫଳରେ ପାଖରେ ଥିବା ଗ୍ୟାସ ଟାଙ୍କି ପ୍ରଭାବିତ ହୋଇ ଟାଙ୍କି ଉଚ୍ଚ ଶବ୍ଦରେ ଫାଟିଥିଲା। ୩ ଟି ଘରର ଆଜ୍‌ବେଷ୍ଟସ୍ ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଥିବାବେଳେ ସମସ୍ତ ଆସବାବପତ୍ର ପୋଡ଼ି ଛାରଖାର ହୋଇଯାଇଥିଲା। ଘରେ ଥିବା ନଗଦ ୧୫ହଜାର ଟଙ୍କା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ପରିତ୍ୟକ୍ତ ଅଙ୍ଗନୱାଡି ଛାତରୁ ନାବାଳକଙ୍କ ମୃତଦେହ ଜବତ

ଯୋଡ଼ା, ୧୦।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ବିଲେଇପଦାସ୍ଥିତ ଏକ ପରିତ୍ୟକ୍ତ ଅଙ୍ଗନୱାଡ଼ି ଗୃହ ଛାତ ଉପରୁ ଜଣେ ନାବାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। କିନ୍ତୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ କରେଣ୍ଟ ଲାଗି ମୃତ୍ୟୁ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ଆତ୍ମୀୟଙ୍କୁ ୪ ଲକ୍ଷ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ରବିବାର ସକାଳେ ଅଙ୍ଗନୱାଡ଼ି ଗୃହ ଛାତ ଉପରେ ଜଣେ ନାବାଳକ ଅଚେତ ଅବସ୍ଥାରେ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନାବାଳକଙ୍କୁ ଛାତ ଉପରୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଉକ୍ତ ଅଙ୍ଗନୱାଡ଼ି ଗୃହଟି ଦୀର୍ଘଦିନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ନୂତନ ଗୃହରେ ପିଲା ପାଠ ପଢୁଛନ୍ତି। ତେବେ ସେଠାକୁ ନାବାଳକ ଜଣକ କିପରି ଗଲେ, କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା, ତାହା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପ୍ରକାଶ କରିଛି।

# ବର୍ଷକ ଶିଶୁ ମୁଣ୍ଡରେ ପଶିଗଲା ଡେକ୍‌ଚି



ଶିଶୁ ମୁଣ୍ଡରୁ ଡେକ୍‌ଚି କଟାଯାଉଛି।

କାମାକ୍ଷାନଗର, ୧୦।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ମାନସ ଦାସଙ୍କ ପୁଅ ମନ୍ମଥ (୧ ବର୍ଷ ୪ମାସ) ଖେଳୁଥିବାବେଳେ ମୁଣ୍ଡରେ ଏକ ଡେକ୍‌ଚି ପଶିଯାଇଥିଲା। ପରିବାର ଲୋକେ ବହୁ ଚେଷ୍ଟା କରି ଶିଶୁ ମୁଣ୍ଡରୁ ଡେକଚିଟି ବାହାର କରିପାରି ନ ଥିଲେ। ଫଳରେ ଉପାୟଶୂନ୍ୟ ହୋଇ ପରିବାର ଲୋକେ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଗ୍ରାମରେ ପହଞ୍ଚି ସତର୍କତାର ସହ ଡେକ୍‌ଚିକୁ କାଟି ମୁଣ୍ଡରୁ ବାହାର କରିଥିଲେ। ପିଲାଟି ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ସୂଚନା ମିଳିଛି।

# ବଜ୍ରପାତରେ ନାବାଳକ ମୃତ, ୨ ଆହତ

କେନ୍ଦୁଝର, ୧୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ କୋଡିପଶା ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିବାବେଳେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ସ୍ଥାନୀୟ ଜନାର୍ଦ୍ଦନପୁର ଗ୍ରାମର ତେଜଶ କୁମାର ସାହୁ(୧୫)। ଆହତମାନେ ହେଲେ ବୈଦରାଜ ସାହିର ସମିତ ରଣସିଂହ(୧୭) ଏବଂ ଡାଙ୍ଗୁଣିଆ ସାହିର ଅଂଶୁ ନାଏକ(୧୬)।

ସୂଚନା ଅନୁଯାୟୀ, କେନ୍ଦୁଝର ସହରରୁ ୩ ସାଙ୍ଗ ଏକ ସ୍କୁଟିରେ ଗାଧୋଇବାକୁ କୋଡିପଶା ଡ୍ୟାମ୍‌କୁ ଯାଇଥିଲେ। ଡ୍ୟାମ୍ ତଟରେ ସ୍କୁଟି ରଖି ଗାଧୋଇବାକୁ ଯିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ବଜ୍ରପାତ ହୋଇଥିଲା। ୩ ସାଙ୍ଗ ବଜ୍ରପାତର ଶିକାର ହୋଇଥିବା ବେଳେ ଘଟଣାସ୍ଥଳରେ ତେଜଶଙ୍କ ମୃତ୍ୟୁ ହୋଇଛି। ସମିତ, ଅଂଶୁ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆହତଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୮୦/୨୦୨୫)ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

# ଡିଭାଇଡର୍‌ରେ ପିଟିହେଲା କାର୍: ଛାତ୍ର ମୃତ, ୫ ଗୁରୁତର

ଝାରସୁଗୁଡ଼ା, ୧୦।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସୁନାରୀମୁଣ୍ଡା ଛକରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାରରେ ଥିବା ୬ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ନୂଆଁ କେମ୍ପପଡାର କ୍ରିଷ୍ଣା ଯାଦବ (୧୫)। ଗୁରୁତର ହୋଇଥିବା ଉକ୍ତ ଗ୍ରାମର ଉମିତ୍ ଓରାମ, ମାନସ ସିଂ, ଚନ୍ଦନ ବାଦୀ, ଅମର ଯାଦବ ଓ ମେଘନାଦ ଟାରଦଲଙ୍କୁ ଚିକିତ୍ସା ଲାଗି ସମ୍ବଲପୁରସ୍ଥିତ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ାସ୍ଥିତ ଏକ ଘରୋଇ ସ୍କୁଲର କେତେଜଣ ଛାତ୍ର ଖୋ ଖୋ ଖେଳିବା ପାଇଁ ବାଲେଶ୍ୱର ଯାଇଥିଲେ। ସେଠାରୁ ଫେରିବା ପରେ ଝାରସୁଗୁଡ଼ା ରେଳଷ୍ଟେଶନରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଉପରୋକ୍ତ ୬ ଜଣ ଏକ କାର୍(ନଂ. ଓଡି୨୩ଏମ୍-୯୫୧୬)ରେ ଖୁସିରେ ବୁଲିବା ପାଇଁ ସୁନାରୀମୁଣ୍ଡାରୁ ଝାରସୁଗୁଡ଼ା ସହର



ଦୁର୍ଘଟଣାଗ୍ରସ୍ତ କାର୍।

ଅଭିମୁଖେ ଆସୁଥିଲେ। ହେଲେ ସୁନାରୀମୁଣ୍ଡା ଛକରେ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା। ଟାଉନ୍ ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଛାତ୍ରମାନଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ କ୍ରିଷ୍ଣାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ଏକ ମାମଲା (ନଂ.୩୩୭/୨୫) ରୁଜୁକରି ତଦନ୍ତ ଚଳାଇଛି।

# ଉତ୍ତରକାଶୀ ବିପର୍ଯ୍ୟୟ ପ୍ରଭାବିତଙ୍କୁ ପତଞ୍ଜଳିର ସହାୟତା

ଭୁବନେଶ୍ୱର, ୧୦।୮ (ଅନୁରାଧା ମହାରଣା)

ଉତ୍ତରକାଶୀର ଧରାଲୀରେ ଘଟିଥିବା ଭୟଙ୍କର ବନ୍ୟା ବିପର୍ଯ୍ୟୟରେ ପ୍ରଭାବିତଙ୍କୁ ପତଞ୍ଜଳି ଯୋଗପୀଠ ସହାୟତାର ହାତ ବଢ଼ାଇଛି। ଯୋଗପୀଠର ପରମାଧ୍ୟକ୍ଷ ବାବା ରାମଦେବ, ମହାମନ୍ତ୍ରୀ ଆଚାର୍ଯ୍ୟ ବାଲକୃଷ୍ଣ ଏବଂ ପତଞ୍ଜଳି ଫୁଡ୍ସର ଏମ୍‌ଡି ରାମଭରତ ପ୍ରାରମ୍ଭିକ ପର୍ଯ୍ୟାୟରେ ୩ ଟ୍ରକ ରିଲିଫ୍ ସାମଗ୍ରୀ ପଠାଇଛନ୍ତି। ସ୍ୱାମୀ ରାମଦେବ କହିଛନ୍ତି, ଏହି ବିପର୍ଯ୍ୟୟରେ ଯେଉଁମାନେ ପ୍ରାଣ ହରାଇଛନ୍ତି, ସେମାନଙ୍କୁ ଫେରାଇ ଆଣିବା ଅସମ୍ଭବ। ମାତ୍ର ବନ୍ୟାରେ ପ୍ରଭାବିତ ପ୍ରାୟ ୫୦୦ ପରିବାରଙ୍କ ପାଇଁ ନିତ୍ୟ ଆବଶ୍ୟକ ସାମଗ୍ରୀ ଅଟା, ଚାଉଳ, ଡାଲି, ଲୁଣ, ମସଲା, ବାସନ, ଟୁଥ୍‌ପେଷ୍ଟ, ବ୍ରଶ, ସାବୁନ ଆଦି ପଠାଯାଉଛି। ପାଗ ଅନୁକୂଳ ହେଲେ ଆହୁରି ସାହାଯ୍ୟ





ବନ୍ୟା ବିପର୍ଯ୍ୟୟରେ ପ୍ରଭାବିତଙ୍କ ପାଇଁ ପତଞ୍ଜଳି ଯୋଗପୀଠ ପକ୍ଷରୁ ରିଲିଫ୍ ସାମଗ୍ରୀ ପଠାଯାଉଛି।

କରାଯିବ। ସେ ବହୁରାଷ୍ଟ୍ରୀୟ କମ୍ପାନୀ ଏବଂ ବଡ଼ ବଡ଼ ସ୍ୱଦେଶୀ କମ୍ପାନୀମାନଙ୍କୁ ଟାର୍ଗେଟ କରି କହିଛନ୍ତି, ଏହି କମ୍ପାନୀଗୁଡ଼ିକ ଉତ୍ତରାଖଣ୍ଡରେ କେବଳ ଅର୍ଥ ରୋଜଗାର କରିବା ପାଇଁ ଆସନ୍ତି। ବିପଦ ସମୟରେ ମଧ୍ୟ ସେମାନେ ସାହାଯ୍ୟ ପାଇଁ ଆଗେଇ ଆସିବା ଉଚିତ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ନଦୀ ଓ ଝରଣା କୂଳରେ ବସତି ଗଢ଼ାଯାଇଛି, ଯାହା ଉପରେ ପୁନର୍ବିଚାର ଆବଶ୍ୟକ ବୋଲି ସେ କହିଛନ୍ତି। ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ପତଞ୍ଜଳି ପୂର୍ବରୁ ୨୦୦୪ର ସୁନାମୀ, ୨୦୦୮ରେ ବିହାର ବନ୍ୟା, ୨୦୧୩ରେ କେଦାରନାଥ ବନ୍ୟା ଓ ନେପାଳ ଭୂମିକମ୍ପ ସମୟରେ ସାହାଯ୍ୟ କରିଛି। ଏହି ପ୍ରତିବଦ୍ଧତା ଆଗକୁ ମଧ୍ୟ ଜାରି ରହିବ।

# ପିକ୍‌ଅପ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ମୁନିଗୁଡା, ୧୦।୮ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଦେଓକୁପୁଲି ଛକ ନିକଟରେ ରବିବାର ରାତି ପ୍ରାୟ ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଭ୍ୟାନ ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ପିକଅପ୍ ଭ୍ୟାନ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ବାଇକ୍‌ରେ ବସିଥିବା ଜଣେ ୫ବର୍ଷର ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ମୁନିଗୁଡ଼ା ପୋଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସୁଦ୍ଧା ୨ ମୃତକଙ୍କ ପରିଚୟ ମିଳିପାରି ନାହିଁ।






ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍-୨୦୨୫ର ଜୁନିୟର ବର୍ଗ ଗ୍ରାଣ୍ଡ ଫାଇନାଲ୍ସରେ କୁଇଜ୍ ମାଷ୍ଟର ଅଜୟ ପୁନିଆ ପ୍ରତିଯୋଗୀମାନଙ୍କୁ ପ୍ରଶ୍ନ ପଚାରୁଛନ୍ତି।

# ଉତ୍ତର ପାଇଁ କସରତ
























‘ମେଟଲ୍ ମିଟ୍ ୨୦୨୫’ ଫାଇନାଲ୍ସର ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରତିଯୋଗିତା ସମ୍ପର୍କରେ ଉଦ୍‌ବୋଧନ ଦେଉଛନ୍ତି ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ



କୁଇଜ୍ ମାଷ୍ଟର ଅଜୟ ପୁନିଆ













ଗ୍ରାଣ୍ଡ ଫାଇନାଲ୍ସରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ଅତିଥି।






ପୁରସ୍କୃତ ହୋଇଥିବା ଓଡ଼ିଶାପୋଷ୍ଟର ‘ଡେଲି କୁଇଜ୍’ ପ୍ରତିଯୋଗିତାର ବିଜେତାମାନେ।





ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ ଜୁନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଭୁବନେଶ୍ୱର ଏବଂ ଦ୍ୱିତୀୟ ରନରଅପ୍ ଲୟୋଲା ସ୍କୁଲ ଭୁବନେଶ୍ୱର ଟିମ୍‌କୁ ଓଡ଼ିଶାପୋଷ୍ଟ ଏବଂ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଅଜନ୍ତା ଆଡଭର୍ଟାଇଜର୍ସର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ପୁରସ୍କାର ବାବଦ ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ।





ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ ସିନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ ଆଇଆଇଟି ଖଡ଼ଗପୁର ଏବଂ ଦ୍ୱିତୀୟ ରନରଅପ୍ ଆଇଆଇଏମ୍ କାଲ୍‌କାଟା ଟିମ୍‌କୁ ପୁରସ୍କାର ବାବଦ ଚେକ୍ ପ୍ରଦାନ କରାଯାଉଛି।







ଗ୍ରାଣ୍ଡ ଫାଇନାଲ୍ସରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି, ଅତିଥି, ଛାତ୍ରୀଛାତ୍ର ଓ ଅଭିଭାବକମାନେ।



ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଦ୍ୱାରା ସମ୍ମାନିତ ହୋଇଥିବା କାର୍ଯ୍ୟକ୍ରମର ପ୍ରାୟୋଜକମାନେ।



ଗ୍ରାଣ୍ଡ ଫାଇନାଲ୍ସର ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଜଣେ ବିଜେତାଙ୍କୁ ପୁରସ୍କୃତ କରାଯାଇଛି।




ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ର ସେଲ୍‌ଫି ପଏଣ୍ଟରେ ଛାତ୍ରୀଛାତ୍ରମାନେ। (ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର/ଜ୍ୟୋତିରଞ୍ଜନ ସାହୁ)

# କ'ଣ କୁହନ୍ତି ବିଜେତା ଟିମ୍

## ■ ତୃତୀୟ ଥର ବିଜେତା ହୋଇଥିବାରୁ ଖୁସି ଲାଗୁଛି

ଆଜିର ସଫଳତା ପାଇଁ ବହୁତ ପରିଶ୍ରମ କରିଥିଲୁ। ଚଳିତ ବର୍ଷ ପୁରସ୍କାର ଜିତିବା ପାଇଁ ବହୁ ପରିଶ୍ରମ କରିଥିଲୁ। ପୂର୍ବଥର ଅପେକ୍ଷା ଏଥର ପ୍ରଶ୍ନ କଷ୍ଟ ଥିଲା। ପ୍ରତିଦ୍ୱନ୍ଦ୍ୱୀଙ୍କୁ କ'ଣ ପ୍ରଶ୍ନ ପଚରା ଯାଉଛି ସେକଥା ନ ଭାବି ନିଜ ପ୍ରଶ୍ନ ଉପରେ ଅଧିକ ଧ୍ୟାନ ଦେଉଥିଲୁ। ଓଡ଼ିଶା ଭିତର ବାହାରଠାରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମଧ ବହୁତ ପ୍ରଶ୍ନ ଆସିଥିଲା। ବିଜେତା ହୋଇଥିବାରୁ ବହୁତ ଖୁସି ଲାଗୁଛି। ଆମେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ନିୟମିତ ପଢୁଥିବାରୁ କେତେକ ପ୍ରଶ୍ନର ଉତ୍ତର ଦେବାରେ ସହାୟକ ହୋଇଥିଲା।

**- ପ୍ରୀତିମାନ ମିଶ୍ର, ଚାମ୍ପିୟନ ଟିମ୍ (ସିନିୟର), ଏମ୍‌ସ, ଭୁବନେଶ୍ୱର**

## ■ ପ୍ରଥମ ଥର ପୁରସ୍କାର ପାଇ ଖୁସି ଅଛୁ

ପ୍ରଥମ ଥର ମେଟଲ୍ ମିଟ୍ ଆସି ପ୍ରଥମ ରନରଅପ ହୋଇଥିବାରୁ ଖୁସି ଲାଗୁଛି। ପ୍ରଶ୍ନଗୁଡ଼ିକ ବିଭିନ୍ନ ବିଷୟରୁ ପଡ଼ିଥିଲା। ସୋସିଆଲ ମିଡିଆରେ ପୂର୍ବବର୍ଷଗୁଡ଼ିକର ମେଟଲ୍ ମିଟ୍ କାର୍ଯ୍ୟକ୍ରମରେ ପଚରା ଯାଇଥିବା ପ୍ରଶ୍ନ ଦେଖିଥିଲୁ। ଚଳିତବର୍ଷ ସଂସ୍କରଣରେ ତୁଳନାତ୍ମକ ଭାବେ କଷ୍ଟ ପ୍ରଶ୍ନ ଥିଲା। ପ୍ରତିଯୋଗିତାରେ ଆସି ଆମେ ଜିତିଥିବାରୁ ଆମ ଟିମ୍ ବହୁତ ଆନନ୍ଦିତ।

**- ପ୍ରଖର ଶ୍ରୀଗୁରୁ, ପ୍ରଥମ ରନରଅପ୍ (ସିନିୟର), ଆଇଆଇଟି, ଖଡ଼ଗପୁର**

## ■ ଆସନ୍ତା ସଂସ୍କରଣରେ ବିଜେତା ହେବାକୁ ଚେଷ୍ଟା କରିବୁ

ଆମେ ପ୍ରଥମଥର ପାଇଁ ମେଟଲ୍ ମିଟ୍‌ରେ ଯୋଗ ଦେଇଥିଲୁ। ବିଭିନ୍ନ କୁଇଜ୍ ପ୍ରତିଯୋଗିତାରେ ଯୋଗ ଦେଇଥିଲୁ, କିନ୍ତୁ ମେଟଲ୍ ମିଟ୍‌ର ଅନୁଭୂତି ବହୁତ ଭଲ ଥିଲା। ପ୍ରଶ୍ନଗୁଡ଼ିକ ଅତି ଉଚ୍ଚକୋଟୀର ଥିଲା। ପୂର୍ବବର୍ଷର ମେଟଲ୍ ମିଟ୍ କାର୍ଯ୍ୟକ୍ରମର ଭିଡିଓ ଦେଖିଥିଲୁ। କିନ୍ତୁ ଚଳିତ ବର୍ଷ ଫର୍ମାଟ୍ କିଛିମାତ୍ରାରେ ଭିନ୍ନ ଥିଲା। ବିଜୟୀ ହେବୁ ବୋଲି ଆଶା ଥିଲା, କିନ୍ତୁ ଦ୍ୱିତୀୟ ରନରଅପ୍ ହୋଇଛୁ। ଆସନ୍ତାବର୍ଷକୁ ପୁଣି ଯୋଗଦେଇ ବିଜେତା ହେବାକୁ ଚେଷ୍ଟା କରିବୁ।

**- ଆର୍ଯ୍ୟା ଅରୁଣ, ଦ୍ୱିତୀୟ ରନରଅପ୍ (ସିନିୟର), ଆଇଆଇଏମ୍ କାଲ୍‌କାଟା**

## ■ ଦ୍ୱିତୀୟ ଥର ବିଜେତା ହୋଇଥିବାରୁ ଖୁବ୍ ଆନନ୍ଦିତ

ଦ୍ୱିତୀୟଥର ପାଇଁ ମେଟଲ୍ ମିଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଖୁବ୍ ଆନନ୍ଦିତ ଅଛୁ। ଗତଥର ଭଳି ଚଳିତ ସଂସ୍କରଣରେ ଆମେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଥିଲୁ, ଯାହାର ଫଳ ଆମେ ପାଇଛୁ। ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଟ୍ରିକି ଥିଲେ ମଧ ସେଗୁଡିକୁ ଠିକ୍ ଭାବେ ବୁଝି ଉତ୍ତର ଦେଇଥିବାରୁ ବିଜେତା ହୋଇପାରିଛୁ।

**- ସାଇ ଅରୂପ ଦାସ, ଚାମ୍ପିୟନ ଟିମ୍, ଡିଏଭି ୟୁନିଟ୍-୮, ଭୁବନେଶ୍ୱର**

## ■ ବିଜେତା ହେବାକୁ ଚେଷ୍ଟା କରିବୁ

ଆମ ଟିମ୍ ଜୁନିୟର କୁଇଜ ପ୍ରତିଯୋଗିତାର ଦ୍ୱିତୀୟ ସ୍ଥାନରେ ରହିଛି। ବଜର୍‌ରେ ଠିକ୍ ସମୟରେ କ୍ଲିକ୍ କରି ନ ଥିବାରୁ ଆମେ ଅଧିକ ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲୁ। ଆସନ୍ତା ସଂସ୍କରଣରେ ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତି କରିବୁ। ବିଜେତା ହେବାକୁ ଚେଷ୍ଟା କରିବୁ।

**- ଆଦ୍ୟୋୟା ଷଡ଼ଙ୍ଗୀ, ପ୍ରଥମ ରନରଅପ୍ (ଜୁନିୟର), କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର**

## ■ ଶେଷ ୩ଟି ପ୍ରଶ୍ନ ଜିତିବାରେ ସହାୟକ ହେଲା

ପ୍ରଥମରୁ ଆମେ ଜିତିବା କଷ୍ଟକର ହୋଇଥିଲା। ହେଲେ ଶେଷ ୩ଟି ପ୍ରଶ୍ନର ଉତ୍ତର ଦେଇପାରିଥିବାରୁ ତାହା ଆମ ପାଇଁ ଜିତିବାରେ ସହାୟକ ହୋଇଥିଲା। ଆମେ ବିଜେତା ହୋଇ ଖୁସି ଅଛୁ। ପରବର୍ତ୍ତୀ ସଂସ୍କରଣରେ ଚାମ୍ପିୟନ ହେବାକୁ ଚେଷ୍ଟା କରିବୁ।

**- ସୋଭିତ ଲେଙ୍କା, ଦ୍ୱିତୀୟ ରନରଅପ୍ (ଜୁନିୟର), ଲୟୋଲା ସ୍କୁଲ, ଭୁବନେଶ୍ୱର**



ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା



# ହାତୀ ସହ ମଣିଷ

ନିୟମିତ ବ୍ୟବଧାନରେ ହାତୀ ମୃତ୍ୟୁ ଖବର ପ୍ରକାଶ ପାଇଆସୁଛି। ସ୍ୱାଭାବିକ ମୃତ୍ୟୁ ତୁଳନାରେ ବିଦ୍ୟୁତ୍ ଆଘାତ ଓ ଟ୍ରେନ୍ ଧକ୍କାରେ ଅଧିକ ହାତୀଙ୍କ ଜୀବନ ଯାଉଛି। ଏହାବ୍ୟତୀତ ଶିକାରୀମାନେ ଦାନ୍ତ ଲୋଭରେ ଏବଂ ହାତୀ ଖାଦ୍ୟ ଖୋଜି ଗ୍ରାମ ଭିତରକୁ ପ୍ରବେଶ କରିବା ଓ ଫସଲହାନି କରୁଥିବାରୁ ମୁଖ୍ୟତଃ ଗ୍ରାମବାସୀଙ୍କ ରୋଷର ଶିକାର ହୋଇ ଏହା ମୃତ୍ୟୁମୁଖରେ ପଡୁଛି। ୨୦୦୯-୧୦ ରୁ ୨୦୨୪-୨୫ ମଧ୍ୟରେ ଅର୍ଥାତ୍ ୧୫ ବର୍ଷ ଭିତରେ ଭାରତରେ ଟ୍ରେନ୍ ଧକ୍କାରେ ୧୮୬ ହାତୀଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ୧୪ଟି ରାଜ୍ୟର ୧୨୭ ରେଳପଥର ୩,୪୫୨ କିଲୋମିଟର ପରିବ୍ୟାପ୍ତ ଟ୍ରାକ୍‌ରେ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ଜଣାପଡ଼ିଛି। ଭାରତର ୬୯ ହଜାର କିଲୋମିଟର ରେଲ ନେଟୱାର୍କ ମଧ୍ୟରୁ ଅନେକ ଶହ କିଲୋମିଟର ଘଞ୍ଚ ଜଙ୍ଗଲ ପଥ ଦେଇ ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା କୁହାଯାଉଛି। ତେବେ ସେହିସବୁ ଅଞ୍ଚଳରେ ଲେଭଲ କ୍ରସିଂ, ର୍ୟାମ୍ପ୍, ବାରିକେଡିଂ ଓ ଟ୍ରେଞ୍ଚିଂ ଭିତ୍ତିଭୂମି ଗଠନ, ଅଣ୍ଡରପାସ ଏବଂ ଓଭରପାସ ନିର୍ମାଣ କରିବାକୁ ସର୍ଭେରେ ପ୍ରସ୍ତାବ ଦିଆଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହା ହାତୀ ମୃତ୍ୟୁ ରୋକିବାରେ କେତେ ସକ୍ଷମ ହୋଇପାରିବ ତାହା ଭବିଷ୍ୟତରେ ଜଣାପଡ଼ିବ। ଏକଥା ଚିନ୍ତା କଲାବେଳକୁ ହାତୀ ମୃତ୍ୟୁର ଅନ୍ୟ କାରଣଗୁଡ଼ିକ ଉପରେ ଗୁରୁତ୍ୱର ସହ ବିଚାର କରାଯିବା ଦରକାର। କାରଣ ଟ୍ରେନ୍ ଧକ୍କାରେ ଯେତିକି ହତୀଙ୍କର ମୃତ୍ୟୁ ହେଉଛି, ତାହାଠାରୁ କାହିଁ ଅଧିକ ପ୍ରାଣ ଯାଉଛି ବିଦ୍ୟୁତ୍ ଆଘାତ ଓ ଶିକାର ଯୋଗୁ। ଅନେକ ସମୟରେ ଜଙ୍ଗଲ ମଧ୍ୟରେ ଯାଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଙ୍କ ଜୀବନ ଯାଉଛି କିମ୍ବା ଲୋକମାନେ ସେମାନଙ୍କ ଫସଲ ରକ୍ଷା କରିବାକୁ ଯାଇ ତାର ବିଛାଇ ମାରି ଦେଉଛନ୍ତି। ୨୦୨୪ ତଥ୍ୟ ଅନୁଯାୟୀ, ଭାରତରେ ବିଗତ ୫ ବର୍ଷରେ ୭୩ ହାତୀ ଟ୍ରେନ୍ ଧକ୍କାରେ ଏବଂ ୩୯୨ ବିଦ୍ୟୁତ୍ ଆଘାତ ଯୋଗୁ ମୃତ୍ୟୁମୁଖରେ ପଡ଼ିଥିଲେ। ଉଲ୍ଲେଖନୀୟ ଯେ, ଓଡ଼ିଶାରେ ବିଦ୍ୟୁତ ଆଘାତ ଯୋଗୁ ଏହି ସମୟରେ ୭୧ ହାତୀ ମରିଥିଲେ, ଯାହା ଦେଶରେ ଥିଲା ସର୍ବାଧିକ।

ସରକାରୀ ସ୍ତରରେ ସବୁ ଚାହିଦାକୁ ପୂରଣ କରାଯାଇପାରିବ ନାହିଁ। ଏଭଳି ସ୍ଥଳେ ସାମାଜିକ ଓ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନକୁ ସବୁ ଦିଗରୁ ସହଯୋଗ ମିଳିଲେ ପରିବର୍ତ୍ତନ ବଡ଼ ଆକାରରେ ଆସିପାରନ୍ତା। ୭ ଅଗଷ୍ଟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶ ଖରାଖାଇ ପଡ଼ିଆରେ 'ବିକାଶ ସାଥୀ' ସଙ୍ଗଠନ ଦ୍ୱାରା ଆରମ୍ଭ କରାଯାଇଥିବା 'ହାତୀ ସଭା' ଏକ ଅଭିନବ ଚିନ୍ତାର ବାର୍ତ୍ତା ଦେଇଛି।

ନିକଟରେ ଓଡ଼ିଶା ସରକାରଙ୍କ ୨୦୨୫ ତଥ୍ୟ ମଧ୍ୟ ଦର୍ଶାଇଛି ଯେ, ଟ୍ରେନ ଦୁର୍ଘଟଣା ତୁଳନାରେ ବିଦ୍ୟୁତ୍ ଆଘାତ ଯୋଗୁ ଅଧିକ ହାତୀଙ୍କର ମୃତ୍ୟୁ ଘଟିଛି। ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୫ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ବିଭିନ୍ନ କାରଣରୁ ୪୮୦ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ସେଥିରେ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ୯୫ ଓ ଟ୍ରେନ ଦୁର୍ଘଟଣାରେ ୧୫ ହାତୀଙ୍କର ପ୍ରାଣ ଯାଇଛି। ୨୦୧୮ରେ ଢେଙ୍କାନାଳର କମଳାଙ୍ଗ ଗାଁ ନିକଟରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକାବେଳକେ ୭ଟି ହାତୀଙ୍କ ମୃତ୍ୟୁ ହେବା ଓଡ଼ିଶାରେ ହାତୀ ମୃତ୍ୟୁ ଇତିହାସର ଏକ ବଡ଼ ଘଟଣା ଥିଲା। ଏହାପରେ ଚିନ୍ତା କରାଯାଉଥିଲା ଏଭଳି ଘଟଣାର ପୁନରାବୃତ୍ତି ଘଟିବ ନାହିଁ। କିନ୍ତୁ ହାତୀ ସୁରକ୍ଷା ଦିଗରେ ସେଭଳି କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ହାତୀ ମୃତ୍ୟୁ ରୋକିବା ପାଇଁ କରାଯାଉଥିବା ଯୋଜନା ଓ ତାହାର କାର୍ଯ୍ୟକାରିତା ଭିତରେ ବହୁତ ପ୍ରଭେଦ ଥିବା ଭଳି ମନେହେଉଛି।

ପ୍ରତିକାର ସ୍ୱରୂପ ଜନବସତି ନିକଟରେ ଯେଉଁ ବିଦ୍ୟୁତ୍ ଲାଇନ ରହୁଛି ତାହାକୁ ଠିକ୍ ଭାବେ ଦେଖାଯାଉନାହିଁ କିମ୍ବା ଜନସାଧାରଣ ତାର ବିଛାଇ ହାତୀ ମାରିଦେବା ଘଟଣାରେ ବନ ବିଭାଗର ଦାୟିତ୍ୱହୀନତା ପ୍ରମାଣିତ ହେଉଛି। ଏକ ରିପୋର୍ଟରୁ ଜଣାପଡ଼ିଛି, ଭାରତବର୍ଷରେ ହାତୀ ଓ ମଣିଷ ମୃତ୍ୟୁରେ ଓଡ଼ିଶା ସବୁଠୁ ଆଗରେ ରହିଛି। ତେଣୁ ଅସ୍ୱାଭାବିକ ସ୍ଥିତିକୁ ପାର କରିବା ପାଇଁ କେବଳ ଟ୍ରେନ୍ ଭିତ୍ତିଭୂମି ବିକାଶ ବେଳେ ହାତୀ ସୁରକ୍ଷା ବିଷୟ ପର୍ଯ୍ୟାପ୍ତ ହେବ ନାହିଁ। ଏଥିସହିତ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦିଆଯିବା ଉଚିତ। ଜଙ୍ଗଲରେ କୃତ୍ରିମ ହ୍ରଦ ସୃଷ୍ଟି କରିବା ସହ ଖାଦ୍ୟ ପାଇଁ ବିଭିନ୍ନ ଫଳଜାତୀୟ ବୃକ୍ଷ ବଢ଼ାଇବାର ଆବଶ୍ୟକତା ପଡ଼ିଲାଣି। ବିକାଶ ପାଇଁ ଜଙ୍ଗଲ ଓ ଜନ୍ତୁଙ୍କୁ ଅଣଦେଖା କରାଗଲେ ମଣିଷ ତିଷ୍ଠିବା କଷ୍ଟକର ହେବ। ଶିକାରୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ଅଧିକ ସଂଖ୍ୟକ ଫରେଷ୍ଟଗାର୍ଡ ସହିତ ଅତ୍ୟାଧୁନିକ କ୍ୟାମେରା ଭଳି ନୂତନ ପ୍ରଯୁକ୍ତି ବ୍ୟବହାର କରାଯିବା ଦରକାର। ଏଥିସହ ହାତୀ କରିଡର (ହାତୀ ଚଲାପଥ) ନିର୍ମାଣ ସକାଶେ ବହୁ ଦଶନ୍ଧି ଧରି ଆଲୋଚନା ହେବା ସତ୍ତ୍ୱେ ଓଡ଼ିଶା ଭଳି ରାଜ୍ୟରେ କୌଣସି କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ ହେଉନାହିଁ। ସେଥିପାଇଁ ବାସ୍ତବ କ୍ଷେତ୍ରରେ ସ୍ଥିତିରେ ପରିବର୍ତ୍ତନ ଦେଖାଯାଉନାହିଁ। ଦୁଇ ହାତରେ ତାଳି ବାଜିବା ଭଳି ମନେରଖିବାକୁ ହେବ ଯେ, ହାତୀ ସୁରକ୍ଷା ସେତିକିବେଳେ ଶହେ ପ୍ରତିଶତ ହୋଇପାରିବ ଯେତେବେଳେ ସେମାନଙ୍କ ଚଲାପଥ ନିକଟରେ ବସବାସ କରୁଥିବା ଜନବସତିର ମଣିଷ ଜୀବନ ସହିତ ସମ୍ପତ୍ତି ସୁରକ୍ଷିତ ରହିବାର ବ୍ୟବସ୍ଥା କରାଯାଇପାରିବ। ଏଥିରେ ଜନସାଧାରଣଙ୍କ ସହଯୋଗ ସର୍ବାଗ୍ରେ ରହିବାର ଆବଶ୍ୟକତା ପଡ଼ିଲାଣି। କାରଣ ସରକାରୀ ସ୍ତରରେ ସବୁ ଚାହିଦାକୁ ପୂରଣ କରାଯାଇପାରିବ ନାହିଁ। ଏଭଳି ସ୍ଥଳେ ସାମାଜିକ ଓ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନକୁ ସବୁ ଦିଗରୁ ସହଯୋଗ ମିଳିଲେ ପରିବର୍ତ୍ତନ ବଡ଼ ଆକାରରେ ଆସିପାରନ୍ତା। ୭ ଅଗଷ୍ଟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶ ଖରାଖାଇ ପଡ଼ିଆରେ 'ବିକାଶ ସାଥୀ' ସଙ୍ଗଠନ ଦ୍ୱାରା ଆରମ୍ଭ କରାଯାଇଥିବା 'ହାତୀ ସଭା' ଏକ ଅଭିନବ ଚିନ୍ତାର ବାର୍ତ୍ତା ଦେଇଛି।

# ବୀମାଶିଳ୍ପରେ ଏଫ୍‌ଡିଆଇ ଅନାବଶ୍ୟକ



ଡ. ସନ୍ତୋଷ କୁମାର ମହାପାତ୍ର

ବିଦେଶୀ ବୀମା କମ୍ପାନୀଙ୍କ ସ୍ୱାର୍ଥ ପାଇଁ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବା ଏଫ୍‌ଡିଆଇ ସୀମାକୁ ୭୪%ରୁ ଶତ ପ୍ରତିଶତକୁ ବୃଦ୍ଧି କରିବାକୁ ସରକାର ବଦ୍ଧପରିକର। ଏଥି ପାଇଁ ରିଜର୍ଭ ବ୍ୟାଙ୍କର ଅନୁମୋଦନ ଆବଶ୍ୟକ ପଡ଼ିବ ନାହିଁ, ବରଂ ସିଧାସଳଖ ଆସିପାରିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ବୀମା ଆଇନ ଓ ନିୟମରେ ସଂଶୋଧନ କରିବାକୁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ସଂସଦୀୟ କମିଟି ସରକାରଙ୍କୁ ସତର୍କ କରିଦେଇଛି ଯେ ବିଦେଶୀ କମ୍ପାନୀ ଲାଭ ନିଜ ଦେଶକୁ ନେଇଯିବାର କୁପ୍ରଭାବ ଭାରତ ଉପରେ ପଡ଼ିପାରେ। ଅବଶ୍ୟ ବିଦେଶୀ କମ୍ପାନୀଗୁଡ଼ିକର ଆମର ଘରୋଇ ସଞ୍ଚୟ ଉପରେ ଅଧିକ ନିୟନ୍ତ୍ରଣ ରହିବ ଯାହା ଅର୍ଥନୀତି ପାଇଁ କ୍ଷତିକାରକ। ନିବେଶ ଏବଂ ଅଭିବୃଦ୍ଧିରେ ଘରୋଇ ସଞ୍ଚୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଆଶଙ୍କା କରାଯାଉଛି ଯେ ଏପରି ନିଷ୍ପତ୍ତି ଜାତୀୟକରଣର ପୂର୍ବ ଯୁଗକୁ ନେଇଯିବ ଯେତେବେଳେ ବୀମାଧାରୀଙ୍କ ଟଙ୍କା ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ଅପବ୍ୟବହାର କରାଯାଇଥିଲା।

ଏଫ୍‌ଡିଆଇ ସୀମା ବୃଦ୍ଧି ସପକ୍ଷରେ ଏକ ଯୁକ୍ତି ହେଉଛି ବିଦେଶୀ କମ୍ପାନୀ ଅଧିକ ପୁଞ୍ଜି ଆଣିବେ, ସ୍ୱାଧୀନ ଭାବେ କାର୍ଯ୍ୟ କରିବେ। କିନ୍ତୁ ବିଦେଶୀ କମ୍ପାନୀଗୁଡ଼ିକ ବର୍ତ୍ତମାନର ୭୪% ଏଫ୍‌ଡିଆଇ ସୀମାର କେବଳ ୩୨.୬୭% ବ୍ୟବହାର କରିଛନ୍ତି। ବହୁ କମ୍ ବିଦେଶୀ କମ୍ପାନୀ ୭୪% ଏଫ୍‌ଡିଆଇ ସୀମା ଛୁଇଁଛନ୍ତି। ୨୦୦୦ରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ, ଭାରତର ବୀମା କ୍ଷେତ୍ରରେ ୮୨,୮୪୭ କୋଟି ଟଙ୍କାର ଏଫ୍‌ଡିଆଇ ଆସିଥିଲା, ଯେଉଁଥିରୁ ଡିସେମ୍ବର ୨୦୧୪ରୁ ଜାନୁଆରୀ ୨୦୨୪ ମଧ୍ୟରେ ୫୩,୯୦୦ କୋଟି ଟଙ୍କା (୬.୫ ବିଲିୟନ ଡଲାର) ଏଫ୍‌ଡିଆଇ ଆସିଥିଲା। ପ୍ରାୟ ୯ଟି ବିଦେଶୀ ବୀମା କମ୍ପାନୀ ଭାରତୀୟ ବୀମା ବଜାରରୁ ତାଙ୍କ ପୁଞ୍ଜି ନେଇ ନିଜ ଦେଶକୁ ଚାଲିଯିବାବେଳେ ଗତ ଦଶ ବର୍ଷରେ କେବଳ ଦୁଇଟି ନୂତନ ଜୀବନ ବୀମା କମ୍ପାନୀ ଏହି କ୍ଷେତ୍ରରେ ପ୍ରବେଶ କରିଛନ୍ତି। ଏଫ୍‌ଡିଆଇ ବୃଦ୍ଧିକୁ ଜୋରଦାର ବିରୋଧ କରୁଥିବା ଅଲ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ଏମ୍ପ୍ଲଇଜ ଆସୋସିଏଶନ କହିଛି ଯେ ଏହି ବିଦେଶୀ କମ୍ପାନୀଗୁଡ଼ିକ ନିଜ ପୁଞ୍ଜିର ପ୍ରତ୍ୟାହାର ବା ଲାଭ ନିଜ ଦେଶକୁ ନେବା ବାବଦରେ ଆମ ଦେଶରୁ ୬୮,୭୪୦ କୋଟି ଟଙ୍କା ନେଇଛନ୍ତି। ଏହା ସୂଚାଉଛି ଯେ ଭାରତକୁ ବିଦେଶୀ ପୁଞ୍ଜି କ'ଣ ଆସିବ, ବରଂ ଭାରତୀୟମାନଙ୍କ ସଞ୍ଚୟ ବିଦେଶକୁ ଚାଲିଯାଉଛି।

ପ୍ରଚାର କରାଯାଉଛି ଯେ ଭାରତର ବୀମା କ୍ଷେତ୍ରରେ ଏଫ୍‌ଡିଆଇ ବୃଦ୍ଧି ଯୋଗୁ ଇନସ୍ୟୁରାନ୍ସ ପେନିଟ୍ରେଶନ ବା ବୀମା ପ୍ରବେଶ, ଇନସ୍ୟୁରାନ୍ସ ଡେନ୍‌ସିଟି (ବୀମା ଘନତା) ବୃଦ୍ଧି ପାଇବ ଏବଂ ବୀମା ସୁରକ୍ଷା ବ୍ୟବଧାନ ହ୍ରାସ ପାଇବ। ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟ ହାସଲ ହୋଇପାରିବ। କିନ୍ତୁ ଏଫ୍‌ଡିଆଇ ସୀମା ବୃଦ୍ଧି ସତ୍ତ୍ୱେ ଭାରତ ବିଶ୍ୱ ବୀମା ପ୍ରବେଶ ର୍ୟାଙ୍କିଂରେ ୨୫ତମ ସ୍ଥାନରେ ରହିଛି। ଭାରତରେ ବୀମା ପ୍ରବେଶ ହାର ଜିଡିପି ଅନୁସାରେ ବାର୍ଷିକ ପ୍ରିମିୟମର ଅନୁପାତ- ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇନାହିଁ। ୨୦୦୧ରେ ବୀମା ପ୍ରବେଶ ହାର ୨.୭୧% ଥିଲା, ଯାହା ୨୦୦୯-୧୦ରେ ୫.୨%କୁ ବୃଦ୍ଧିପାଇଥିଲା। ଏହା ୨୦୨୨-୨୩ରେ ୪% ଏବଂ ୨୦୨୩-୨୪ରେ ୩.୭%କୁ ହ୍ରାସ ପାଇଛି। ୨୦୨୩-୨୪ରେ ବିଶ୍ୱରେ ଏହା ହାରାହାରି ୭% ଥିଲା। ଜୀବନ ବୀମା କ୍ଷେତ୍ରର ପ୍ରବେଶ ହାର ୨୦୦୧ରେ ୨.୧୫%ରୁ ବୃଦ୍ଧି ପାଇ ୨୦୦୯-୧୦ରେ ୪.୬%ରେ ପହଞ୍ଚି ଥିଲା, ଯାହା ହ୍ରାସ ପାଇ ୨୦୨୨-୨୩ ରେ ୩% ଏବଂ ୨୦୨୩-୨୪ରେ ୨.୮% ହୋଇଛି। ଅପର ପକ୍ଷରେ ସାଧାରଣ ବୀମା ପ୍ରବେଶ ହାର ୨୦୦୧ରେ ୦.୫୬%ରୁ ବୃଦ୍ଧି ପାଇ ୨୦୦୯-୧୦ରେ ୦.୬% ଏବଂ ୨୦୧୦-୧୧ରେ ୦.୭% ହୋଇଛି। ୨୦୨୩-୨୪ ବର୍ଷ ସହିତ ଗତ ୪ ବର୍ଷରେ ପ୍ରାୟତଃ ୧% ରହିଛି। ପ୍ରକୃତରେ, ଭାରତର ଜୀବନ ବୀମା ପ୍ରବେଶ ହାର ବିଶ୍ୱ ହାର ୨.୯% ସହିତ ସମାନ ବା ଅଧିକ। କିନ୍ତୁ ବିଶ୍ୱରେ ସାଧାରଣ ବୀମା ପ୍ରବେଶ ହାର ୪.୨% ଥିଲାବେଳେ ଭାରତରେ ଏହା ୦.୯%। ଏହି ପାର୍ଥକ୍ୟର କାରଣ ହେଲା ଭାରତୀୟମାନେ ସାଧାରଣତଃ ଯାନବାହନ ବ୍ୟତୀତ ଅନ୍ୟ ସମ୍ପତ୍ତିର ସାଧାରଣ ବୀମା କରନ୍ତି ନାହିଁ।




ସେହିପରି ବୀମା ଘନତା- ପ୍ରତି ମୁଣ୍ଡପିଛା ବୀମା ପ୍ରିମିୟମ -୨୦୦୧ରେ ୧୧.୫ ଡଲାର ଥିଲା। ତାହା ୨୦୨୨-୨୩ରେ ୯୨ଡଲାର (୮,୦୩୫ ଟଙ୍କା) ଏବଂ ୨୦୨୩-୨୪ରେ ୯୫ଡଲାର (୮,୨୯୭ ଟଙ୍କା)ରେ ପହଞ୍ଚିଛି। ୨୦୨୩-୨୪ରେ ବିଶ୍ୱରେ ଏହା ହାରାହାରି ୮୮୯ ଡଲାର ଥିଲା। ୨୦୨୨-୨୩ ଏବଂ ୨୦୨୩-୨୪ ମଧ୍ୟରେ, ସାଧାରଣ ବୀମା ଘନତା ୨୨ ଡଲାରରୁ ୨୫ ଡଲାରକୁ ବୃଦ୍ଧି ପାଇଥିଲାବେଳେ ଜୀବନ ବୀମା ଘନତା ୭୦ ଡଲାରରେ ସ୍ଥିର ରହିଥିଲା। ବିଶ୍ୱ ହାରାହାରି ତୁଳନାରେ ଭାରତର ବୀମା ଘନତା କମ ହେବାର କାରଣ ହେଉଛି ଏହା ଟଙ୍କାରୁ ଡଲାରର ବିନିମୟ ହାରରେ (୮୫ ଟଙ୍କା =୧ ଡଲାର ) ପ୍ରକାଶ ହୁଏ, କିନ୍ତୁ କ୍ରୟ ଶକ୍ତି ସମାନତାରେ (୨୦.୬୦ଟଙ୍କା =୧ ଡଲାର ) ନୁହେଁ। ଏହା ବ୍ୟତୀତ ଯେତେବେଳେ ଭାରତ ମୁଣ୍ଡପିଛା ଜିଡିପି କ୍ଷେତ୍ରରେ ପ୍ରାୟ ୧୪୧ଦେଶ ପଛରେ ଅଛି ଏବଂ ଏକ ନିମ୍ନ ମଧ୍ୟମ ଆୟ ଦେଶ ଭାବରେ୨୦୦୭ରୁ ରହିଛି, ସେତେବେଳେ କେବଳ ଏଫ୍‌ଡିଆଇ ସୀମା ବୃଦ୍ଧିକଲେ ବୀମା ପ୍ରବେଶ ଓ ବୀମା ଘନତା ହାର ବୃଦ୍ଧି ପାଇବ ନାହିଁ। ଆଶ୍ଚର୍ଯ୍ୟଜନକ କଥା ଯେ, ଘରୋଇ ବୀମା କମ୍ପାନୀଗୁଡ଼ିକର ସଂଖ୍ୟା ବୃଦ୍ଧି ଏବଂ ଏଫ୍‌ଡିଆଇ ସୀମା ବୃଦ୍ଧି ସତ୍ତ୍ୱେ, ଭାରତରେ ବୀମା ସୁରକ୍ଷା ବ୍ୟବଧାନ ଭୟଙ୍କର। ବୀମା ସୁରକ୍ଷା ବ୍ୟବଧାନ (ଆଇପିଜି) ପ୍ରତ୍ୟେକ ଦେଶରେ ସମ୍ଭାବ୍ୟ ସର୍ବୋତ୍ତମ ବୀମା କଭରେଜ ଏବଂ ପ୍ରକୃତ କଭରେଜ ମଧ୍ୟରେ ପାର୍ଥକ୍ୟ ସୂଚାଇ ଥାଏ। ଅନ୍ୟ ଶବ୍ଦରେ, ଏହା ବୀମାଭୁକ୍ତ ନ ହେବା ଜନିତ କ୍ଷତିକୁ ସୂଚାଇଥାଏ। ୨୦୨୩ର ଜାତୀୟ ବୀମା ଏକାଡେମୀ (ଏନ୍‌ଆଇଏ) ଅଧ୍ୟୟନ ଅନୁସାରେ, ଭାରତରେ ବୀମା ସୁରକ୍ଷା ବ୍ୟବଧାନ ୨୦୧୯ରେ ୮୩% ଥିଲା ଏବଂ ତାହା୨୦୨୩ରେ ୮୭%କୁ ବୃଦ୍ଧି ପାଇଛି। ୧୮ରୁ ୩୫ବର୍ଷ ବୟସର ଯୁବକଙ୍କ ମଧ୍ୟରେ ଏହା ୯୦%ରୁ ଅଧିକ। ଏହାର ଅର୍ଥ ହେଉଛି ଅନେକ ଭାରତୀୟ ବୀମାଭୁକ୍ତ ହୋଇନାହାନ୍ତି। ଏହା ପରିବାରର ଆର୍ଥିକ ସୁରକ୍ଷା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି। ବିଦେଶୀ କମ୍ପାନୀଙ୍କ ସଂଖ୍ୟା ବଢ଼ିଲେ ଏହା ଦୂର ହେବ ନାହିଁ। କାରଣ ଯେତେବେଳେ ବିଶ୍ୱ ବ୍ୟାଙ୍କ ଅନୁଯାୟୀ ୩୫ କୋଟି ଭାରତୀୟ ଭଲ ଜୀବନ ଯାପନ କରିପାରୁ ନାହାନ୍ତି ଏବଂ ୮୦ କୋଟି ଖାଦ୍ୟ ସହାୟତା ଉପରେ ନିର୍ଭର କରୁଛନ୍ତି, ସେତେବେଳେ ସମସ୍ତେ କିପରି ବୀମା କରିବେ ?

ପ୍ରକୃତରେ, ୨୦୦୯-୧୦ରେ ଭାରତରେ ବୀମା ପ୍ରବେଶ ହାର ରେକର୍ଡ ସର୍ବାଧିକ ୫.୨% ଥିଲା, ଯେତେବେଳେ ନିଟ୍ ଆର୍ଥିକ ସଞ୍ଚୟ ଜିଡିପିର ୧୨.୧୦% ଥିଲା, ଯାହା ରେକର୍ଡ ସର୍ବାଧିକ। ବୀମା, ବ୍ୟାଙ୍କ, ଶେୟାର, ପୋଷ୍ଟାଲ ସଞ୍ଚୟ ଆଦି ଆର୍ଥିକ ସଞ୍ଚୟର ଅଂଶ। କିନ୍ତୁ ବର୍ତ୍ତମାନ ନିଟ୍ ଆର୍ଥିକ ସଞ୍ଚୟ ୫.୨%କୁ ହ୍ରାସ ପାଇଛି, ଯାହା ଚାରି ଦଶନ୍ଧିର ସର୍ବନିମ୍ନ। ଯଦି ନିଟ୍ ଆର୍ଥିକ ସଞ୍ଚୟ ବୃଦ୍ଧି ନ ହୁଏ, ତେବେ ଏଫ୍‌ଡିଆଇ ବୃଦ୍ଧି ବୀମା ପ୍ରବେଶ ଏବଂ ଘନତା ବୃଦ୍ଧି କରିପାରିବ ନାହିଁ। ନିଟ୍ ଆର୍ଥିକ ସଞ୍ଚୟ ବୃଦ୍ଧି ଘଟିବ ଯଦି ଲୋକଙ୍କର ଟିକସ ପରେ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି ପାଇବ। ଧନୀମାନେ ଅଧିକ ରିଟର୍ନ ପାଇଁ ରିୟଲ ଇଷ୍ଟେଟ ଏବଂ ସୁନାରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ବର୍ନଷ୍ଟାଇନଙ୍କ ଏକ ନୂତନ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୬୦% ଧନୀ ନାଗରିକଙ୍କ ସମ୍ପତ୍ତି ରିୟଲ ଇଷ୍ଟେଟ ଏବଂ ସୁନାରେ ଅର୍ଥ ନିବେଶ କରୁଛନ୍ତି। ତେଣୁ ବୀମା ସମେତ ଅନ୍ୟାନ୍ୟ ଆର୍ଥିକ ସଞ୍ଚୟ ପ୍ରଭାବିତ ହେବା ସ୍ୱାଭାବିକ। ପୁନଶ୍ଚ ବୀମା ପ୍ରିମିୟମର ରିସ୍କ କମ୍ପୋନେଣ୍ଟ ଉପରେ ୧୮% ଜିଏସ୍‌ଟି ଆଦାୟ କରିବା, ନୂତନ ଟିକସ ବ୍ୟବସ୍ଥାରେ ବୀମାରେ ସଞ୍ଚୟଜନିତ କୌଣସି ଟିକସ ରିହାତି ପ୍ରାପ୍ତ ନ ହେବା ପ୍ରକ୍ରିୟାର କୁପ୍ରଭାବ ପଡୁଛି। ତେଣୁ ଏଫ୍‌ଡିଆଇ ବୃଦ୍ଧିକୁ ଶତ ପ୍ରତିଶତକୁ ବୃଦ୍ଧି କରିବାର ପ୍ରସ୍ତାବ ହାସ୍ୟାସ୍ପଦ, ନିଷ୍ପ୍ରୟୋଜନ ଏବଂ ଅଯୌକ୍ତିକ ମନେହୁଏ। ଲୋକଙ୍କ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି କରିବାପାଇଁ ସରକାର ପଦକ୍ଷେପ ନେବା ଉଚିତ।

ମୋ:୯୪୩୭୨୦୮୭୬୨

# ମାନସିକତାରେ ପରିବର୍ତ୍ତନ ଜରୁରୀ



ସୁକାନ୍ତ କୁମାର ପଟେଲ

ଦେଶରେ ପ୍ରତିଟି କ୍ଷେତ୍ରରେ ଅନେକ ନିୟମ ପ୍ରଣୟନ କରାଯିବା ସହ ଏହାର ସମୟୋଚିତ ସଂଶୋଧନ କରାଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏହାଦ୍ୱାରା ମହିଳାମାନେ ସୁରକ୍ଷିତ ରହିବା କଷ୍ଟକର। ନାରୀ ନିର୍ଯାତନା, ମହିଳା ଓ ନାବାଳିକା ଗଣବଳାତ୍କାର, ଯୌତୁକ ନିର୍ଯାତନା ଜନିତ ମୃତ୍ୟୁ, ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଶାରୀରିକ ଏବଂ ମାନସିକ ନିର୍ଯାତନା ଇତ୍ୟାଦି ପ୍ରତ୍ୟହ ଗଣମାଧ୍ୟମର ଶିରୋନାମା ମଣ୍ଡନ କରୁଛି। କେବଳ ନୂତନ ନିୟମ ପ୍ରଣୟନ କିମ୍ବା ବନ୍ଦ ପାଳନ କରାଗଲେ ଏ ସମସ୍ୟାର ସମାଧାନ ନିଶ୍ଚିତ ଭାବେ ଅସମ୍ଭବ। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବା ନିଷେଧ କରାଗଲା, ଯେଉଁ ନିୟମ ଆଗରୁ ଥିଲା କିନ୍ତୁ କାର୍ଯ୍ୟକାରୀ ହେଉ ନ ଥିଲା। ଏହା ବଦଳରେ କାଚ ବୋତଲରେ କିମ୍ବା ଟିଣ ଡବାରେ ପେଟ୍ରୋଲ ନେଇ ହେବ। ତେବେ କାଚ କିମ୍ବା ଟିଣ ଡବାରେ ପେଟ୍ରୋଲ ନେଲେ ଆତ୍ମାହୁତି କିମ୍ବା ଜଳାପୋଡ଼ା ହ୍ରାସ ପାଇବ ତ ?

ଶିକ୍ଷା କ୍ଷେତ୍ର, କର୍ମ କ୍ଷେତ୍ର କିମ୍ବା ପରିବାରରେ ମହିଳାମାନଙ୍କ ପ୍ରତି ଅନେକ ସମୟରେ ଅନ୍ୟାୟ, ଉତ୍ପୀଡ଼ନ, ଅପମାନ, ଘରୋଇ ହିଂସା, ଶାରୀରିକ ନିର୍ଯାତନା କିମ୍ବା ଯୌନ ନିର୍ଯାତନା ହୋଇଥାଏ। ଲଜ୍ଜା, ଅପମାନ, ପାରିବାରିକ ସମ୍ମାନହାନି ଏବଂ ଭୟ ଇତ୍ୟାଦି ଯୋଗୁ ମହିଳାମାନେ ଏହାକୁ ପରିପ୍ରକାଶ କରିପାରନ୍ତି ନାହିଁ କିମ୍ବା ବିରୋଧ କରିବାକୁ ସାହସ କରନ୍ତି ନାହିଁ। ବାଲେଶ୍ୱରର ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ପରେ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ନାରୀ ସୁରକ୍ଷା ନିମନ୍ତେ 'ଶକ୍ତି ଶ୍ରୀ'ଆପ୍ ପ୍ରଣୟନ କରିଛନ୍ତି। ଏହାଦ୍ୱାରା ମହିଳାମାନେ ଶତପ୍ରତିଶତ ସୁରକ୍ଷିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷାନୁଷ୍ଠାନରେ ପହଞ୍ଚିବା ଏବଂ ସେଠାରୁ ଫେରିବା ସମୟରେ ସେମାନଙ୍କୁ ସୁରକ୍ଷା ଦେବା ସମ୍ଭବ ନୁହେଁ। ଏବେ ସମସ୍ତେ ଚେଇଁ ଉଠିଛନ୍ତି। ପୂର୍ବରୁ ଶିକ୍ଷାନୁଷ୍ଠାନରେ ଆଇସିସି ଅଥବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପାଇଁ ନିୟମ ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିଲା, ଯାହା ପାଇଁ ଆଜି ସମସ୍ତେ ତତ୍ପର।

ପୂର୍ବରୁ ଓଡ଼ିଶାରେ ୧୯୮୦ର ଛବିରାଣୀ ହତ୍ୟାକାଣ୍ଡ, ଇତିଶ୍ରୀ, ମମିତା ମେହେର, ନାବାଳିକା ପରୀ ହତ୍ୟାକାଣ୍ଡ, ଅଞ୍ଜନା ମିଶ୍ର ମାମଲା, ବେବିନା ମୃତ୍ୟୁ ରହସ୍ୟ, କୁନ୍ଦୁଲି ହତ୍ୟାକାଣ୍ଡ, ବିଜେବି କଲେଜ ଛାତ୍ରୀ ରୁଚିକାର ଆତ୍ମହତ୍ୟା, ପୁରୀର କଣାସରେ ଆୟୁର୍ବେଦିକ ଡାକ୍ତର ମାଧବୀ ଲତାଙ୍କ ରହସ୍ୟଜନକ ମୃତ୍ୟୁ ଇତ୍ୟାଦି ଅନେକ ଘଟଣା ସମସ୍ତଙ୍କ ମାନସ ପଟରୁ ବୋଧ ହୁଏ ଅନ୍ତର୍ହିତ ହୋଇସାରିଥିବ। କିନ୍ତୁ ସେମାନଙ୍କ ପରିବାର କ'ଣ ସେମାନଙ୍କୁ ଭୁଲିସାରିଥିବେ ? ପୁରୀର ବଳଙ୍ଗା ଘଟଣା ପରେ ମଧ୍ୟ ମାଲକାନଗିରିରେ ଓ ଜଗତସିଂହପୁର ରେ ଗଣ ବଳାତ୍କାର, ଯାଜପୁରରେ ହକି ଖେଳାଳିଙ୍କ ଯୌନ ଉତ୍ପୀଡ଼ନ, ଜଗତସିଂହପୁର ସ୍ୱାମୀ ଅରୂପାନନ୍ଦ କଲେଜରେ ଛାତ୍ରୀଙ୍କ ପ୍ରତି ଯୌନ ନିର୍ଯାତନା ଇତ୍ୟାଦି ଆଜି ଓଡ଼ିଶାର ସଭ୍ୟ ସମାଜରେ ଆଲୋଡ଼ନ ସୃଷ୍ଟି କରିଛି। କେହି କେହି ପ୍ରଶ୍ନ କରନ୍ତି ଏପରି ନିର୍ଯାତନା ଅନ୍ତ ଘଟିବ କେବେ।



ଭାରତରେ ନାରୀ ସୁରକ୍ଷା ଯୁଗେ ଯୁଗେ ଏକ ସମସ୍ୟା ସୃଷ୍ଟି କରିଛି। ଆମ ଦେଶର ପୁରୁଷକୈନ୍ଦ୍ରିକ ସମାଜରେ ନାରୀର ସ୍ଥିତି ସବୁବେଳେ ପୁରୁଷଠାରୁ ନିମ୍ନରେ। ପ୍ରତ୍ୟେକ ପରିବାରରେ ପୁଅକୁ ଯେଭଳି ଗୁରୁତ୍ୱ ପ୍ରଦାନ କରାଯାଏ ସେପରି ଝିଅକୁ ପ୍ରଦାନ କରାଯାଏ ନାହିଁ। ଏହାର କାରଣ ସୁସ୍ପଷ୍ଟ। ପୁଅଟିଏ ହେଲେ ଉତ୍ତରାଧିକାରୀ ଏବଂ ବଂଶରକ୍ଷାକାରୀ ହେବ। ଏହାହିଁ ବିଶେଷତ୍ୱ। ଯେଉଁଦିନ ପର୍ଯ୍ୟନ୍ତ ଆମ ପରିବାରରେ ଆମେ ଗୋଟିଏ ପୁଅ ଏବଂ ଝିଅ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରୁଥିବା ଆମ ସମାଜରେ ନାରୀମାନେ ଏପରି ଭାବରେ ନିର୍ଯାତନା ଭୋଗ କରୁଥିବେ।

ଭାରତୀୟ ସମ୍ବିଧାନରେ ଯେତେ ମହିଳା ସୁରକ୍ଷା ନିୟମ ଓ ଆଇନ ଅଛି ତାହା ସୁଚାରୁ ରୂପେ ପାଳନ କରାଯାଉନାହିଁ। ଏହିସବୁ ଆଇନକୁ ଅଗ୍ରାଧିକାର ଭିତ୍ତିରେ ପାଳନ କରାଯିବା ସହ ଏହାକୁ ତ୍ୱରାନ୍ୱିତ ଏବଂ ଅଧିକ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ। ଯୌତୁକ ନିରୋଧ ଆଇନ ୧୯୬୧ ଅନୁଯାୟୀ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୧୫,୦୦୦ ଟଙ୍କା ଜରିମାନା ପ୍ରଦାନ ପାଇଁ ଆଇନ ରହିଛି। ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮(କ) ଅନୁସାରେ ଯୌତୁକ ନିର୍ଯାତନା ହେଲେ ଅପରାଧୀଙ୍କୁ ୩ ବର୍ଷ ଜେଲଦଣ୍ଡ ଏବଂ ଜରିମାନା ଆଦାୟ ପାଇଁ ନିୟମ ରହିଛି। ଘରୋଇ ହିଂସା ଜନିତ ଘଟଣାରେ ଅପରାଧୀଙ୍କୁ ଦଣ୍ଡ ବିଧାନ ପାଇଁ ଘରୋଇ ହିଂସା ନିବାରଣ ଆଇନ ୨୦୦୫ ଏବଂ ନିୟମ ପ୍ରଣୟନ କରାଯାଇଛି। ମହିଳାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ନିରୋଧ ଆଇନ ୧୯୮୬ ଏବଂ କାର୍ଯ୍ୟ କ୍ଷେତ୍ରରେ ସମାନ ପାରିଶ୍ରମିକ ପାଇଁ ପାରିଶ୍ରମିକ ଆଇନ ୧୯୭୬ ମଧ୍ୟ ଲାଗୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୭୪ (ଆଇପିସି ଧାରା ୩୫୪ ) ଅନୁସାରେ ମହିଳାଙ୍କ ବିରୋଧରେ ଟିକା ଟିପ୍ପଣୀ ଅନୁସାରେ ଅଭିଯୁକ୍ତ ନିମନ୍ତେ ମଧ୍ୟ ଦଣ୍ଡ ବିଧାନ କରାଯାଇଛି। ତେବେ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଯେତେ ଆଇନ ଏବଂ ନିୟମ ଲାଗୁ କଲେ ମଧ୍ୟ ଏହାର ପରିଣାମ ସକାରାତ୍ମକ ନୁହେଁ। ପୀଡ଼ିତା ଥାନା, ନ୍ୟାୟାଳୟର ଦାରସ୍ଥ ହେଲେ ମଧ୍ୟ କଚ୍ଛପ ଗତିର ଆମର ଏହି ନ୍ୟାୟ ବିଭାଗ ସବୁବେଳେ ଠୋସ୍ ପ୍ରମାଣ ଏବଂ ଚାକ୍ଷୁସ ପ୍ରମାଣ ଆବଶ୍ୟକ କରେ, ଯାହା କି ମିଳିବା କଷ୍ଟକର।

ଯୌନ ଉତ୍ପୀଡ଼ନ କହିଲେ ମହିଳାଙ୍କର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଦୁଃଖିତ, ଅପମାନିତ, ଭୟଭୀତ କରି ତାଙ୍କ ପ୍ରତି ଅବାଞ୍ଛିତ ଯୌନଗତ ପାଶବିକ ଆଚରଣକୁ ସାଧାରଣତଃ ବୁଝାଏ, ଯାହା ଆଇନରେ ଏହା ଏକ ଦଣ୍ଡନୀୟ ଅପରାଧ। ଏହାର ପରିସର ବ୍ୟାପକ। ବଳାତ୍କାର, ସହମତି ବିନା ଶାରୀରିକ ସମ୍ପର୍କ, ଲିଙ୍ଗ ଭିତ୍ତିରେ ଅପମାନଜନକ ଟିପ୍ପଣୀ, ପରିହାସ ଛଳରେ କାମୋଦ୍ଦୀପକ କଥା, ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରିବା ପରି ବାଚନିକ ଆଚରଣକୁ ମଧ୍ୟ ଯୌନ ଉତ୍ପୀଡ଼ନ। କିନ୍ତୁ କାହିଁକି ପୁରୁଷଙ୍କର ମହିଳାଙ୍କ ପ୍ରତି ଏ ପ୍ରକାର ମାନସିକ ବିକାରଗ୍ରସ୍ତ ଚିନ୍ତାଧାରା। ଆଜି ଡିଜିଟାଲ ଯୁଗରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଏଥିପାଇଁ ସମସ୍ତେ କାନ୍ଦୁଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ। ବାସ୍ତବରେ ପ୍ରତ୍ୟେକ ପରିବାରରେ ଯେତେବେଳେ ଆମେ ପୁଅ ଏବଂ ଝିଅକୁ ସମ ଦୃଷ୍ଟିରେ ଦେଖିବା ସେତେବେଳେ ଆମର ମାନସିକତା ଏବଂ ମାନବିକତାରେ ପରିବର୍ତ୍ତନ ଆସିବ ଏବଂ ମହିଳା ମାନେ ସୁରକ୍ଷିତ ହେବେ।

**ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ, ମୋ:୭୦୦୮୩୫୦୪୭୭**

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ଏକ ଦମ୍ପତି ଜଳ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏହି ଦମ୍ପତି ହେଉଛନ୍ତି ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବ। ସେମାନେ ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରୁଛନ୍ତି। ଏହିସବୁ ପୁଷ୍କରିଣୀ ବିଭିନ୍ନ କାରଣରୁ ଶୁଖିଯାଇଥିଲା। କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। ସେମାନେ ଏବେ ସୁଦ୍ଧା ସେମିତିକା ୧୧ଟି ପୁଷ୍କରିଣୀର ପୁନରୁଦ୍ଧାର କରିସାରିଲେଣି। ଏବେ ସେସବୁ ଜଳପୂର୍ଣ୍ଣ। ଫଳରେ ଚାଷ କରି ନ ପାରି ଯେଉଁମାନେ ଗାଁ ଛାଡ଼ି ଚାଲିଯାଇଥିଲେ ସେମାନେ ଗାଁକୁ ଫେରି ଆସି କୃଷିକାର୍ଯ୍ୟରେ ଲାଗିଲେଣି। ଅନନ୍ତ ନିରୁ ସଂରକ୍ଷଣମ୍ ପ୍ରୋଜେକ୍ଟ ମାଧ୍ୟମରେ ସେମାନେ ଏହି କାର୍ଯ୍ୟ କରୁଛନ୍ତି। ଏହି ଦମ୍ପତିଙ୍କୁ ଗ୍ରାମବାସୀ ଓ ବନ ବିଭାଗ ସାହାଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ବିନୀତ ଓ ରୂପକ ପୋଖରୀ ପୁନରୁଦ୍ଧାର କରିବା ସହ ନୂଆ ପୋଖରୀ ଖନନ କରୁଛନ୍ତି। ପରିବେଶ ସୁରକ୍ଷା ସକାଶେ ସେମାନେ ବୃକ୍ଷରୋପଣ ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଅଗଷ୍ଟ ୧୯୭୬**

- କଲିକତାର ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ଇଜିଲାସରେ ଛୋଟ ବ୍ୟାଙ୍କ ଠକେଇ ଅଭିଯୋଗରେ ରାମନାଥ ଗୋଏଙ୍କା ଓ ଅନ୍ୟ ୭ ଜଣଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ।
- ପରିଷ୍କୃତ କୋଇଲା ଉତ୍ପାଦନ କରିବା ପାଇଁ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି।
- ଲିବ୍ୟାରେ ଏକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ପାଇଁ ଭାରତ ଗୁରୁ ଇଞ୍ଜିନିୟରିଂ କର୍ପୋରେଶନ ୨ କୋଟି ୫୦ ଲକ୍ଷ ଟଙ୍କାର ଏକ ଅର୍ଡର ପାଇଛି।

## ଚିରନ୍ତନୀ

ଆଣିଛି ସେ ମୋର ପ୍ରଭାତ କୁସୁମ ବୃନ୍ତୁ ତୋଳି ତା' କରେ
ସନ୍ଧ୍ୟା ଗୀତଟି ରକ୍ତିମ ତା'ର ଫୁଟାଇ ସଜ ଅଧରେ
(କା'ର) ଦିନାନ୍ତେ ମିଶଇ ସ୍ୱର୍ଣ୍ଣ ଅଞ୍ଚଳ
(ଏହି) ତୁଷାରେ ଡିଡ଼ଇ ଚୂର୍ଣ୍ଣ କୁନ୍ତଳ
(ମୋର) ଜୀର୍ଣ୍ଣ ବାସନା କରେ ଚଞ୍ଚଳ ଛଳ ଛଳ
ଲୋତକରେ
ଆଣିଛି ସେ ମୋର ସନ୍ଧ୍ୟା ଗୀତଟି ଫୁଟାଇ ସଜ ଅଧରେ ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | 1 |
| | | | | | | | 9 | |
| 9 | | 8 | | 3 | | | | 6 |
| | 1 | 5 | | | | | 7 | |
| 3 | | | 9 | | | | | |
| | 4 | | | | | | 2 | |
| | | | 2 | | | | | |
| 6 | | | 1 | 8 | | | | |
| 7 | 8 | | | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 6 | 5 | 8 | 7 | 3 | 2 |
| 5 | 2 | 7 | 3 | 1 | 4 | 6 | 8 | 9 |
| 6 | 3 | 8 | 9 | 2 | 7 | 4 | 1 | 5 |
| 3 | 8 | 6 | 7 | 9 | 5 | 2 | 4 | 1 |
| 2 | 4 | 5 | 1 | 3 | 6 | 8 | 9 | 7 |
| 1 | 7 | 9 | 8 | 4 | 2 | 3 | 5 | 6 |
| 8 | 5 | 2 | 4 | 6 | 9 | 1 | 7 | 3 |
| 7 | 6 | 1 | 5 | 8 | 3 | 9 | 2 | 4 |
| 4 | 9 | 3 | 2 | 7 | 1 | 5 | 6 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ କେବେ ଦିଆଯିବ

ମହାଶୟ,

ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ 'ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା' ଏକ ଆକର୍ଷଣୀୟ ଯୋଜନା। ଓଡ଼ିଶାର କେତେକ ଲୋକ (ବିଜେତା) କୁପନ ଅନୁଯାୟୀ ପୁରସ୍କାର ରାଶି ପାଇଥାନ୍ତି। ଯେଉଁମାନେ ତା୦୧.୦୧.୨୦୨୪ ରିଖଠାରୁ ତା. ୨୧.୧୨.୨୦୨୪ ପର୍ଯ୍ୟନ୍ତ କିଷାନ ବିକାଶପତ୍ର, ସୁକନ୍ୟା ସମୃଦ୍ଧି ଜମା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ଓ ଜାତୀୟ ସଞ୍ଚୟ ସାର୍ଟିଫିକେଟ ଇତ୍ୟାଦି କରିଛନ୍ତି ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା କୁପନ ଯୋଗାଇ ଦିଆଯାଇ ନାହିଁ। ସୁତରାଂ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ ଓଡ଼ିଶାବାସୀଙ୍କୁ ଚଳିତବର୍ଷ କେବେ ଯୋଗାଇ ଦିଆଯିବ ଏନେଇ ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ, ଓଡ଼ିଶା ସରକାର ଦୟାକରି ଜଣାଇବେ କି।

**-କିଶୋର ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜୁଆଆଡ୍ଡାରେ ଚଢ଼ାଉ, ଜଣେ ଗିରଫ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ବୁଢ଼ାବଣ ସାପ୍ତାହିକ ହାଟରେ ଶନିବାର ପୋଲିସ ଚଢ଼ାଉ କରିଛି। ଘଟଣାସ୍ଥଳରୁ ଜଣଙ୍କୁ ସହାରପଡ଼ା ଫାଣ୍ଡି ପୋଲିସ ଗିରଫ କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି ସାହାରପଡ଼ା ବ୍ଲକ୍ ପଳସାପଡ଼ା ଗ୍ରାମର ଗୋବିନ୍ଦ ବିଶ୍ୱାଳ। ତାଙ୍କ ନିକଟରୁ ପୋଲିସ ୯ଶହ ଟଙ୍କା ସମେତ ତଲା, ଗୁଟି ଏବଂ ପାଲି ଜବତ କରିଛି।



**କେନ୍ଦୁଝର**

# ଫାଇଲେରିଆ ସଂକ୍ରମଣରେ କେନ୍ଦୁଝର ଦ୍ୱିତୀୟ

■ଜିଲାସ୍ତରୀୟ ସାମୂହିକ ଔଷଧ ସେବନ ଆରମ୍ଭ

■ବଡ଼ବିଲରେ ସଂକ୍ରମଣ ସର୍ବାଧିକ

ବଡ଼ବିଲ,୧୦।୮(ଦେବପ୍ରିୟ ରଣା)

ରାଜ୍ୟରେ ଅଗଷ୍ଟ ୧୦ ରୁ ୧୯ ପର୍ଯ୍ୟନ୍ତ ୧୦ ଦିନ ଧରି ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ସର୍ବାଧିକ ସଂକ୍ରମଣ ଥିବା କେନ୍ଦୁଝର ଜିଲା ବଡ଼ବିଲରୁ ଜିଲାସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ରବିବାର ପୂର୍ବାହ୍ନରେ ବଡ଼ବିଲରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଭିଯାନ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ବଡ଼ବିଲସ୍ଥିତ ମଧୁସୂଦନ ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ବିଲ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତ ଯୋଗଦେଇ ଫିତାକାଟି ଅଭିଯାନର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝର ସିଡିଏମ୍ଓ ଡା. ବିନୋଦ ବିହାରୀ ମିଶ୍ର ଯୋଗଦେଇ ରାଜ୍ୟରେ ଫାଇଲେରିଆ ସଂକ୍ରମଣରେ କେନ୍ଦୁଝର ଜିଲା ଦ୍ୱିତୀୟରେ ରହିଛି। ବିଶେଷ କରି ବଡ଼ବିଲରେ ସଂକ୍ରମଣ ଅଧିକ ରହିଛି। ତେଣୁ ବଡ଼ବିଲରେ ଜିଲାସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଡବ୍ଲ୍ୟୁଏଚ୍ଓ କନ୍‌ସଲଟାଣ୍ଟ ଡା. ନିକ୍ଷିତ ଦାସ କହିଥିଲେ, ଫାଇଲେରିଆ ହେଉଛି ଦିବ୍ୟାଙ୍ଗ କରୁଥିବା ରୋଗ, ଯାହାଦ୍ୱାରା ଗୋଦରା ଗୋଡ଼ ହେଉଛି। ବଡ଼ବିଲରେ ଫାଇଲେରିଆ ସଂକ୍ରମିତଙ୍କ ସଂଖ୍ୟା ସାରା ଜିଲାରେ ସର୍ବାଧିକ। ସେଥିଲାଗି ବର୍ଷକୁ ଥରେ ସାମୂହିକ ଭାବେ ଔଷଧ ସେବନ କରିବା ଆବଶ୍ୟକ। ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା. ସୌଭାଗ୍ୟ ରଶ୍ମୀ ରଞ୍ଜନ ସାମଲ କହିଥିଲେ, ବଡ଼ବିଲର ମାତ୍ର ୨ ଅଞ୍ଚଳରେ ୬ ଶହ ଲୋକଙ୍କ ରକ୍ତ ନମୁନା ପରୀକ୍ଷଣରୁ ୫୦ ଜଣ ଫାଇଲେରିଆ ସଂକ୍ରମିତ ଅଛନ୍ତି। ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟରୁ ଆସୁଥିବା ଲୋକଙ୍କଠାରୁ ଫାଇଲେରିଆ ସଂକ୍ରମଣ ବଢୁଥିବା କହିଛନ୍ତି। ବଡ଼ବିଲ ପୌରାଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ଫାଇଲେରିଆକୁ ସମ୍ପୂର୍ଣ୍ଣ ନିପାତ କରିବା ନିମନ୍ତେ ସାମୂହିକ ଔଷଧ ସେବନ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍ଓ ଭିଡିଡି ପୁଷ୍ପାରାଣୀ ପଟ୍ଟନାୟକ, ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ର, ଭାଜପା ନେତା ଚନ୍ଦ୍ରଗୁପ୍ତ ପ୍ରସାଦ, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଏବଂ ବଡ଼ବିଲ ଥାନା ଇନ୍‌ସପେକ୍ଟର ଅଶୋକ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।



ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଯୁବକଙ୍କ ଗଳିତ ମୃତଦେହ ଜବତ

ପାଟଣା,୧୦।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସିଲିପଦା ପଞ୍ଚାୟତ ଅନ୍ତର୍ଗତ ଡିଗିଡିଗିଆ ସାହି ବୈତରଣୀ ନଦୀକୂଳରୁ ରବିବାର ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ୪୦ରୁ ୪୫ ବର୍ଷ ବୟସ ହେବ ବୋଲି ପୋଲିସ ଅନୁମାନ କରୁଛି। ପୋଲିସ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼, ଏଏସ୍ଆଇ ସରୋଜ ସେଠୀ, ଧନେଶ୍ୱର ପାତ୍ର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପାଟଣା ପୋଲିସ ଏକ ମାମଲା(ନଂ.୨୧/୨୫)ରୁଜୁ କରି ତଦନ୍ତ କରୁଛି।

# ଜିନ୍ଦଲ ଷ୍ଟିଲ୍‌ର ପ୍ରତିଷ୍ଠାତା ଓପି ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି

ଯୋଡ଼ା,୧୦।୮(ମାନସ ମହାନ୍ତି): ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ତଥା ବାଉଜୀ ଭାବେ ଲୋକପ୍ରିୟ ଓମପ୍ରକାଶ ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳିତ ହୋଇଛି। ବଡ଼ବିଲ ପେଲେଟ ପ୍ଲାଣ୍ଟ କାର୍ଯ୍ୟାଳୟ ପରିସରରେ ୟୁନିଟ୍ ହେଡ୍ ପୁରୁଷୋତ୍ତମ ଏମ.ଡି. ଓ ଏଚ୍ଆର ଆଣ୍ଡ ଇଏସ ମୁଖ୍ୟ ବିପିନ ବିହାରୀ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ସାମିଲ ହୋଇଥିଲେ। ସେହିପରି କାଶିଆ ମାଇନ୍ସରେ ବିକେଟି କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଟେନ୍ସା ୟୁନିଟରେ ଟାଉନସିପ ମନ୍ଦିରରେ ୟୁନିଟ୍ ହେଡ୍ ଆର୍.ଏସ ରଘୁବଂଶୀ, ଅନ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ପୂଜାର୍ଚ୍ଚନା କରିଥିଲେ। ଟେନ୍ସା ସିଏସଆର ଟିମ୍ ପକ୍ଷରୁ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିମ୍ ଜିରୋ ପଏଣ୍ଟ ୪-୨ ଗୋଲରେ ଶସ୍ୟକଳାକୁ ହରାଇଥିଲା। ମୁଖ୍ୟ ଅତିଥିଭାବେ ବଣାଇ ଉପ ଜିଲାପାଳ ଅକ୍ଷୟ ପିଲେ ଓ ସମ୍ମାନିତ ଅତିଥିଭାବେ ବିକେଟି କ୍ଲଷ୍ଟର ହେଡ ପ୍ରମୋଦ କୁମାର ପାତ୍ର, ଟେନ୍ସା ୟୁନିଟ ହେଡ ଆର ଏସ. ରଘୁବଂଶୀ ଓ ସିଏସଆର ହେଡ ଭର୍ଜିଲ ଲାକ୍ରା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। କ୍ଲଷ୍ଟର୍ ହେଡ୍ ପ୍ରମୋଦ ପାତ୍ର ଓ ବଡ଼ବିଲ ୟୁନିଟ୍ ହେଡ ପୁରୁଷୋତ୍ତମ ଏମ୍‌ଡି. ୧୮ଜଣ ଅନ୍ତର୍ଜାତୀୟ ଓସ୍ତ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାଶିଆ ୟୁନିଟ୍ ହେଡ଼ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ବିକେଟି ୟୁନିଟର ୟୁନିଟ ହେଡ୍, ଏଚ୍ଆର ମୁଖ୍ୟ ଓ ସିଏସଆର ମୁଖ୍ୟ ପ୍ରମୁଖଙ୍କ ଉପସ୍ଥିତରେ ଆଦିବାସୀ ବିକାଶ ସମିତିରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ କରିଥିଲେ।

# ବିଜ୍ଞାନ ଶିକ୍ଷକ ନିଲମ୍ବିତ

**ନିଶାରେ ସ୍କୁଲ ବାରଣ୍ଡାରେ ଶୋଇବା ଘଟଣା**

ପାଟଣା,୧୦।୮(ବୀର କିଶୋର ଦାଶ) କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଭୁଲୁଦା ଦିଗପାଟ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଜ୍ଞାନ ଶିକ୍ଷକ ଜଗନ୍ନାଥ ମହାନ୍ତ ନିଶାସକ୍ତ ଅବସ୍ଥାରେ ସ୍କୁଲକୁ ଆସିଥିଲେ। କ୍ଲାସ୍ ନ କରି ବାରଣ୍ଡାରେ ଶୋଇରହିଥିଲେ। ଘଟଣାରେ ଜିଲା ଶିକ୍ଷା ଅଧିକାରୀ ନିଲମ୍ବନ କରିଛନ୍ତି। ପ୍ରକାଶ ଯେ, ଶିକ୍ଷକ ଜଣଙ୍କ ଶୁକ୍ରବାର ପୂର୍ବାହ୍ନ ୧୦ ଟାରେ ସ୍କୁଲକୁ ଆସିଥିଲେ। ମାତ୍ର ଶିକ୍ଷକ ଜଣକ ମଦ ନିଶାରେ ବିଦ୍ୟାଳୟ ବାରଣ୍ଡାରେ ଶୋଇ ପଡ଼ିଥିଲେ। ଛାତ୍ରଛାତ୍ରୀ ତାଙ୍କୁ ଉଠାଇଥିଲେ ମଧ୍ୟ ସେ ବାରଣ୍ଡାରୁ ଉଠି ପାରି ନ ଥିଲେ। ଏନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପ୍ରକାଶ ଓ ଭିଡିଓ ବିଜୁଳି ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଶିକ୍ଷା ବିଭାଗ ଆକ୍ସନ ନେଇଛି। ଘଟଣାର ଦିନକ ପରେ ଶନିବାର ତାଙ୍କୁ କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଚାକିରୀରୁ ନିଲମ୍ବିତ କରିଥିବା କହିଛନ୍ତି। ସୂଚନାଯୋଗ୍ୟ, ବିଜ୍ଞାନ ଶିକ୍ଷକ ଜଗନ୍ନାଥ ଏହି ବିଦ୍ୟାଳୟରେ ୩ ଦିନ ଶିକ୍ଷାଦାନ କରି ଅନ୍ୟ ୩ ଦିନ ପୁରନ୍ଦରପୁର ଉଚ୍ଚ ବିଦ୍ୟାଳୟରେ ପଢ଼ାଉଥିଲେ।

# ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ ଦାବି

**ଜିଲାପାଳଙ୍କୁ ଜିଲା କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ**

କେନ୍ଦୁଝର,୧୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦ୍ରରେ ଉପା ସରକାର ଥିବା ସମୟରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଅନେକ ବଳିଷ୍ଠ ପଦକ୍ଷେପ ନେଇଥିଲେ। ଆଦିବାସୀ ଜନଜାତିଙ୍କ ବିକାଶ ଲାଗି ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬ ଓ ନିୟମ ୨୦୦୭, ସଂଶୋଧନ ୨୦୧୨ ଆସିବାର ଅନେକ ବର୍ଷ ବିତିଲେ ବି ଆଦିବାସୀ ଓ ପାରମ୍ପାରିକ ଜନଜାତି ଲୋକେ ନିଜ ଅଧିକାରରୁ ଏ ପର୍ଯ୍ୟନ୍ତ ବଞ୍ଚିତ ଅଛନ୍ତି। ତେଣୁ କଂଗ୍ରେସ ପକ୍ଷରୁ ଦେଶ ସାରା ଏହାର ପ୍ରତିବାଦ ହେଉଛି। ଏହି କ୍ରମରେ କେନ୍ଦୁଝର ଜିଲା କଂଗ୍ରେସ ପକ୍ଷରୁ କେନ୍ଦୁଝର ଜିଲାପାଳ ବିଶାଳ ସିଂହଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି।

ଦାବି ମୁତାବକ, ଧାରା ୩(୧) ଅନୁଯାୟୀ ଆଦିବାସୀ ଲୋକଙ୍କୁ ୧୦ ଏକର ପର୍ଯ୍ୟନ୍ତ ଜମିର ଅଧିକାର ଦେବାର ବ୍ୟବସ୍ଥା ରହିଛି। ମାତ୍ର ସଳ୍ପ ପରିମାଣର ଜମି ଦେଇ ଗ୍ରାମସଭାରେ ଫାଇଲ ବନ୍ଦ କରି ଦିଆଯାଉଛି। ତେଣୁ ପୁରୁଣା ଗ୍ରାମସଭା କରି ବଳକା ଜମି ଉପରେ ଲୋକଙ୍କ ଅଧିକାର ଦେବାକୁ ଦାବି କରାଯାଇଛି। ଅନେକ କ୍ଷେତ୍ରରେ ମିଳିଥିବା ସ୍ୱଳ୍ପ ଜଙ୍ଗଲ ଜମିରେ ପୁଣି ବନ ବିଭାଗ ପକ୍ଷରୁ ଗଛ ଲଗାଯାଉଛି, ଯାହା ଏବେ ବି ଜାରି ରହିଛି। ବନ ବିଭାଗ ଏପରି ହୀନ କାର୍ଯ୍ୟ ବନ୍ଦ କରିବାକୁ ଦାବି ରହିଛି। ଅନ୍ୟ ପାରମ୍ପରିକ ଜନଜାତି କ୍ଷେତ୍ରରେ ପ୍ରମାଣ ଲାଗି ୭୫ ବର୍ଷର କାଗଜପତ୍ର ବଦଳରେ ଗ୍ରାମସଭା ନିଷ୍ପତ୍ତି ଓ ବୟସ୍କଙ୍କ କଥା ବିଚାର କରି ସୀକୃତି ଦେବାକୁ ଯଥାର୍ଥ ଦାବି ରହିଛି। ଏବେ ବି ଅନେକ ଆଦିବାସୀ ବହୁଳ ଗ୍ରାମ ଜଙ୍ଗଲ ମଧ୍ୟରେ ରହିଛି। ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାସହ ବାସ କରୁଥିବା ଲୋକଙ୍କୁ ତୁରନ୍ତ ଚିହ୍ନଟ କରି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ପ୍ରଦାନ ଲାଗି ଦାବି ରହିଛି। ଧାରା ୩(୧) ଆଇନ ଅନୁସାରେ ଯେଉଁ ଗ୍ରାମ ଗୁଡ଼ିକରେ ଗୋଷ୍ଠୀଗତ ଅଧିକାର ମିଳିନି ସେ ସବୁ ଗ୍ରାମକୁ ତୁରନ୍ତ ଚିହ୍ନଟ କରାଯାଉ। ଧାରା ୩ (୧) ଆଇନ ବ୍ୟବସ୍ଥାରେ ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପରିଚାଳନା ନିମନ୍ତେ ପ୍ରତି ଗ୍ରାମରେ ଥିବା ଜଙ୍ଗଲ ସମ୍ବଳ ପରିଚାଳନା କମିଟିକୁ ସ୍ୱଚ୍ଛ କରିବାକୁ ଦାବି ରଖାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ସଂଯୋଜିକା ସୁଶ୍ରୀ ସଙ୍ଗୀତା ସିଂହ, ରାଜ୍ୟ ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ବରିଷ୍ଠ କଂଗ୍ରେସ ନେତା ବିନୋଦ ବିହାରୀ ନାୟକ, ଡି. ହାଁସଦା, ବାପି ନାୟକ, ମନୋଜ ମହାପାତ୍ର, ପବିତ୍ର ପାତ୍ର, ରସିକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ

ପାଟଣା,୧୦।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଚାତରପାଣି ନିକଟରୁ ଶନିବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍‌କୁ ବନ କର୍ମଚାରୀ ଜବତ କରିଛନ୍ତି। ଗାଡ଼ିକୁ ସାହାରପଡ଼ା ଫାଣ୍ଡିରେ ଜମା ଦେଇଛନ୍ତି। ଗାଡ଼ିରୁ ୯ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ବେଆଇନ ଗୋବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ପୋଲିସ ଗୋରୁଙ୍କୁ କରଞ୍ଜିଆ ଗୋଶାଳାରେ ଛାଡ଼ିଥିବା ଜଣାପଡ଼ିଛି।

# ଫାଇଲେରିଆ ନିରାକରଣ ସଚେତନତା

ଯୋଡ଼ା,୧୦।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରବିବାର କଣ୍ଡରା ଭୋଳାସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ଫାଇଲେରିଆ ନିରାକରଣ ସଚେତନ କରାଯାଇଛି। ମୁଖ୍ୟ ଅତିଥିଭାବରେ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ବିଡିଓ ଡେନିସ ବେହେରା, ଜିଲା ପରିଷଦ ସଦସ୍ୟ ଉମ୍ବରୁଧର କୁଦାଦା, କଣ୍ଡରା ସରପଞ୍ଚ ଗିନା ନାଏକ, ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲକ୍ଷ୍ମୀକାନ୍ତ ସିଂ ପ୍ରମୁଖ ଯୋଗଦେଇ ଫାଇଲେରିଆ ନିରାକରଣ ସମ୍ପର୍କରେ ସଚେତନ କରିଥିଲେ। ଶେଷରେ ସମସ୍ତଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପିଏଚ୍ଇଓ ସଞ୍ଜୁରାଣୀ ପଣ୍ଡା, ସିଏଚ୍ଓ ସୁପ୍ରିୟା ପତି, ମହିଳା ସ୍ୱାସ୍ଥ୍ୟକର୍ମୀ ଫୁଲମଣି ମହାନ୍ତ, ଏଲଏଚଭି ଦୌପଦୀ ନାଏକ, ଅଙ୍ଗନୱାଡ଼ି କର୍ମୀ ନମିତା ନାଏକ, ଆଶା କର୍ମୀ ବାସନ୍ତୀ ନାଏକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ହର୍ ଘର ତ୍ରିରଙ୍ଗା, ସ୍ୱଚ୍ଛତା ଅଭିଯାନ




ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇଥିବା ଅଧିକାରୀ ଓ ପୌରପାଳିକାର ସଫେଇ କର୍ମଚାରୀମାନେ।

କେନ୍ଦୁଝର,୧୦।୮(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ଜନସାଧାରଣଙ୍କ ମଧ୍ୟରେ ଦେଶଭକ୍ତି ଏବଂ ଜନ ଭାଗୀଦାରୀକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ, କେନ୍ଦୁଝର ଜିଲା ପ୍ରଶାସନ ସମଗ୍ର ଜିଲାରେ ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ରବିବାର କଲେକ୍ଟରେଟ କ୍ୟାମ୍ପସରେ ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ସ୍ୱେଚ୍ଛାସେବକମାନେ ଏକ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିସହ ସ୍ୱାଧୀନତା ଦିବସ ପାଳନ ଅବ୍ୟହିତ ପୂର୍ବରୁ କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବିଶେଷ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲା ସଂସ୍କୃତି ଅଧିକାରୀ ରମେଶ ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାଏକ ପ୍ରମୁଖଙ୍କ ସମେତ କେନ୍ଦୁଝରଗଡ଼ ପୌରପାଳିକାର ସମସ୍ତ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ତରଫରୁ ଏହି ଅଭିଯାନର ଅଂଶ ସ୍ୱରୂପ ନାଗରିକଙ୍କୁ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିବା, ଗର୍ବର ବାର୍ତ୍ତା ପ୍ରସାର ପାଇଁ ତ୍ରିରଙ୍ଗା ସହିତ ସେଲ୍ଫି ଅପଲୋଡ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, କେନ୍ଦୁଝରର ସ୍ଥାନୀୟ ମିଶନ ଶକ୍ତି ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସକ୍ରିୟ ଭାବରେ ଜାତୀୟ ପତାକା ପ୍ରସ୍ତୁତ କରୁଛନ୍ତି। ଯାହା ଦେଶପ୍ରେମ ଏବଂ ମହିଳା ସଶକ୍ତିକରଣ ଉଭୟର ପ୍ରତୀକ। ଜିଲା ପ୍ରଶାସନ ହର ଘର ତ୍ରିରଙ୍ଗା ଅଭିଯାନକୁ ସଫଳ କରିବା ପାଇଁ ପୂର୍ଣ୍ଣ ପ୍ରୟାସ ଚଳାଇବା ସହ ସ୍ୱାଧୀନତା ଦିବସ ପୂର୍ବରୁ ପ୍ରତ୍ୟେକ ଘର, କାର୍ଯ୍ୟାଳୟ, ସାର୍ବଜନୀନ ସ୍ଥାନ ସ୍ୱାଧୀନତା ଏବଂ ପରିଷ୍କାରତାର ଭାବନା ସହିତ ପ୍ରତିଧ୍ୱନିତ କରିବା ପାଇଁ ଜିଲାବାସୀଙ୍କୁ ନିବେଦନ କରାଯାଇଛି।

## ଭାଜପାର ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ବଉଳା,(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡ଼ିହୀ ବ୍ଲକ୍‌ରେ ଭାଜପା କାର୍ଯ୍ୟାଳୟ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଭାଜପା ନେତା ଆଲୋକ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଯୁଧିଷ୍ଠିର ମଲ୍ଲିକ, ହରମୋହନ ଶାସିନୀ, ସୁନିଲ ନାୟକ, ନେତ୍ରୀ ତୃପ୍ତିମୟୀ ଜେନା, ମିନତୀ ମହାପାତ୍ର ପ୍ରମୁଖ ବାଇକ୍ ରାଲିରେ ଚୋରଗଡ଼ିଆ ଛକରୁ ଛେନାପଦି, ହାଟଡ଼ିହୀ, ମରେଇଗାଁ, ଜଗନ୍ନାଥପୁର ଆଦି ଗାଁ ଓ ଛକଗୁଡ଼ିକୁ ପରିକ୍ରମାକରି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିରେ ୫ ଶହରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ।

# ବିଜେଡ଼ି କୁମ୍ଭୀର କାନ୍ଦଣା କାନ୍ଦୁଛି: ମହେଶ୍ୱର

**ଚାଷୀ ମାରଣନୀତି ବିରୋଧରେ ବିଜେଡ଼ିର ସମାବେଶକୁ ଭାଜପାର କଟାକ୍ଷ**

କେନ୍ଦୁଝର,୧୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଜୁ ଜନତା ଦଳ ଅଗଷ୍ଟ ୧୮ ତାରିଖ ଦିନ ଡବଲ ଇଞ୍ଜିନ ସରକାରର ଚାଷୀ ମାରଣ ନୀତି ବିରୋଧରେ ସମାବେଶ କରିବ। ଏନେଇ ବିଜେଡ଼ି ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁ ଏହାକୁ କଟାକ୍ଷ ପରି ସଇତାନର ବେଦ ପାଠ, ଚାଷୀଙ୍କ ପାଇଁ ବିଜେଡି କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି।

ବିଜେଡି ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନ କାଳରେ ସବୁଠାରୁ ଅଧିକ ଚାଷୀ ଆତ୍ମହତ୍ୟା ବରଗଡ଼ ଜିଲାରେ ହୋଇଛି। ତାହା ଆଜି ପର୍ଯ୍ୟନ୍ତ ବରଗଡ଼ବାସୀ ଭୁଲି ନାହାନ୍ତି। ବରଗଡ଼ ଜିଲାର ସେହେଲାଠାରେ ଚାଷୀ ସମାବେଶରେ ନବୀନ ପଟ୍ଟନାୟକ ଧାନ କୁଇଣ୍ଟାଲ ପ୍ରତି ଏକଶତ ଟଙ୍କା ବୋନସ ପ୍ରଦାନ କରିବା ଘୋଷଣା କରିଥିଲେ। କାହିଁକି ଚାଷୀଙ୍କୁ ଦେଲେ ନାହିଁ ତାର ଜବାବ ଓଡ଼ିଶାର ଚାଷୀଙ୍କୁ ଦିଅନ୍ତୁ। ଓଡ଼ିଶାର ୩୫ ଭାଗ ଜମିକୁ ଜଳସେଚନ କରିବାକୁ କହିଥିଲେ କ'ଣ କଲେ ତାର ଜବାବ ଦିଅନ୍ତୁ ବୋଲି କହିଛନ୍ତି। ଓଡ଼ିଶାର ୩୧୪ ବ୍ଲକ୍‌ରେ ଶୀତଳଭଣ୍ଡାର କରିବାକୁ ଘୋଷଣା କରିଥିଲେ କଲେ ନାହିଁ। କାଳିଆ ଯୋଜନାରେ ୫ ହଜାର କରି ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ଦେବାକୁ କହିଥିଲେ। କେତେ ଦେଲେ ତାହାର ହିସାବ ଓଡ଼ିଶାର ଚାଷୀଙ୍କୁ ଦିଅନ୍ତୁ ବୋଲି ସେ କହିଛନ୍ତି। ଏବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ଫଳରେ ଚାଷୀ ସୁଫଳ ପାଇବାରେ ଲାଗିଛି। ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ୪୮ ଘଣ୍ଟା ଭିତରେ ଚାଷୀ ପାଇଛି। ଗତ ଖରିଫ ଚାଷରେ ରେକର୍ଡ ସଂଖ୍ୟକ ୧୭ ଲକ୍ଷ ଉର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୪ ଲକ୍ଷ ମେଟ୍ରିକ ଟନ ଧାନ କିଣାଯାଇଛି। ପିଏମ କିସାନରେ ୨ ହଜାର କରି ୩ଟି କିସ୍ତିରେ ୬ ହଜାର ଟଙ୍କା ଓ ସିଏମ କିସାନରେ ୨ ହଜାର କରି ୨ଟି କିସ୍ତିରେ ୪ ହଜାର ଟଙ୍କା ଏଭଳି ବର୍ଷକୁ ଚାଷୀ ଖାତାକୁ ବର୍ଷକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ ଡବଲ ଇଞ୍ଜିନ ସରକାର ଦେଉଛନ୍ତି। ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୧୫ ଲକ୍ଷ ଚାଷ ଜମିକୁ ଜଳସେଚିତ କରିବା ପାଇଁ ପକ୍ରିୟା ଆରମ୍ଭ ହୋଇଛି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସାହୁ କହିଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

କେନ୍ଦୁଝର,୧୦।୮(ଦୀପକ ମିଶ୍ର): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତରମାକାନ୍ତ ପଞ୍ଚାୟତ ଜଳଡ଼ିହା ମାଣିକସାହି ଜଙ୍ଗଲ ରାସ୍ତାରେ ରବିବାର ଅପରାହ୍ନ ୪ଟାରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅଡାଳ ଅଞ୍ଚଳର ପର୍ଶୁ ମୁଣ୍ଡା(୨୮)। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ଅଟକ ରଖି ହୋହଲ୍ଲା କରିଥିଲେ।

ପ୍ରକାଶ ଯେ, ତରମାକାନ୍ତ ଜଙ୍ଗଲ ରାସ୍ତା ଦେଇ ସାଇକେଲରେ ଶ୍ୱଶୁର ଘର ଜଳଡିହା ମାଣିକସାହିରୁ ଅଡାଳସ୍ଥିତ ନିଜ ଘରକୁ ଫେରୁଥିଲେ। ଜଳଡିହା ମାଣିକ ସାହି ନିକଟ ଜଙ୍ଗଲରେ ୨ ଦନ୍ତା ହାତୀ ହାବୁଡରେ ପଡିଯାଇଥିଲେ। ଗୋଟିଏ ଦନ୍ତାହାତୀ ପର୍ଶୁଙ୍କୁ ଆକ୍ରମଣ କରି ଶୁଣ୍ଢରେ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ନ ଛାଡ଼ି ପାଟିତୁଣ୍ଡ କରିଥିଲେ। ଖବର ପାଇଁ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟନକାନ୍ତ ସାହୁ, ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବନରକ୍ଷୀ ମିଲ୍ଲିରାଣୀ ଦାସ, ନିଲମ ମହାନ୍ତ ଏବଂ ବନବିଭାଗର ପାଟ୍ରୋଲିଂ ଟିମ୍, ନୟାକୋଟ ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ, ତରମାକାନ୍ତ ସରପଞ୍ଚ ଲିଲିମଣି ମାଝୀ ପହଞ୍ଚି ବୁଝାସୁଝା କରିଥିଲେ। ଶୁଦ୍ଧିକ୍ରିୟା ପାଇଁ ବନ ବିଭାଗ ପକ୍ଷରୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସରକାରୀ ସହାୟତା ଏବଂ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ପରେ ଘଟଣାସ୍ଥଳରୁ ମୃତଦେହ ଉଠିଥିଲା।

**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/07

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003327 Dt 05.06.2025 (Corrigendrum-1) | SITC of CCTV across discoms |
| 2 | TPCODL/CCG/2025-26/1000005074 | Rate Contract for Supply of Fuse Wire TC Items |
| 3 | TPCODL/P&S/2025-26/1000005049 | SITC of Porta Cabin for Stores of TPCODL |

more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

**OFFICE OF MUNICIPAL COUNCIL, SUNABEDA**
No.C-822
**E-PROCUREMENT NOTICE**
No.2796 Date : 06.08.2025
**Bid-Identification No.M.C-SBD-01/2025-26**

| | | |
|---|---|---|
| Total No. of works | : | 105 Nos. |
| Tender Value | : | Rs.3,50,000/- to Rs.35,00,000/- |
| Available Period | : | Dt.18.08.2025, 11.00 A.M. to Dt.04.09.2025, 5.00 P.M. |
| Tendr Opening date | : | 09.09.2025 at 11.00 A.M. |
| Bidders are requested to participate in advance with their class | : | B, C & D Class DSC before the closing date. |
| Further details please visit : https://www.tendersorissa.gov.in | | |

Sd./- Executive Officer
Sunabeda Municipality
OIPR-13076/11/0026/2526

No.A-476
ଜଳ ସମ୍ପଦ ବିଭାଗ
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିକାଶ, ଭଦ୍ରକ
**OFFICE OF THE SUPERINTENDING ENGINEER, DRAINAGE DIVISION, BHADRAK**
email id : eeddbdk@gmail.com
Tel No. : 06784-451031
**"e" PROCUREMENT NOTICE NO.-03/2025-26**

| | | |
|---|---|---|
| 1 | Bid Identification Number | DDBDK-03-01-2025-26 to DDBDK-03-08-2025-26 (8 nos individual work) |
| 2 | Name of the Work | Drainage Works (under D.I.P. Scheme & IBDP) |
| 3 | Estimated cost of individual works | Varies from Rs.16,70,775/- to Rs.84,22,032/- (Excluding G.S.T) |
| 4 | Period of completion | Varies from 2 (Three calendar months) to 6 (Six calendar months) |
| 5 | Date & Time of availability of Bid document in the portal | From Dt.13.08.2025 at 10.00 hours to Dt.29.08.2025 up to 17.00 hours |
| 6 | Date & Time for receipt of Bid document in the Portal | From Dt.14.08.2025 at 10.00 hours to Dt.29.08.2025 at 17.00 hours |
| 7 | Date of Opening of technical bid | Dt.30.08.2025 at 11.30 hours. In the Office of the Superintending Engineer, Drainage Division, Bhadrak |
| 8 | Name & address of the officer inviting Bids | Superintending Engineer, Drainage Division, Bhadrak |

Further details can be seen from the Govt. Website www.tendersodisha.gov.in
Sd./- Superintending Engineer
Drainage Division, Bhadrak
OIPR-32057/11/0008/2526

No.A-479
**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer, Drainage Circle, Balasore**
Email id : sedcbls@yahoo.com
**"e" PROCUREMENT NOTICE NO. ACEDCBLS-09/2025-26**

| | | | |
|---|---|---|---|
| 1 | Bid Identification Number | : | ACEDCBLS/DDBDK-01-09/2025-26 ACEDCBLS/DDBDK-02-09/2025-26 ACEDCBLS/DDBDK-03-09/2025-26 ACEDCBLS/DDBDK-04-09/2025-26 |
| 2 | Name of work | : | Drainage Improvement works (Under D.I.P. Scheme) |
| 3 | Total No. of Project | : | 4 Nos. of Individual work |
| 4 | Estimated cost of individual works | : | varies from Rs.1,82,98,800/- to Rs.2,81,06,008/- (Excluding G.S.T.) |
| 5 | Period of completion | : | 11 (Eleven) Calendar months |
| 6 | Date & Time of availability of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 8 | Date of Opening of Technical Bid | : | Dt.03.09.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 9 | Name & address of the officer inviting Bids | : | Additional Chief Engineer, Drainage Circle, Balasore |

**Further details can be seen from the Govt. Website www.tendersodisha.gov.in**
Sd./- Additional Chief Engineer
Drainage Circle, Balasore
OIPR-32190/11/0022/2526

# ଆଜି କ'ଣ କେଉଁଠି

## କଟକ

- ରେଭେନ୍ସା କଲିଜିଏଟ୍ ସ୍କୁଲ ପକ୍ଷରୁ ଲଡୁ ଦିବସ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ ପରିସର,ବସ୍ତା,ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବନ୍ତ, ସମୟ: ଅପରାହ୍ନ ୩ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଦୋବଲ କାଳୀପଡ଼ିଆ ଯଜ୍ଞ ମଣ୍ଡପ, ଧାମନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଭୋଟ ଚୋରି ଅଭିଯୋଗ ଉପରେ କଂଗ୍ରେସର ରାଲି ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଡିଆଇଇଟି ସ୍କୁଲ, ମୁର୍ଗାବାଡି, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପିସିପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ, ବାରିପଦା, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ଗଞ୍ଜାମ ଜିଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଆସିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ଅମଲା ସଂଘର ଆନ୍ଦୋଳନ, ସ୍ଥାନ:ଛତ୍ରପୁରସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ମା' ରାମଚଣ୍ଡୀଙ୍କ ବାର୍ଷିକ ଯାତ୍ରା, ସ୍ଥାନ: କୋଶଳା, ଛେଣ୍ଡିପଦା, ସମୟ: ସକାଳ ୬ଟା।
- ଜିଲାପାଳଙ୍କ ମିଳିତ ଜନ ଶୁଣାଣି, ସ୍ଥାନ: ବଅଁରପାଳ ବ୍ଲକ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟ୍ ଚୋରି ଅଭିଯୋଗରେ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ହର ଘର ତ୍ରିରଙ୍ଗା ରାଲି କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବଡ଼ଚଣା କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବିରେ ଥାନା ଘେରାଉ, ସ୍ଥାନ: ବାଲିଚନ୍ଦ୍ରପୁର ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନ ଉଦ୍‌ଘାଟନ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା, ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଜନ ଶୁଣାଣି ଶିବିର, ସ୍ଥାନ: ରଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼ ନୀଳମାଧବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାୟଗଡ଼ା

- ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ, ଭାଗବତ ପାଠ କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି, ମୁନିଗୁଡା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ମହାଦେଇପୁଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ ; ବତାଶନା ପଞ୍ଚାୟତ ସଭାଗୃହ, କୋଟପାଡ଼ ; ପଞ୍ଚାୟତ କାର୍ଯ୍ୟାଳୟ ପିତାଗୁଡ଼ା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଅଲଟ୍ରାସାଉଣ୍ଡ ମେସିନ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ସରକାରୀ ଯୋଜନାର ସମୀକ୍ଷା, ସ୍ଥାନ: ବିଲାପୁଟ ଓ ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ଏବଂ ଅପରାହ୍ନ ୩ଟା।

## ମାଲକାନଗିରି

- ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଖଇରପୁଟ ବ୍ଲକ୍ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : କୁଚିଣ୍ଡା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ,ସମୟ ; ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଧିକା ରିଜେନ୍ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ୍ତନ ଓକିଲ ସଂଘ ସଭାପତିଙ୍କ ବିୟୋଗରେ ଶୋକସଭା, ସ୍ଥାନ: ବିରଜାପାଲୀ କୋର୍ଟ ପରିସର ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଫାଇଲେରିଆ ନିରାକରଣ କର୍ମଶାଳା, ସ୍ଥାନ: ଆମ୍ବେଦକର ବସ୍ତି, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଉଦିତନଗର ଶ୍ରମ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କାହ୍ନୁ ଚରଣ ମହାନ୍ତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର,ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବିଜେପୁର, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅତାବିରା,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର, ସ୍ଥାନ: ଥୁଆମୁଲ ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଜିଲା କଂଗ୍ରେସ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ଗଙ୍ଗାଧର ଜୟନ୍ତୀ, ସ୍ଥାନ: ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବହଳପଦର ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାହୁ ଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଗୃହ, ଭୂମି, ଗାଡିମୋଟର, ସହକର୍ମୀ ଏବଂ ଧାର କରଜକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ଦୂର ହେବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ**
ଚନ୍ଦ୍ରଙ୍କ କୋଣସ୍ଥାନରେ ଗୁରୁଶୁକ୍ର ହେତୁ କର୍ମାରମ୍ଭ ସକାଶେ ପରିସ୍ଥିତି ଅନୁକୂଳ ରହିବ। ସକାଳୁ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିପାରେ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଯିବା ସମୟକୁ ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ**
ଅଷ୍ଟମାଧିପତି ଶନି କର୍ମଭାବସ୍ଥ ଯୋଗୁ ପ୍ରତ୍ୟେକ କାମ ଧିମାଗତିରେ ଆଗକୁ ବଢିପାରେ। ଗତକାଲି ରାତ୍ରିରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ଯୋଗୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ**
ବୁଧାଦିତ୍ୟ ଯୋଗ ରାଶିରେ ସଂଘଟିତ ହୋଇଥିବାରୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ଲାଭ କରିବେ। ଆତ୍ମୀୟଙ୍କ ପାଇଁ ଯେତେ ଭଲ କଲେ ମଧ୍ୟ ପ୍ରତିଦାନ ପାଇପାରିବେନି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ , ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
କେତୁଙ୍କ କୁପ୍ରଭାବରୁ ପାରିବାରିକ ଅଶାନ୍ତି ଯୋଗୁ ମନରେ ସରସତା ରହିବ ନାହିଁ। ନିକଟସ୍ଥ ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ସତର୍କ ନ ରହିଲେ ଆଘାତ ଲାଗିପାରେ। ରଚନାତ୍ମକ କାମ, ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିପାରନ୍ତି।

**କନ୍ୟା**
ଭାଗ୍ୟାଧିପ କର୍ମଭାବସ୍ଥ ଯୋଗୁ ସମସ୍ୟା ସମାଧାନ ପୂର୍ବକ ଅଭିଳାଷକୁ ପୂରଣ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**ତୁଳା**
ଗ୍ରହଙ୍କ ଶୁଭ ସମାବେଶରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ପ୍ରଶାସନିକ କାର୍ଯ୍ୟ, ସଭାସମିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସଫଳତା ଲାଭକରିବେ। କଚେରି ମାମଲା କିମ୍ବା ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢିପାରେ। ସାମାଜିକ ସ୍ତରରେ ଅଗ୍ରଣୀ ହେବେ।

**ବିଛା**
ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ପାପଗ୍ରହ ରାହୁ ଯୁକ୍ତ ଯୋଗୁ ପରିବାର ଓ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ଶନିଙ୍କ ଦୃଷ୍ଟି ପ୍ରଭାବରେ ସମସ୍ୟା ବିଶେଷ ଉତ୍କଟ ନ ହେବାର ସୂଚନା ରହିଛି। ବ୍ୟବସାୟ ଓ ବାଣିଜ୍ୟରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଆଶା କଷ୍ଟ ହୋଇପଡିବ।

**ଧନୁ**
ଆଜି ରାଶ୍ୟାଧିପତିଙ୍କ ରାଶି ପ୍ରତି ଦୃଷ୍ଟି ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଉଲ୍ଲସିତ ହେବେ। ବିଳାସ ବ୍ୟସନ କିମ୍ବା ସଭାସମିତିରେ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ମକର**
କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ବାଣିଜ୍ୟରେ ଉନ୍ନତି ଘଟିବା ପାଇଁ ଆପ୍ରାଣ ଉଦ୍ୟମ କରିପାରନ୍ତି। କେତେକ ଅନାକାଂକ୍ଷିତ ପ୍ରତିବନ୍ଧକରୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ**
ରାଶିରେ ରାହୁଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଚେଷ୍ଟା କରୁଥିବା କାମରେ ପରିବାରରୁ ସହଯୋଗ ପାଇବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଦିଗରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ**
ଶନିଙ୍କ ପ୍ରଭାବରେ ଆପଣ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ଥିରତା ହରାଇ ପାରନ୍ତି।

ଆଜି ଅଗଷ୍ଟ ୧୧ ତାରିଖ, ଭାଦ୍ରବ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ରାଶିନକ୍ଷତ୍ର-ଦିବା ଘ.୧୨.୫୯ ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୯ ଗତେ ଘ.୦୭.୦୫ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭.୦୫ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ ।

## ଡିଏଭି ୟୁନିଟ୍-୮,ଏମ୍‌ସ...

ଏମ୍ସ ଭୁବନେଶ୍ୱର ୯୦ ସ୍କୋର ରଖିଥିବାବେଳେ ଆଇଆଇଟି ଖଡଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଯଥାକ୍ରମେ ୮୪ ଏବଂ ୫୬ ସ୍କୋର ରଖିଥିଲେ। ଉଲ୍ଲେଖଯୋଗ୍ୟ, ସିନିୟର ବର୍ଗରେ ଭାଗ ନେଇଥିବା ଅନ୍ୟ ଦଳମାନେ ଥିଲେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ, ଖୋର୍ଦ୍ଧାର ନାଇଜର, ଝାଡ଼ଖଣ୍ଡ ଜାମସେଦ୍‌ପୁରର ଏକ୍ସଏଲଆରଆଇ, କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭରସିଟି ଏବଂ ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର।

କାର୍ଯ୍ୟକ୍ରମ ଆରମ୍ଭରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ମେଟଲ୍ ମିଟ୍‌ର ଆଭିମୁଖ୍ୟ ବିଷୟରେ କହିବା ସହିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏହି କୁଇଜ୍ ପ୍ରତିଯୋଗିତା ପ୍ରଥମ ଥର ପାଇଁ ରାଜ୍ୟ ବାହାରକୁ ଯାଇଥିବାରୁ ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ କୁଇଜ୍ ସଂସ୍କୃତିକୁ ପୁନରୁତ୍ଥାନ କରିବାରେ ଏହି ସଂସ୍କରଣ ବେଶ୍ ଉପାଦେୟ ହୋଇପାରିଥିବା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପ୍ରାୟୋଜକ ଭାବେ ଇଣ୍ଡିଆନ ଅଏଲ, ନାଲ୍‌କୋ, ବେଦାନ୍ତ, ଇମ୍ପା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଓକାକ୍, ପାରାଦୀପ ଫସ୍‌ଫେଟ୍, ଡିଓନ, ଏମ୍‌ଜିଏମ୍ ମିନେରାଲ ଲିମିଟେଡ, ଏସଆଇପି ଆବାକସ, ଏମ୍‌ସିଏଲ୍, ଜେଏସଡବ୍ଲ୍ୟୁ, ଏମ୍ପ୍ରେ ଏମ୍‌ଜି, ଓଡ଼ିଶା ସରକାର ଓ ନିୟୁଟନ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ରହିଥିବା ବେଳେ ପାର୍ଟନର ଭାବେ ଅଜନ୍ତା ଆଡଭଟାଇଜର୍ସ, ସମାଜବାଦୀ ସୋସାଇଟି, ଡବ୍ଲ୍ୟୁଇଏଫଇ ଇଣ୍ଟରନେଟ ଓ ଧରିତ୍ରୀ ରହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯୋଗୀ, ବଇଦ, କୁକୁର, ଘୋଡ଼ା,**
**କେବେ ନୁହନ୍ତି ଯୋଡ଼ା ଯୋଡ଼ା।**

ପ୍ରକୃତରେ ଦେଖିବାକୁ ଗଲେ ଯୋଗୀ, ବଇଦ, କୁକୁର ଓ ଘୋଡ଼ା ଏଇ ଜାତି ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସାଙ୍ଗରେ ମିଶେ ସେଥିରେ ତା'ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇବାକୁ ଯାଇ ପ୍ରତ୍ୟେକେ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯେବେ ଥିବ ଅଣ୍ଟାରେ ବଳ,**
**ସଙ୍ଗାତ ମିତେ ତା' ଦୁଆରେ ଠୁଳ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଯାହା ପାଖରେ ଅର୍ଥ ନ ଥାଏ ସେ ସଭିଙ୍କ ପାଖରେ ଅଖୋଜା ଅଲୋଡ଼ା ହୋଇଯାଇଥାଏ। କିନ୍ତୁ ପାଖରେ ଅର୍ଥ ଥିଲେ ଅଜଣା ଅଦେଖା ବା ଦୂର ସମ୍ପର୍କୀୟ ବ୍ୟକ୍ତି ନିଜର ଆତ୍ମୀୟତା ଦେଖାଇବାରେ ଆଦୌ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଚନ୍ଦ୍ରଭାଗା ସମୁଦ୍ରରେ ...

ରିଟ୍ରିଟ୍ ଠାରେ ଏକ ଘରୋଇ ଗାଡ଼ି ସର୍ଭିଂ କମ୍ପାନୀରେ କାର୍ଯ୍ୟରତ ୩ ଜଣ ସାଙ୍ଗ ଗାଧୋଉଥିବା ବେଳେ ୨ଜଣ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଅବସ୍ଥାରେ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ଓ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଆହତ ଶିବକୁମାରଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ କୋଣାର୍କ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଅରୂପାନନ୍ଦ ଓ ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପାହାଳ ଅଞ୍ଚଳର ଯୁବକ ପିଣ୍ଟୁଙ୍କ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ବେଳେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର ରାହୁଲ କୁମାର ସେନାପତି ଓ ଅରୂପାନନ୍ଦ ଜେନାଙ୍କ ମୃତ ଦେହକୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଜବତ କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ପକ୍ଷରୁ ପୃଥକ ପୃଥକ ଭାବେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

ଚନ୍ଦ୍ରଭାଗା ସମୁଦ୍ର କୂଳରେ ସୁରକ୍ଷା ନିମନ୍ତେ ଆବଶ୍ୟକ ଲାଇଫ୍‌ଗାର୍ଡ ନ ଥିବା ଓ ଚନ୍ଦ୍ରଭାଗାଠାରୁ ଇକୋ ରିଟ୍ରିଟ ପର୍ଯ୍ୟନ୍ତ ସମୁଦ୍ରକୂଳ ମୁକୁଳା ପଡ଼ିଥିବାରୁ ପର୍ଯ୍ୟଟକମାନେ ଯେଉଁଠି ପାଇଲେ ସେଠାରେ ଗାଧୋଇବା ଦ୍ୱାରା ଏପରି ଅଘଟଣ ଘଟୁଛି। ସଚେତନତା ଅଭାବରୁ ସମୁଦ୍ରରେ ବୁଡ଼ି ଅନେକ ପ୍ରାଣ ହାନି ଘଟୁଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଚନ୍ଦ୍ରଭାଗା ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ଲାଇଫ୍‌ଗାର୍ଡ ମୁତୟନ କରିବା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କୁକୁର କାମୁଡ଼ାରେ ଆହତ ...

ମେଘନାଦ ଛତ୍ରିଆ, ଫୁଲ ଛତ୍ରିଆ, ଆର. ରଣା, ଖେଳାଳି ଯୋଗେନ୍ଦ୍ର ଓ ହୃଷୀକେଶଙ୍କୁ ଗୋଡେଇ ଜଣକ ପରେ ଜଣଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଯୋଗେନ୍ଦ୍ର ଓ ହୃଷୀକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡିବାରୁ ଉଭୟଙ୍କୁ ପ୍ରଥମେ ବଲାଙ୍ଗୀର ଭୀମଭୋଇ ମେଡିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ଦୁହିଁଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶନିବାର ଯୋଗେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ହୃଷୀକେଶଙ୍କୁ ଉଚ୍ଚତର ଚିକିତ୍ସା କରା ନ ଯାଇ ଘରକୁ ନେଇଯିବାକୁ କୁହାଯାଇଥିଲା। ଫଳରେ ପରିବାର ଲୋକେ ଘରକୁ ଆଣିବା ବେଳେ ରବିବାର ସକାଳ ସାଢେ ୯ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଗ୍ରାମରେ ହୃଷୀକେଶଙ୍କ ଅନ୍ତିମ ସଂସ୍କାର କରାଯାଇଛି । ସେହିପରି ମୃତଦେହ ବ୍ୟବଚ୍ଛେଦ ପରେ ବୁର୍ଲାରେ ଆଥ୍‌ଲେଟ ଯୋଗେନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅବିବାହିତ ଯୋଗେନ୍ଦ୍ର ରାଜ୍ୟ ଓ ଜାତୀୟ ସ୍ତରରେ ଭଲିବଲ୍ ଖେଳିଥିଲେ। ଆଗକୁ ଭଲ ଖେଳି ଦେଶର ନାଁ ରଖିବା ତାଙ୍କର ଲକ୍ଷ୍ୟ ଥିଲା ବୋଲି ପରିବାର ଲୋକେ କହିଛନ୍ତି। କୁକୁର କାମୁଡାରେ ୨ ଜଣଙ୍କ ମୃତ୍ୟୁ ଘଟିବା ଖବର ପାଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଛି। ଅନ୍ୟ ଆହତମାନେ କିପରି ସୁସ୍ଥ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ସନ୍ଧ୍ୟାରେ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଏହାଛଡା ତୁଷରା ଥାନା ଆଇଆଇସି ମନୋଜ ପ୍ରଧାନ ମଧ୍ୟ ଚିଞ୍ଚେଡ ଗ୍ରାମକୁ ଯାଇଥିବା ସୂଚନା ମିଳିଛି।

## ବିକାଶ ସହ ଦୁର୍ନୀତିମୁକ୍ତ ...

ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ କୋଠାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ୍ କରିଡରର ୬ ଲେନ୍ ବିଶିଷ୍ଟ ରାସ୍ତା ଶୀଘ୍ର ନିର୍ମାଣ ହେବ। ଏଥିସହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଖାଲି ଥିବା ସମସ୍ତ ପଦବୀ ପୂରଣ ହେବ। କୋରାପୁଟବାସୀ ସ୍ୱାସ୍ଥ୍ୟ ସେବା ପାଇଁ ଯେମିତି ଦୂର ସହରକୁ ଯାଇ ହଇରାଣ ନ ହେବେ, ସେଥିଲାଗି ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ ଦ୍ୱାରା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଜିଲା ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଲୋକେ ମଧ୍ୟ ଉପକୃତ ହେବେ। ନୂତନ ହସ୍ପିଟାଲରେ ଲୋକେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରଠୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧିକୁ ପ୍ରାଥମିକତା ଦିଆଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯାଉଛି। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି। ରୋଗୀଙ୍କ ପାଇଁ ଅକ୍ସିଜେନ୍ ଅଭାବ ଦୂର କରିବା ସକାଶେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସାଯାଉଛି। ଏହି ହସ୍ପିଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟବରାଦ କରିଥିବା ସେ ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୨ ସରକାରୀ ମେଡିକାଲ କଲେଜ ଥିବାବେଳେ ଖୁବ୍‌ଶୀଘ୍ର ଆଉ ୪ଟି ମେଡିକାଲ କଲେଜ ଖୋଲାଯିବ। ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ଦିଆଯାଇଛି। ସେହିପରି ୭୦ ବର୍ଷରୁ ଉର୍ଦ୍ଧ୍ୱ ୮,୬୪୪ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଥିବା ସେ କହିଛନ୍ତି। କୋରାପୁଟବାସୀ ଦେଶର ୨୯ ହଜାରରୁ ଉର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଉଛନ୍ତି। ଏହି ଜିଲାରେ ଏଯାଏ ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ୩ ଲକ୍ଷ ୫୪୭ କାର୍ଡ ବଣ୍ଟନ କରାଯାଇଛି। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅଧୀନରେ ଅଦ୍ୟାବଧି ୯ ହଜାର ୬ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ୪ ଘରୋଇ ହସ୍ପିଟାଲକୁ ଏବି-ପିଏମ୍‌ଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ଅନୁମୋଦନ ମିଳିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବିପିଏମ୍‌ଜେଏୱାଇ, ଜିଜେଏୱାଇ, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।


ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, କୋରାପୁଟ ଜିଲାର ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିହୋଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଡାକ୍ତରଖାନା, ମେଡିକାଲ୍ କଲେଜରେ ନୂଆ ଭିତ୍ତିଭୂମି ସହ ରୋଗୀକୈନ୍ଦ୍ରିକ ସେବା ବ୍ୟବସ୍ଥା କରାଯାଉଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ ସ୍ୱାଗତ ଭାଷଣ ଦେଇଥିବାବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗରେ ପ୍ରଜ୍ଞା,...

ଅନିମେଶ ୨୦.୭୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦକ୍ଷିଣ କୋରିଆର କୋ ସେଉଙ୍ଗୱାନ ୨୦.୯୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ଓ ଭାରତର ରଗୁଲ କୁମାର ଜି. ୨୧.୧୭ ସେକେଣ୍ଡ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛତିଶଗଡ଼ର ଅନିମେଶ ଭୁବନେଶ୍ୱର ଏଚ୍‌ପିସିରେ ଟ୍ରେନିଂ ନେଉଥିବାରୁ ସେ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହା ଏକ ଆମନ୍ତ୍ରଣୀୟ ପ୍ରତିଯୋଗିତା ହୋଇଥିବାରୁ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇ ନ ଥାଏ। କେବଳ ଆର୍ଥିକ ପୁରସ୍କାର ଦିଆଯାଏ। ତେବେ ଏଥିରୁ ପ୍ରତିଯୋଗୀମାନେ ଟାଇମିଂ ଅନୁସାରେ ମୂଲ୍ୟବାନ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇଥାନ୍ତି, ଯାହାକି ଭବିଷ୍ୟତରେ ସେମାନଙ୍କୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ସହାୟକ ହୋଇଥାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୋଲିସ ଡିଜି ୱାଇ.ବି. ଖୁରାନିଆ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ପ୍ରଜ୍ଞା ପ୍ରଶାନ୍ତି ସାହୁ




ଅନିମେଶ କୁଜୁର୍

**ଦଶମ ଶ୍ରେଣୀ ଛାତ୍ର ନିଖୋଜ**

ଭଣ୍ଡାରିପୋଖରୀ,(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ସାତଶୋଳା ଗ୍ରାମର ଦଶମ ଶ୍ରେଣୀ ଛାତ୍ର ଗୁରୁଶେଖର ଆଲଦା(୧୫) ଗତ ଜୁଲାଇ ୧୭ରୁ ନିଖୋଜ ଅଛନ୍ତି। ଏନେଇ ତାଙ୍କ କକା ରଘୁନାଥ ଆଲଦା ରବିବାର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଗୁରୁଶେଖର ଓଡ଼ିଆ ଓ କୋହ୍ଲ ଭାଷାରେ କହୁଥିବା ବେଳେ ତାଙ୍କ ଉଚ୍ଚତା ୪ ଫୁଟ୍ ୪ ଇଞ୍ଚ୍ ହେବ। ସେ ଘରୁ ଯିବା ବେଳେ ନୀଳ ରଙ୍ଗର ଟି-ଶାର୍ଟ ସହ ଟ୍ରାକ୍ ପ୍ୟାଣ୍ଟ ପିନ୍ଧିଥିଲେ। ଏ ସମ୍ପର୍କରେ ସୂଚନା ମିଳିଲେ ମଞ୍ଜୁରୀରୋଡ୍ ଫାଣ୍ଡି କିମ୍ବା ନିକଟସ୍ଥ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି।

# ଜରାଜୀର୍ଣ୍ଣ ଅବସ୍ଥାରେ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ

- ୨୦୨୨ରୁ ଫାଟକରେ ତାଲା ପଡ଼ିଥିଲା
- ମରାମତି ସହ କାର୍ଯ୍ୟକ୍ଷମ ପାଇଁ ଦାବି

ଧାମନଗର,୧୦।୮(ସନ୍ତୋଷ କୁମାର ମହାପାତ୍ର)

ଧାମନଗରଠାରେ ଥିବା କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କାର୍ଯ୍ୟାଳୟ କାନ୍ଥରେ ଫାଟ ହୋଇଥିବା ବେଳେ ପ୍ଲାଷ୍ଟର ଖସିପଡ଼ିଛି। ସେହିପରି ଆଜ୍‌ବେଷ୍ଟସ ଫୁଟିଯାଇ ଉପରୁ ପାଣି ଗଳୁଛି। ଅଫିସ ଭିତରେ ନା ଅଛି ବିଜୁଳି ନା ଚେୟାର ଟେବୁଲ। ପାଇଖାନା ଗୃହ, ଭିତର କବାଟ, ବିଦ୍ୟୁତ୍ ଯନ୍ତ୍ରାଂଶ ସବୁ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି।

ଧାମନଗର ବ୍ଲକ କାର୍ଯ୍ୟାଳୟକୁ ଲାଗି କ୍ଷୁଦ୍ର ଜଳସେଚନ ବିଭାଗର ଅଫିସ ରହିଛି। ଅଫିସ୍‌ରେ ଫାଟକରେ ତାଲା ପଡ଼ିରହିବା ସହ କୌଣସି ସୂଚନା ଫଳକ ନ ଥିବାରୁ ସାଧାରଣ ଲୋକେ ଏହାକୁ ଜାଣି ପାରୁ ନ ଥିଲେ। ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ଉକ୍ତ ଅଫିସଟି ଜରାଜୀର୍ଣ୍ଣ ହୋଇ ଭୂତକୋଠି ପାଲଟି ଯାଇଥିବା ବେଳେ ପ୍ରାୟ ୧ ମାସ ହେବ ବିଭାଗ ପକ୍ଷରୁ ଏହାକୁ ସଫାସୁତୁରା କରାଯାଇଛି। ୨୦୨୨ରୁ ଦାୟିତ୍ୱରେ ଥିବା ଧାମନଗର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କୌଣସି ଗୋଟିଏ ଦିନ ବି ଅଫିସକୁ ଆସିନାହାନ୍ତି। ଏବେ ଅଫିସଟି କିଛିଦିନ ହେବ ଖୋଲାଯାଇଥିବା ବେଳେ ବିଦ୍ୟୁତ୍ ସଂଯୋଗ ନ ଥିବା ଜଣାପଡ଼ିଛି। ତାହା ବି କେହି ନ ଆସିବାରୁ ଅଧିକାଂଶ ସମୟରେ ତାଲା ଝୁଲୁଛି। ଏଥିଯୋଗୁ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ୩ବର୍ଷ ଧରି ଧାମନଗର ଅଫିସକୁ ନ ଆସି କିପରି ଓ କେଉଁଠି କାମ କରୁଥିଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାପାଳ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଏହି କାର୍ଯ୍ୟାଳୟକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର ନାରାୟଣ ପାଢ଼ୀଙ୍କୁ ପଚାରିବାରୁ ୨୦୨୨ ସେପ୍ଟେମ୍ବରରୁ ଧାମନଗର ଅଫିସ୍ ଦାୟିତ୍ୱରେ ରହିଥିବା କହିଥିବା ବେଳେ ଏତେବର୍ଷ ହେଲା କାମ କେଉଁଠି ହେଉଥିଲା ବୋଲି ପଚାରିବାରୁ ଏଡ଼ାଇ ଯାଇଥିଲେ। ତେବେ ଅଫିସକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଏଷ୍ଟିମେଟ ଦିଆଯାଇଛି, ଆପ୍ରୋଭାଲ ହେଲେ ମରାମତି କାମ ହେବ ବୋଲି ସେ କହିଛନ୍ତି।



ଧାମନଗର କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ।

## ସମବାୟ ସମିତିର ନୂତନ ଅଫିସ୍ ଗୃହ ଉଦ୍‌ଘାଟିତ

ଆଗରପଡ଼ା, ୧୦।୮ (ସୁଶାନ୍ତ ଦାଶ)

ଆଗରପଡ଼ା ଥାନା ଅଧୀନ ପୁରୁଷଣ୍ଡ ସେବା ସମବାୟ ସମିତିର ନୂତନ ଅଫିସ୍ ଗୃହ ରବିବାର ସଭାପତି ପ୍ରଶାନ୍ତ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅଫିସ୍‌ର ପୁରୁଣା ଗୃହର ଅବସ୍ଥା ଖରାପ ଥିବାରୁ ନୂତନ ଗୃହ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ୨୦୨୦-୨୧ରେ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହିଷଗୋଠ ସରପଞ୍ଚ ପ୍ରତିନିଧି ଦୀପକ ମହାନ୍ତି, ଉପସଭାପତି ଫାତିମା ବିବି, ଦିଲୀପ ପୁହାଣ, ବିଷ୍ଣୁ ସାହୁ, ଜୟଦେବ ସିଂହ, ଉପେନ୍ଦ୍ର ପତି, ବାବୁରାମ ମଲ୍ଲିକ, ସନ୍ତୋଷ ପରିଡ଼ା, ଜିତେନ୍ଦ୍ର ବେରା, ବୈକୁଣ୍ଠ ଯେନା, ନୃସିଂହ ଖୁଣ୍ଟିଆ, ୟୁନୁସ ଖାଁ, ମନୋରଞ୍ଜନ ସାହୁ, ଶ୍ରୀଧର ବଳ, ବିକ୍ରମ ନାୟକ, ଧିରେନ ବଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଭାପତି ଦାଶ ଏବଂ ସମ୍ପାଦକ ରାଜେନ୍ଦ୍ର ବେଜ ଅତିଥିଙ୍କ ସହ ଚାରାରୋପଣ କରିଥିଲେ।

## କୋଡ଼ବରୁଆଁରେ ୫ଶହ ତାଳମଞ୍ଜି ରୋପଣ

ଭଦ୍ରକ,୧୦।୮(ସନାତନ ରାଉତ)

ଭଦ୍ରକ ଜିଲାରେ ପ୍ରତିବର୍ଷ ବଜ୍ରପାତରେ ଅନେକ ଧନଜୀବନ ହାନି ଘଟୁଛି। ଏହାକୁ ରୋକିବା ପାଇଁ ଭାରତ ବିକାଶ ପରିଷଦର ଭଦ୍ରକ ଶାଖା ପକ୍ଷରୁ ରବିବାର ସକାଳ ୯ଟାରେ ତାଳମଞ୍ଜି ରୋପଣ କରାଯାଇଛି। ସ୍ୱାମୀ ବେବେକାନନ୍ଦ ଲୋକସଂସଦ ଓ ଭଦ୍ରକ ବ୍ଲକର କୋଡ଼ବରୁଆଁ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ଗୋଚର ଜମିରେ ୫ଶହରୁ ଊର୍ଦ୍ଧ୍ୱ ତାଳମଞ୍ଜି ରୋପଣ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଜ୍ରପାତ ରୋକିବା ପାଇଁ ତାଳଗଛ ବହୁ ପରିମାଣରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ବଜ୍ରପାତରେ ପ୍ରତିବର୍ଷ ଭଦ୍ରକ ଜିଲାରେ ଧନ ଜୀବନ ହାନି ହେବା ସହ ଅନେକ ପରିବାର ବେସାହାରା ହେଉଛନ୍ତି। ସେଥିପାଇଁ ପରିଷଦ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ପୁରା ଜିଲାରେ ଏହି ଅଭିଯାନ ଆଗାମୀ ଦିନରେ ଜାରି ରହିବ ବୋଲି ପରିଷଦର ସମ୍ପାଦକ ପ୍ରଦୀପ ପୁହାଣ କହିଛନ୍ତି। ଅକ୍ଷୟ ମହାନ୍ତି, ପୁରୁଷୋତ୍ତମ ମହାନ୍ତି, ବୈରାଗୀ ଧଳ, ଅଭିମନ୍ୟୁ ବେହେରା, ସୁରେଶ ବିଶ୍ୱାଳ, ମାନଗୋବିନ୍ଦ ନାୟକ, ବାଦଲ ମହାପାତ୍ର, ସଙ୍ଗୀତା ଗିରି, ଗୟାଧର ପଣ୍ଡା, ସୀତାକାନ୍ତ ସାହୁ, ପ୍ରମୋଦ ନାୟକ, ନଣ୍ଡା ସାହୁ, ବୁଦ୍ଧିରାମ ବେହେରା, ରମାକାନ୍ତ ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ବାସନ୍ତୀ ସାହୁ, ସଙ୍ଗୀତା ବଳ ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ। ରବିନାରାୟଣ ରାଉତ ପରିଚାଳନା କରିଥିଲେ।

## ଆଧୁନିକ ପାଠାଗାର ସମ୍ପର୍କିତ ଆଲୋଚନାଚକ୍ର

ଧାମନଗର,୧୦।୮(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଆଧୁନିକ ପାଠାଗାର ସମ୍ପର୍କିତ ଏକଦିବସୀୟ ଆଲୋଚନାଚକ୍ର ଓ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ ଏଥିରେ ସଭାପତିତ୍ୱ କରିଥିବା ବେଳେ ସ୍ନାତକସ୍ତରୀୟ ଛାତ୍ରୀଛାତ୍ରଙ୍କ ପାଇଁ ତ୍ୱରିତ, ସଠିକ୍, ତଥ୍ୟଭିତ୍ତିକ ଓ ଉନ୍ନତ ଶିକ୍ଷା କ୍ଷେତ୍ରରେ ଆଧୁନିକ ପାଠାଗାରର ଗୁରୁତ୍ୱ ଉପରେ କହିଥିଲେ। ମୁଖ୍ୟବକ୍ତା ତଥା ସାଧନକର୍ମୀ ଭାବେ ସୁବେଦାର ମେଜର ଗିରିଶ କୁମାର ଷଡ଼ଙ୍ଗୀ ଯୋଗଦେଇ ସାମ୍ପ୍ରତିକ ନିଯୁକ୍ତି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ଶିକ୍ଷା, ଗବେଷଣାତ୍ମକ ଜ୍ଞାନ ଆହରଣ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ରରେ ଅତ୍ୟାଧୁନିକ ପାଠାଗାରର ଆବଶ୍ୟକତା, ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ପ୍ରଦୀପ କୁମାର ରାଏ ଓ ଦେବାଶିଷ ମଲ୍ଲିକ ଛାତ୍ରୀଛାତ୍ରଙ୍କ ପାଇଁ ପାଠାଗାରର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ସତ୍ୟନ ଜେନା, ସଜଳ କୁମାର ମହାନ୍ତି, ଚିନ୍ମୟ ଜେନା, ଅଧ୍ୟାପିକା ବିଶ୍ୱଜିତା ବାରିକ, ସ୍ମରଣିକା ପ୍ରଧାନ, ଗୀତାଞ୍ଜଳି ଦେବତା, ସ୍ୱାଗତିକା ରାଏ, କଲ୍ୟାଣୀ ଦାଶ, ଶତୋ ସାମିନି, ସାଜିଆ ତମକିନ, ହରପ୍ରିୟା ସେଠୀ, ଅଣଶିକ୍ଷକ କର୍ମଚାରୀ ଜିଜ୍ଞାସୁ ଦାଶ, ଧୀରେନ୍ଦ୍ର କୁମାର ରାଉତ, ସଂଗୀତା ପ୍ରଭା ବସନ୍ତିଆ, ଦୁର୍ଗାଚରଣ ମଲ୍ଲିକ, ପ୍ରଫୁଲ୍ଲ କୁମାର ପଣ୍ଡା, ଜୟପ୍ରକାଶ ନାଏକ ଓ ସ୍ନାତକ ଛାତ୍ରୀଛାତ୍ର ଜାତୀୟ ଉଚ୍ଚଶିକ୍ଷା ମାନ ମୂଲ୍ୟାଙ୍କନ କମିଟି(ନାକ୍)ରେ ଗୁରୁତ୍ୱ ବହନ କରୁଥିବା ନିଜ ନିଜର ସୁଚିନ୍ତିତ ମତ ରଖି ବିଭିନ୍ନ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।




ଧାମନଗର କଲେଜରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଓ ଅଧ୍ୟାପକ।




ଧାମନଗର ବଡ଼ବଜାରଠାରେ ରବିବାର ତ୍ରିରଙ୍ଗା ଶୋଭାଯାତ୍ରା ପରିକ୍ରମା କରୁଛି।

## ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

ଧାମନଗର,୧୦।୮(ସନ୍ତୋଷ କୁମାର ମହାପାତ୍ର)

ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଧାମନଗର ନଗର ଭାଜପା ପକ୍ଷରୁ ରବିବାର ଅପରାହ୍ଣରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ରଙ୍କ ନେତୃତ୍ୱରେ ଧାମନଗର ଡାକ୍ତରଖାନା ନିକଟସ୍ଥ ମେଳଣ ପଡ଼ିଆରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସାନବଜାରସ୍ଥିତ ବାସନ୍ତୀ ଦୁର୍ଗାପଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ଶହେ ମିଟରରୁ ଊର୍ଦ୍ଧ୍ୱ ଲମ୍ବର ତ୍ରିରଙ୍ଗା ଧରି ବନ୍ଦେ ମାତରମ୍, ଜାତୀୟ ସଙ୍ଗୀତ ଓ ଭାରତ ମାତା କି ଜୟ ଧ୍ୱନିରେ ଧାମନଗର ସହର ପ୍ରକମ୍ପିତ ହୋଇଥିଲା। ଏମ୍‌ପିଙ୍କ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ନଗର ପ୍ରତିନିଧି ସରୋଜ ମହାପାତ୍ର, ଚତୁର୍ଭୁଜ ନାୟକ, ବିଜୟ ରାମ, ପୁଷ୍ପାଞ୍ଜଳି ବେହେରା, ପ୍ରମୋଦ କୁମାର ସୂତାର, ବଳରାମ ମହାପାତ୍ର, ଆଇନଜୀବୀ ଅଜିତ ଦାସ, କାଉନସିଲର ଉତ୍ତମ କୁମାର ମହାନ୍ତି, ସ୍ୱାଧୀନ ସମ୍ବିତ ଦାସ, କୃଷ୍ଣଚନ୍ଦ୍ର ଜେନା, ବୈରାଗୀ ଚରଣ ରାଉତ ପ୍ରମୁଖ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଶତାଧିକ ଭାଜପା କର୍ମୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଶୋଭାଯାତ୍ରାରେ ସାମିଲ ଥିଲେ।

## ଦେଉଳା ସପ୍ତା ପଡ଼ିଆ ହେବ ମିନି ଷ୍ଟାଡିୟମ୍

**କ୍ରୀଡ଼ା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ**

ତିହିଡ଼ି,୧୦।୮(ସଞ୍ଜିତ ବଳ)

ତିହିଡ଼ି ବ୍ଲକର କୁବେରା ପଞ୍ଚାୟତ ଅଧୀନ ଦେଉଳାସ୍ଥିତ ସପ୍ତା ପଡ଼ିଆ ମିନି ଷ୍ଟାଡିୟମ୍‌ରେ ପରିଣତ ହେବ। ଏଥିପାଇଁ ୩ କୋଟି ୨୦ଲକ୍ଷ ଟଙ୍କା ବିନିଯୋଗ ହେବ। ଏହି ପରିପ୍ରେକ୍ଷୀରେ ଭାଜପା ଐଶାନ୍ୟଚଣ୍ଡି ମଣ୍ଡଳ ପକ୍ଷରୁ ଏବଂ ଜୟ ଜଗନ୍ନାଥ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ରବିବାର ପୂର୍ବାହ୍ଣ ୧୧ଟା ବେଳେ ଦେଉଳା ସପ୍ତାପଦା ପ୍ରକଳ୍ପ ପ୍ରାଥମିକ ସ୍କୁଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ବରିଷ୍ଠ ଶିକ୍ଷାବିତ୍ ଧିରେନ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ମଣ୍ଡଳ ସଭାପତି ସାଇଶରଣ ବେହେରା, ସରପଞ୍ଚ କୀର୍ତ୍ତିଚନ୍ଦ୍ର ସେଠୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ସମିତିସଭ୍ୟଙ୍କ ପ୍ରତିନିଧି ଅନୀଲ କୁମାର ନାୟକ, ପ୍ରାଣବନ୍ଧୁ ରାଉତ ପ୍ରମୁଖ ଯୋଗଦେଇ କହିଥିଲେ, ସପ୍ତା ପଡ଼ିଆ ମିନି ଷ୍ଟାଡିୟମରେ ପରିଣତ ହେବା ଗୌରବର ବିଷୟ। ଦୀର୍ଘବର୍ଷ ହେଲା ଏହି ପଡ଼ିଆରେ ଫୁଟ୍‌ବଲ, କ୍ରିକେଟ ଆଦି ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଆସୁଛି। ଏପରିକି ଏହି ପଡ଼ିଆରେ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜନ କରାଯାଇଥାଏ। ପଡ଼ିଆରୁ ବହୁ କ୍ରୀଡ଼ାବିତ୍ ସୃଷ୍ଟି ହୋଇଥିବା ବେଳେ ଏହା ମିନି ଷ୍ଟାଡିୟମ୍ ହେବା ପରେ କ୍ରୀଡ଼ା ପାଇଁ ସୁଯୋଗ ସୃଷ୍ଟି କରିବ। ଫଳରେ କୁବେରା ସମେତ ଆଖପାଖ ପଞ୍ଚାୟତବାସୀଙ୍କ ସ୍ୱପ୍ନ ସାକାର ହେବ। ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ପାଇଁ ଏହା ସମ୍ଭବ ହୋଇପାରିଥିବାରୁ ଅଞ୍ଚଳବାସୀ ତାଙ୍କ ପ୍ରତି କୃତଜ୍ଞ ରହିବେ ବୋଲି ସମ୍ମିଳନୀରେ କୁହାଯାଇଛି। ବରିଷ୍ଠ ଭାଜପା ନେତା ଶରତ କୁମାର ନାୟକ ସଞ୍ଚାଳନ କରିଥିଲେ। ସ୍ପୋର୍ଟ୍ସ ଆସୋସିଏଶନର ସଭାପତି ପ୍ରଦୀପ କୁମାର ଦାସଙ୍କ ସମେତ ଶ୍ରୀକାନ୍ତ ବେହେରା, ସନ୍ଦୀପ କୁମାର ଦାସ, ରାଜେଶ ରାଉତ, ଚାରୁଚନ୍ଦ୍ର ସେଠୀ, ଅଜୟ ଜେନା, କ୍ଷୀରୋଦ ଜେନା, ସଞ୍ଜୟ ପଣ୍ଡା, ରବିନାରାୟଣ ନାୟକ, ଶ୍ରୀକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ଓ ଅନ୍ୟମାନେ।

## ମନ୍ଦିରରୁ ଚୋରି ସାମଗ୍ରୀ ସହ ୫ ବ୍ୟାଟେରି ଜବତ, ୫ ଗିରଫ

ଧାମନଗର, ୧୦।୮ (ଦେବେନ୍ଦ୍ର ଆନ୍ଦିଆ)

ଗତ କିଛିଦିନ ଧରି ଧାମନଗର ଥାନା ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରୁ ପୂଜା ସାମଗ୍ରୀ ଓ ଠାକୁରଙ୍କ ଅଳଙ୍କାର ଚୋରି ହେଉଥିଲା। ଏନେଇ ଧରିତ୍ରୀରେ ଲଗାତାର ଖବର ପ୍ରକାଶ ପାଇଥିବା ବେଳେ ପୋଲିସ ଛାନ୍‌ଭିନ୍ କରିବା ପରେ ସଫଳତା ମିଳିଛି। ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା କେତେକ ସାମଗ୍ରୀ ଓ ଅନ୍ୟ କେତେକ ସ୍ଥାନରୁ ଚୋରି ହୋଇଥିବା କିଛି ବ୍ୟାଟେରି ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୫ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, କିଛିଦିନ ହେଲା ବିଭିନ୍ନ ସମୟରେ ଚୋରିକୁ ନେଇ ଧାମନଗର ଓ ଭଣ୍ଡାରିପୋଖରୀ ପୋଲିସ ପକ୍ଷରୁ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ମଗାଇ ତଦନ୍ତ କରାଯାଇଛି। ଧାମନଗର ଅଞ୍ଚଳର କେତେଜଣ ବ୍ୟକ୍ତି ଭଣ୍ଡାରିପୋଖରୀ ଅଞ୍ଚଳରେ ମଧ୍ୟ ବିଭିନ୍ନ ମନ୍ଦିରରୁ ଚୋରି କରିବା ସହ ବିଭିନ୍ନ ଗାଡ଼ିରୁ ବ୍ୟାଟେରି ଚୋରି କରିଥିଲେ। ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଧାମନଗର ଥାନା ଆଇଆଇସି ଗୋପାଳକୃଷ୍ଣ ଜେନା ଓ ଭଣ୍ଡାରିପୋଖରୀ ଥାନା ଆଇଆଇସି କମଳାକାନ୍ତ ଦାସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ମନ୍ଦିରରୁ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଧରିଥିବା ବେଳେ ବିଭିନ୍ନ ଗାଡ଼ିରୁ ବ୍ୟାଟେରି ଚୋରି ଅଭିଯୋଗରେ ୨ଜଣଙ୍କୁ ଧାମନଗର ଅଞ୍ଚଳରୁ ମୋଟ ୫ଜଣଙ୍କୁ ଧରିଛି। ସେମାନଙ୍କଠାରୁ ବିଭିନ୍ନ ମନ୍ଦିରର ବାସନ ସାମଗ୍ରୀ ସହ ୫ଟି ଗାଡ଼ି ବ୍ୟାଟେରି ଜବତ କରାଯାଇଛି। ଚୋରି ଘଟଣାରେ ଆହୁରି ସମ୍ପୃକ୍ତି ଥିବା ସନ୍ଦେହ କରି ଅଧିକ ତଦନ୍ତ ଜାରି ରହିଥିବାରୁ କିଛି ତଥ୍ୟ ଗୋପନ ରଖାଯାଇଥିବା ଥାନା ଅଧିକାରୀ ଜେନା କହିଛନ୍ତି। ମନ୍ଦିର ଚୋରିରେ ସମ୍ପୃକ୍ତ ୩ଜଣଙ୍କ ନାମ ଗୋପନ ରଖାଯାଇଥିବା ବେଳେ ବ୍ୟାଟେରି ଚୋରି ଅଭିଯୋଗରେ ଗିରଫ ୨ ଯୁବକ ହେଲେ ଧାମନଗର ମୁଳଣାସାହି ଗ୍ରାମର ମୀର ସବିର ଓ ହବିବନଗରର ସେକ୍ କଲିମ(ବାଗୁଡା)। ମନ୍ଦିରରୁ ଚୋରି ଘଟଣାରେ ମାମଲା (ନଂ.୨୭୮/୨୫ ଓ ୨୮୨/୨୫) ଏବଂ ବ୍ୟାଟେରି ଚୋରି ନେଇ ଏକ ମାମଲା (ନଂ.୨୮୭/୨୫) ରୁଜୁ ହୋଇଥିବା ବେଳେ ଧାମନଗର ଥାନା ଏସ୍‌ଆଇ ସସ୍ମିତା ମଲ୍ଲିକ ତଦନ୍ତ ଭାର ନେଇଛନ୍ତି।

## ଭାଜପା ପକ୍ଷରୁ ଚିତ୍ରଶିଳ୍ପୀ ନମିତାଙ୍କୁ ସମ୍ବର୍ଦ୍ଧନା

ବନ୍ତ,୧୦।୮(ହରିନାରାୟଣ ମହାନ୍ତି)

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା ବନ୍ତ ବ୍ଲକ ଚକ୍ରାପାଢ଼ୀ ଗ୍ରାମର ଚିତ୍ରଶିଳ୍ପୀ ନମିତା ବେହେରାଙ୍କୁ ରବିବାର ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଗରପଡ଼ାସ୍ଥିତ ଇଲେଭେନ ଷ୍ଟାର କ୍ଲବ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ଓ ମୁଖ୍ୟବକ୍ତା ନାରୀନେତ୍ରୀ ରିତାରାଣୀ ବେହେରା ଯୋଗ ଦେଇଥିଲେ। ଖବରଦାତା ହେମନ୍ତ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ବିଶିଷ୍ଟ ବ୍ୟବସାୟୀ ଶ୍ୟାମସୁନ୍ଦର ଗୁପ୍ତା, କବୟିତ୍ରୀ ଅନ୍ନପୂର୍ଣ୍ଣା ଦାଶ, ସାମାଜିକ କର୍ମୀ ଶାନ୍ତିଲତା କର, ଆଗରପଡ଼ା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଭାପତି କୈଳାସ ଚନ୍ଦ୍ର ଧଳ, ସମ୍ପାଦକ ରଞ୍ଜନ ଦାସ, ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଜଗନ୍ନାଥ ପଣ୍ଡା, ଡ.ବର୍ଷା ବୈଶାଳିନୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କବୟିତ୍ରୀ ଶାନ୍ତିଲତା କର ନମିତାଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ। ନମିତାଙ୍କୁ ବସ୍ତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପେନ୍ଦ୍ର ଶତପଥୀ ମଞ୍ଚ ସଂଯୋଜନା, ବରିଷ୍ଠ ନାଗରିକ ସୁବାସ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁସ୍ତକାର ସୁବୋଧ ସାହୁ ଧନ୍ୟବାଦ ଦେଇଥିଲେ।



ଚିତ୍ରଶିଳ୍ପୀ ନମିତା ବେହେରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା

ଭଦ୍ରକ,୧୦।୮(ରବିନାରାୟଣ ଖିଲାର)

ଭଦ୍ରକ ବାଇପାସ୍‌ଠାରେ ରବିବାର ପୂର୍ବାହ୍ଣରେ ଦର୍ଶନ ଏକାଡେମୀ ପକ୍ଷରୁ ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁଦର୍ଶନ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ନୃତ୍ୟ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ, ଦେବଜ୍ୟୋତି ବିଶ୍ୱାଳ, ହିମାଂଶୁ ପଣ୍ଡା ପ୍ରମୁଖ ଯୋଗଦେଇ ଭଦ୍ରକର ଐତିହ୍ୟ, କଳା ଓ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଭୋଳାନାଥ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ସହ ପ୍ରତିଯୋଗୀମାନେ।

## ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନ ବେଳେ ପଡ଼ିଥିଲା ବାର ହରିବୋଲ

ଡ. ସୁରେନ୍ଦ୍ର କୁମାର ମିଶ୍ର

- ନିର୍ମାଣ ହୋଇଥିଲା ଚଉଦଟି ଯଜ୍ଞଶାଳା
- କସ୍ତୁରିକା ମୋହିନୀ ଦେବୀ ସିନ୍ଦୁକରେ ପଠାଇଥିଲେ ବସ୍ତ୍ର ଓ ପୂଜାସଜ

**ଐତିହ୍ୟର ଓଡ଼ିଶା**

ଗଜପତିଙ୍କର ସାମ୍ରାଜ୍ୟ ବିଜୟ ସ୍ମାରକୀ ଥିଲା ଅ୧୮ଙ୍କ କାର୍ତ୍ତିକ ଶୁକ୍ଳ ଦଶମୀ। ପଞ୍ଜିକ ଦିନ। ସେହିଦିନ ଭୁବନେଶ୍ୱର ରାଜଗୁରୁ, ନରସିଂହପୁରର ଆନନ୍ଦ ରଥ ପହଞ୍ଚିଥିଲେ କୋଣାର୍କରେ। ଗଜପତିଙ୍କ ଆଦେଶରେ ସେମାନେ କୋଣାର୍କରେ ପହଞ୍ଚି ଯଜ୍ଞ ମଣ୍ଡପର ମାପ ଦେଲେ ବାସ୍ତୁଶାସ୍ତ୍ର ଅନୁସାରେ।

ବନ୍ଦାପନା ମଣ୍ଡପର ପୂର୍ବଦିଗକୁ ୪ଟି ଯଜ୍ଞ ପାଇଁ ଗର୍ଭାଧାନଶାଳା, ସ୍ନାନଶାଳା ଓ ନ୍ୟାସ ଶାଳାର ମାପ ଦେଲେ। ବନ୍ଦାପନା ମଣ୍ଡପର ପଶ୍ଚିମଦିଗକୁ ମାପଦେଲେ। ବଳିଶାଳା ଓ ଦକ୍ଷିଣପଟକୁ 'ଯଜମାନଶାଳା'ର ମାପ ଦେଲେ। ପୀଢ଼ଚାଳଶାଳାର ମାପ ଦେଲେ ଅରୁଣସ୍ତମ୍ଭର ଦକ୍ଷିଣକୁ। ରୋଷଶାଳାର ଦୁଇଟି କୋଠରିକୁ 'ଚାରୁଶାଳା' କରାଯିବାକୁ ସ୍ଥିର ହେଲା। ଏହିପରି ୧୪ଟି ଯଜ୍ଞଶାଳା କରାଯାଇଥିଲା।

୧- ଗର୍ଭାଧାନଶାଳା, ୨- ସ୍ନାନଶାଳା, ୩- ନ୍ୟାସଶାଳା, ୪- ପୁରୋଡ଼ାସଶାଳା, ୫- ଅଙ୍କୁରାରୋପଣଶାଳା, ୬- ବଳିଶାଳା, ୭- ଯଜମାନଶାଳା , ୮- ପୀଢ଼ଚାଳ ଯଜ୍ଞଶାଳା, ୯- ଚାରୁଶାଳା, ୧୦-୧୩: ଚାରିଦ୍ୱାରରେ ୪ଟି ଶାଳା, ୧୪- ନିଶାତଳେ ଛୋଟ ଯଜ୍ଞଶାଳା।



ରଥର ପାରାଭାଡ଼ି ସମାପ୍ତ ହେବାପରେ ଭୋଇ ସେବକମାନଙ୍କର ହରିବୋଲ ଡାକ।

ଦ୍ୱାଦଶ ଆଦିତ୍ୟଙ୍କ ପାଇଁ ବାରଯୋଡ଼ା ସିଲ୍‌କ ଲୁଗା ବରାଦ ହୋଇଥିଲା। ସେହିଦିନ ହାତୀ ପିଠିରେ ଗୋଟିଏ ସିନ୍ଦୁକ ଷୋହଳ ଯୋଡ଼ା ଉତ୍ତରୀୟ ମହାଦେବୀ ପଠାଇଥିଲେ। ସିନ୍ଦୁକ ଖୋଲାଗଲା ଅଧିକାରୀମାନଙ୍କ ଉପସ୍ଥିତିରେ। ସିନ୍ଦୁକରେ କ'ଣ କ'ଣ ଆସିଥିଲା ଏଠାରେ ଆମେ ଉଲ୍ଲେଖ କରୁଅଛୁ। ମହାଦେବୀ ଯଜ୍ଞ ଅନୁଷ୍ଠାନ ପାଇଁ କେତେ ସଜାଗ ଥିଲେ ଏବଂ ବହୁ ପୂର୍ବରୁ ଏସବୁ ଜିନିଷ ସଂଗ୍ରହ କରିଥିଲେ, ତାହା ଜାଣିହେବ। ୧) ୨୫ ଯୋଡ଼ା ପଗଡ଼ି ଥିଲା ସିନ୍ଦୁକରେ। ୨୫ଜଣ ନିରୀକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବରାଦ ଦିଆଯାଇ ପ୍ରସ୍ତୁତ ହୋଇଥିଲା। ୨) ୨୩୭ଟି ସୂତା ଧୋତି ଯୋଡ଼-ଅନୁଷ୍ଠାନ ପାଇଁ ୨୩୭ ଜଣ ଶିଳ୍ପୀ ବରଣ ହୋଇଥିଲେ। ୩) ୨୨୬ଟି ଗାମୁଛା- ସମୁଦାୟ ପୂଜା କାମରେ ବ୍ୟବହାର ପାଇଁ, ୪) ୨୮ଟି ପିତ୍ତଳ ଗରା- ଚଉଦଟି ମଣ୍ଡପରେ ବ୍ୟବହାର ପାଇଁ। ୫) ୫ଟି ଦୀପରୁଖା। ୬) ସହସ୍ର ଧାରା ସ୍ନାନପାତ୍ର ଗୋଟିଏ। ୭) ଛୋଟ ପ୍ରଭା ଦୁଇଟି, ଯେଉଁଥିରେ ବିଗ୍ରହ ବିଜେ କରନ୍ତି। ୮) ପୂଜାପାତ୍ର ସଜ- ପାଞ୍ଚୋଟି। ୯) ପଦ୍ମଝରି ଚାରୋଟି। ଏହି ଝରିରେ ମୁହଁଟି ପଦ୍ମ ଆକୃତିର ଯେଉଁ ବାଟଦେଇ ଝରିରୁ ଜଳ ବାହାରେ। ୧୦) ଠିଆ ଦର୍ପଣ ଛଅଟି।

ଏତିକି ଆବଶ୍ୟକୀୟ ସଜ ମହାଦେବୀ ସଂଗ୍ରହ କରି ସିନ୍ଦୁକରେ ପଠାଇଦେବା ବଡ଼ କଥା ନୁହେଁ। ଏଥିପ୍ରତି ତାଙ୍କର ଅନୁରାଗ ଓ କର୍ତ୍ତବ୍ୟକୁ ବିଚାର କରିବା କଥା। ମହାରାଜା ମନ୍ଦିରଟିଏ ନିର୍ମାଣ କରାଉଛନ୍ତି, ସେଥିପାଇଁ ଯେଉଁ ଯଜ୍ଞ ଅନୁଷ୍ଠାନ ହେବ ସେ ବିଷୟରେ ଅବଗତ ହୋଇ ସଂଗ୍ରହ କରି ପଠାଇବା ଏକ ସକାରାତ୍ମକ ପ୍ରେରଣା। ଆଡ଼େଇ ହୋଇ ଚୁପ୍‌ଚାପ୍ ରହିଯାଇଥିଲେ, କେହି ଆଙ୍ଗୁଠି ଦେଖାଇବାକୁ ନ ଥିଲେ, ତଥାପି ମାନସିକ ପ୍ରବୃତ୍ତିକୁ ଲକ୍ଷ୍ୟ କରିବା କଥା। ଏହି ମହାଦେବୀ ହେଉଛନ୍ତି ମହାରାଣୀ କସ୍ତୁରିକା ମୋହିନୀ, ଯାହାଙ୍କୁ ଗଜପତିଙ୍କ ପାର୍ଷଦମାନେ 'ରାଜମାତା' ବୋଲି ସମ୍ବୋଧନ କରୁଥିଲେ। ପୂର୍ବରୁ ସୂଚନା ଦେଇଥିଲୁ ମହାଦେବୀ ହେଉଛନ୍ତି ମଦୁରାଇ ମହାରାଜାଙ୍କ କନ୍ୟା।

ବାସୁବଢ଼େଇ ଶ୍ରୁବ, ଶ୍ରୁଚ ଓ ପ୍ରଣିତା ଆଣି ଯୋଗାଇବା ଦିବସ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ସେହିଦିନ ୨୮ଜଣ ଶିଳ୍ପୀ ସ୍ନାନ ପରେ ଭଣ୍ଡାରଘରକୁ ଆସି ହାତଯୋଡ଼ି ପ୍ରଥମ 'ହରିବୋଲ' ଧ୍ୱନି ଦେଇଥିଲେ। ଚଳଚଞ୍ଚଳ ହୋଇଗଲା ବାତାବରଣ। ସମସ୍ତ ପୂଜା ଉପକରଣକୁ ନାଲି ସିଲ୍‌କ କନାରେ ଗୁଡ଼ାଇ ସୂତ୍ରଧର ଶିବେଇ ସାମନ୍ତରାଙ୍କ ଶିବିର ସାମନାରେ ରଖି 'ଶାଙ୍ଗି' (ବାହାଙ୍ଗି)ରେ ଲଦି ଗର୍ଭାଧାନଶାଳାରେ ପହଞ୍ଚାଇଥିଲେ। ସେଇଠି ପଡ଼ିଥିଲା ଦ୍ୱିତୀୟ ହରିବୋଲ। ସେଣେ ସାତଜଣ ପଥୁରିଆ ବାର ଭରଣ ଧାନରେ (ଭରଣକ ୪୦ ଗୌଣି)ରେ ବିଜେ ପ୍ରତିମାଙ୍କୁ ବିଜେ କରି ଚାରିପଟ କନାରେ ଆବଦ୍ଧ କରି ହରିବୋଲ ପକାଇ ଶାଳା ନିକଟରେ ପହଞ୍ଚାଇଥିଲେ। ଏହା ଥିଲା ତୃତୀୟ ହରିବୋଲ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ମୂଳରୁ ଶେଷ ପର୍ଯ୍ୟନ୍ତ ଭୋଇ ସେବକ ନଅ ହରିବୋଲ ପକାଇଥାନ୍ତି। ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନବେଳେ ପଡ଼ିଥିଲା ଦ୍ୱାଦଶ ହରିବୋଲ। ଆଗକୁ ଦେଖିବା ହରିବୋଲର ରହସ୍ୟ ଓ ପରମ୍ପରା।

# ସାମୂହିକ ଔଷଧ ସେବନ ଅଭିଯାନ ଶୁଭାରମ୍ଭ

ବାରିପଦା,୧୦।୮ (ନିଳାଦ୍ରି ବିହାରୀ ଦଣ୍ଡପାଟ)



ଅଭିଯାନ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

## ଔଷଧ ଖୁଆଇବା ଉପରେ ପ୍ରାଧାନ୍ୟ

ବାରିପଦା ପୌରପାଳିକାର ମୁର୍ଗାବାଡ଼ି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ପୂର୍ବାହ୍ନରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ (ଭିବିଡି) ଡା. ବିଜୟ କୁମାର ଦାଶ, ଏଡିପିଏଚଓ(କୁଷ୍ଠ), ଡିପିଏମ ଅନୀଲ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲା ଭିବିଡି ପରାମର୍ଶଦାତା ତପନ କୁମାର ସାହୁ ସାମୂହିକ ଔଷଧ ସେବନ ଅଭିଯାନକୁ ଶତ ପ୍ରତିଶତ ସଫଳ କରିବାକୁ 'ଔଷଧ ବାଣ୍ଟିବାନି ଖୁଆଇବା' ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଥିଲେ।

ଅଭିଯାନ ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଥମେ ନିଜେ ଉକ୍ତ ଔଷଧକୁ ସେବନ କରିଥିଲେ। ଏହି ଅବସରରେ ଜିଲାବାସୀଙ୍କୁ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି, ଓଡ଼ିଶାରେ ଫାଇଲେରିଆ ରୋଗ ପ୍ରବଣ ୧୨ଟି ଜିଲା ମଧ୍ୟରୁ ମୟୂରଭଞ୍ଜ ଜିଲା ଚିହ୍ନିତ ହୋଇଥିବାରୁ ଜିଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ କ୍ରମାଗତ ଭାବେ ପ୍ରତି ବର୍ଷ ରୋଗୀଙ୍କୁ ନିୟମିତ ଔଷଧ ସେବନ ଓ ଅନ୍ୟାନ୍ୟ ଚିକିତ୍ସା ପ୍ରଣାଳୀ ଜରିଆରେ ପ୍ରୟାସ ଜାରି ରହିଛି। ରୋଗର ନିରାକରଣ ପାଇଁ ପ୍ରଥମେ ଗୋଷ୍ଠୀରେ ସମସ୍ତଙ୍କଠାରୁ ଫାଇଲେରିଆ କୀଟାଣୁ ନଷ୍ଟ ପାଇଁ ସାମୁହିକ ଔଷଧ ସେବନ ଓ ରୋଗୀଙ୍କ ଗୋଦର ଗୋଡ଼ର ଯତ୍ନ ସହ ଉପଚାର ଓ ଅଣ୍ଡ କୋଷର ଅସ୍ତ୍ରୋପଚାର ଆବଶ୍ୟକ ବୋଲି କହିଥିଲେ। ୨ବର୍ଷରୁ ୫ ବର୍ଷ ଶିଶୁମାନେ କେବଳ ଡିଇସି ଓ ଆଲବେଣ୍ଡାଜଲ ବଟିକା ଖାଇବେ ଏବଂ ଅନ୍ୟ ସମସ୍ତ ଯୋଗ୍ୟ ବ୍ୟକ୍ତି ଉପରୋକ୍ତ ୨ ଔଷଧ ସହିତ ଆଇଭରମେକଟିନ ବଟିକାଗୁଡିକୁ ଏକ ସଙ୍ଗରେ ଗୋଟିଏ ମାତ୍ରାରେ ସେବନ କରିବେ। କେବଳ ଗର୍ଭବତୀ, ୨ ବର୍ଷରୁ କମ୍ ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଓ ଏକ ସପ୍ତାହ ମଧ୍ୟରେ ଶିଶୁ ପ୍ରସବ କରିଥିବା ମା'ଙ୍କୁ ଉକ୍ତ ଔଷଧ ଖାଇବା ପାଇଁ ବାରଣ କରାଯାଇଛି। ଜିଲାରେ ୧୦ ବ୍ଲକ୍ ଓ ୩ଟି ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଔଷଧ ମାଗଣା ଉପଲବ୍ଧ ହେବାସହ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନରେ ମଧ୍ୟ ଔଷଧ ସେବନ ବ୍ୟବସ୍ଥା କରାଯାଇଛି। ଏହା ଛଡ଼ା ଘରକୁ ଘର ଯାଇ ଔଷଧ ସେବନ ପାଇଁ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ ଓ ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଜିଲାର ପ୍ରାୟ ୧୦ ଲକ୍ଷ ୫୦ ଜଣ ବ୍ୟକ୍ତିଙ୍କୁ ସାମୂହିକ ଔଷଧ ସେବନ ପାଇଁ ଲକ୍ଷ୍ୟ ରଖାଯାଇଛି। ଫାଇଲେରିଆ ନିରାକରଣ ଅଭିଯାନରେ ସାମୂହିକ ଔଷଧ ସେବନକୁ ସଫଳ କରି ଜିଲାରୁ ଫାଇଲେରିଆ ମୁକ୍ତ କରିବାକୁ ମୟୂରଭଞ୍ଜବାସୀଙ୍କୁ ସମସ୍ତେ ପରାମର୍ଶ ଦେଇଛନ୍ତି ।

# ଉଦଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ଅତିଥି।

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଉଦଳା ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଯତୀନ କୁମାର ମହାକୁଡ଼ ଏଥିରେ ସଭାପତିତ୍ୱ କରିଥିଲେ। ସମାରୋହରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ନୂତନ ଶିକ୍ଷାନୀତି-୨୦୨୦ ଛାତ୍ରୀଛାତ୍ରୀଙ୍କୁ ଶିକ୍ଷିତ, ସ୍ୱାବଲମ୍ବୀ କରାଇବା ସହ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ଶିକ୍ଷା କେବଳ ପାଠ୍ୟପୁସ୍ତକ ଭିତରେ ସୀମିତ ନୁହେଁ, ନୈତିକତା ଓ ଭାରତୀୟ ସଂସ୍କୃତିକୁ ଜାଣିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଦଳା ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ମହାବିଦ୍ୟାଳୟର ପୁରାତନ ଶିକ୍ଷାର୍ଥୀ ସଂଘ ସଭାପତି ସଚ୍ଚିଦାନନ୍ଦ ପରିଡ଼ା, ସମ୍ପାଦକ ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୁଧା ସାବିତ୍ରୀ ପଣ୍ଡା ଚଳିତ ଶିକ୍ଷାବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ବିଭିନ୍ନ ସ୍ତରରେ କୃତିତ୍ୱ ହାସଲ କରିଥିବା ଶିକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷା ଏବଂ ବାଣିଜ୍ୟ ବିଭାଗରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ଛାତ୍ରୀ ଅଙ୍କିତା ବେହେରା, ଛାତ୍ର ଶାଶ୍ୱତ ଖୁଣ୍ଟିଆ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ କଳାରେ ସ୍ୱୟଂସିଦ୍ଧା ପରିଡ଼ା, ବିଜ୍ଞାନରେ ମୁକେଶ ହାତୀ ଓ ବାଣିଜ୍ୟରେ ରତୁରାଜ ଦେଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ସେହିପରି ଯୁକ୍ତ ୩ ବିଜ୍ଞାନରେ ମହାବିଦ୍ୟାଳୟ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଏଲୋରା ହାତୀଙ୍କୁ ପ୍ରାକ୍ତନ ପ୍ରାଧ୍ୟାପିକା କଳ୍ପନା ମହାନ୍ତଙ୍କ ପ୍ରଦତ୍ତ ସମ୍ମାନ ଓ ଅର୍ଥରାଶି ପ୍ରଦାନ କରଯାଇଥିଲା। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

ବାରିପଦା,୧୦।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

■ ହଷ୍ଟେଲରେ ନ ଥାଇ ମଧ୍ୟ ଉପସ୍ଥିତ ଦର୍ଶାଯାଇଥିଲା
■ ଉପସ୍ଥାନ ଦେଖାଇ ଛାତ୍ରବୃତ୍ତି ଟଙ୍କା ଉଠାଣ

ଚିକିତ୍ସାରେ ଅବହେଳା ପାଇଁ ମୟୂରଭଞ୍ଜ ଜିଲା ଶୁଳିଆପଦା ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ଛାତ୍ରୀ ହେଲେ ଶୁଳିଆପଦା ବ୍ଲକ ପଥରନେସା ଗ୍ରାମର ରୀନା ମୁର୍ମୁ(୧୫)। ୩ ଦିନ ପୂର୍ବେ ମୃତ୍ୟୁ ଘଟିଥିବା ବେଳେ ଘଟଣାକୁ ଚପାଇବା ପାଇଁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଛାତ୍ରୀ ଜଣକ ହଷ୍ଟେଲରେ ନ ଥିବା ବେଳେ ଉପସ୍ଥିତ ଥିବା ଦର୍ଶାଯାଇଛି। ପରେ ଦୋଷ ଲୁଚାଇବାକୁ ଏହାକୁ ଲିଭାଇ ଦିଆଯାଇଛି।

ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ କଲ୍ୟାଣ ବିଭାଗ ଅଧୀନରେ ଥିବା ଶୁଳିଆପଦା ବ୍ଲକର କୁଜିଡିହୀ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ରୀନା ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେ ହଷ୍ଟେଲରେ ରହୁଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ରୀନା ଜ୍ୱରରେ ଆକ୍ରାନ୍ତ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ନ କରାଇ ଗତ ଜୁଲାଇ ୨୬ରେ ଘରକୁ ପଠାଇ ଦେଇଥିଲେ। ଏହା ବିଭାଗୀୟ ନିୟମର ଉଲ୍ଲଂଘନ। ଅଧ୍ୟୟନରତ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ସ୍କୁଲ କର୍ତ୍ତୃପକ୍ଷ ଶେଷ ଚିକିତ୍ସା ପର୍ଯ୍ୟନ୍ତ ଦାୟିତ୍ୱ ବହନ କରିବା କଥା। ଗରିବ ଯୋଗୁ ସେମାନେ ଠିକ୍ ଭାବେ ଝିଅର ଚିକିତ୍ସା କରାଇପାରି ନ ଥିଲେ। ଫଳରେ ଗୁରୁତର ହେବାରୁ ତାଙ୍କୁ ବାରିପଦା ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୮ତାରିଖରେ ରୀନାଙ୍କ ମୃତ୍ୟୁ ଘଟିଥିଲା। ରବିବାର ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ଉକ୍ତ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ତେବେ ଛାତ୍ରୀ ଜଣକ ଘରକୁ ଯିବା ପରେ ମଧ୍ୟ ହଷ୍ଟେଲ ଉପସ୍ଥାନ ଖାତାରେ ତାଙ୍କର ଉପସ୍ଥିତି ଦର୍ଶାଯାଇଥିଲା। ମୃତ୍ୟୁ ଘଟିବା ପରେ ଦୋଷ ଲୁଚାଇବାକୁ ଯାଇ ଉପସ୍ଥାନ ଖାତାରେ ଧଳା କାଳି ଦ୍ୱାରା ଲିଭାଯାଇଥିବା ଜଣାପଡ଼ିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭଞ୍ଜସେନାର ଅଧ୍ୟକ୍ଷ ଶିବ ରାଉତ ଦାବି କରିଛନ୍ତି। ଏହି ସମୟ ମଧ୍ୟରେ ଛାତ୍ରୀଙ୍କ ଛାତ୍ରବୃତ୍ତି ଅର୍ଥ ମଧ୍ୟ ସମ୍ପୂର୍ଣ୍ଣ ଉପସ୍ଥାନ ଦେଖାଇ ବ୍ୟାଙ୍କରୁ ଉଠାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଚାରିବାରୁ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଘଟଣାକୁ ନେଇ ବିଭାଗୀୟ ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି।

# ଚିତ୍ରଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ମୋରଡ଼ା,୧୦।୮ (ସ୍ୱାରକ ମାଜୀ )

## ଯୋଗଦେଲେ ନଗର ଉନ୍ନୟନ ମନ୍ତ୍ରୀ

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାରେ ଭାଜପା ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାରେ ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ରବିବାର ଅପରାହ୍ନ ୪ଟାରେ ପ୍ରଥମେ ମନ୍ତ୍ରୀ ମହାପାତ୍ର କର୍ମୀ ଏବଂ ସମର୍ଥକଙ୍କ ସହିତ ଚିତ୍ରଡ଼ା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଦର୍ଶନ କରିବା ପରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିର ନିକଟରୁ ଶୋଭାଯାତ୍ରା ଆରମ୍ଭ ହୋଇ ଶୀର୍ଷାପାଳ ଛକ, ଚିତ୍ରଡ଼ା କଲେଜ ଛକ, ଚିତ୍ରଡ଼ା ବଜାର ପରିକ୍ରମା କରିଥିଲା। ମନ୍ତ୍ରୀ ମହାପାତ୍ରଙ୍କ ସହିତ ବରିଷ୍ଠ ଭାଜପା ନେତା ପରେଶଚନ୍ଦ୍ର ମହାନ୍ତ, କାନ୍ଦ୍ରା ସୋରେନ, ସମିତି ସଭ୍ୟ ସୁକୁଲ ମୁର୍ମୁ, ପ୍ରଦୀପ ମହାନ୍ତି, ପ୍ରକାଶ ମହାନ୍ତ, ହୃଷିକେଶ ମହାନ୍ତ, ଅମୂଲ୍ୟ ଦାସ, ଛତିଶ ମହାନ୍ତ, ଲକ୍ଷ୍ମଣ ମୁର୍ମୁଙ୍କ ସମେତ ହଜାର ହଜାର ସମର୍ଥକ ହାତରେ ୧୦୦ ଫୁଟର ତ୍ରିରଙ୍ଗା ପତାକା ଧରି ଭାରତ ମାତା କି ଜୟ ଧ୍ୱନି ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ।

# ବିଶ୍ୱ ଆଦିବାସୀ ଦିବସ

ବୈଶିଙ୍ଗା,୧୦।୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡଦେଉଳିଆ ପଞ୍ଚାୟତର ଭାନପୁରଠାରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁ ସାଂସ୍କୃତିକ ଭବନରେ ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳନ ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଡଦେଉଳିଆ ପଞ୍ଚାୟତର ଭାନପୁର, ଶଙ୍ଖସାହି ଓ କଳମା ପଞ୍ଚାୟତ ମେଲାଡାଙ୍ଗର ପେସା ଗ୍ରାମସଭାର ମିଳିତ ସହଯୋଗରେ ଏହି ଦିବସ ପାଳନ କରାଯାଇଥିଲା। ସମ୍ବରାୟ ହେମ୍ବ୍ରମ ଏଥିରେ ପୌରାହିତ୍ୟ କରିଥିଲେ। ଗ୍ରାମର ପୂଜକ(ନାୟକେ) ସାକିଲା ମୁର୍ମୁ ଆଦିବାସୀ ମହାପୁରୁଷ ତିଲ୍କା ବାବା, ସିଦ-କାହ୍ନୁ, ବିର୍ସା ମୁଣ୍ଡା, ବି. ଆର୍ ଆମ୍ବେଡକର, ଜୟପାଲ ସିଂ ମୁଣ୍ଡା, ସୁନାରାମ ସୋରେନ, ଫୁଲ-ଝାନ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୂଜା ପାଠ କରି ପୁଷ୍ପ ଅର୍ପଣ କରିଥିଲେ। ପରେ ମେଲାଡାଙ୍ଗର ଗ୍ରାମରେ ମଧ୍ୟ ଚାରାରୋପଣ କରାଯାଇଥିଲା। ଅପରାହ୍ନରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ବସ୍ତ୍ର ପରିଧାନ ସହ ସାଂସ୍କୃତିକ ନାଚଗୀତରେ ସମଗ୍ର ଅଞ୍ଚଳ ମସ୍‌ଗୁଲ ଥିବା ଦେଖିବାକୁ ମିଳିଥିଲା। କୈଳାଶ ମୁର୍ମୁ, ଜୁରା ମାରାଣ୍ଡି, କୁଆଁରିଆ, ଅଜୟ ମୁର୍ମୁ, ସିଦ୍ଧୁ ମୁର୍ମୁ, ଜଗବନ୍ଧୁ ମୁର୍ମୁ, ଦୁର୍ଗା ମାଝୀ, ସରୋଜ ଟୁଡୁ, ବୈଦ୍ୟନାଥ ମାରାଣ୍ଡିଙ୍କ ସହ ପେସା ଗ୍ରାମସଭାର ସମସ୍ତ କର୍ମକର୍ତ୍ତା ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।




ଭାନପୁରରେ ପଣ୍ଡିତ ରଘୁନାଥ ମୁର୍ମୁ ସାଂସ୍କୃତିକ ଭବନଠାରେ ଆଦିବାସୀ ଦିବସ ପାଳନ କରାଯାଉଛି।

# ୭୪୪୧ ହିତାଧିକାରୀ କଲେନି ରାଶନକାର୍ଡ ଇ-କେୱାଇସି

ଝାରପୋଖରୀଆ,୧୦।୮
(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲାର ଉପାନ୍ତ ସାରସକଣା ବ୍ଲକରେ ୭୪୪୧ ଜଣ ରାଶନକାର୍ଡ ଇ-କେୱାଇସି କରି ନ ଥିବା ଜଣାପଡ଼ିଛି।

ଏହି ବ୍ଲକ ଅଧୀନ ୧୭ଟି ପଞ୍ଚାୟତର ୧୮୧ ଗ୍ରାମରେ ୨୦୧୧ ଜନଗଣନା ଅନୁଯାୟୀ ୧,୦୦୯୧୪ ଜଣ ଜନସାଧାରଣ ବସବାସ କରୁଛନ୍ତି। ସେଥିମଧ୍ୟରୁ ଅଧିକାଂଶ ଅନୁସୂଚିତ ଜାତି ଓ ଜନଜାତି ବର୍ଗର। ଏ ସମସ୍ତ ଜନସାଧାରଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାର ରାଶନକାର୍ଡ ମଧ୍ୟରେ ମାସକୁ ୪୧୪୮ କୁଇଣ୍ଟାଲ ଚାଉଳ ପ୍ରଦାନ କରାଯାଉଛି। ଯୋଗାଣ ବିଭାଗ ପକ୍ଷରୁ ୨୫୮୬୬ ରାଶନକାର୍ଡ ପ୍ରଦାନ କରାଯାଇଛି। ସେଥି ମଧ୍ୟରୁ ପି.ଏଚ୍.ଏଚ୍ ୨୧୨୯ ଜଣ କାର୍ଡଧାରୀଙ୍କ ୭୨୪୯୨ ଲୋକଙ୍କ ପାଇଁ ମୁଣ୍ଡ ପିଛା ମାସକୁ ୫ କି.ଗ୍ରା ହିସାବରେ ୩୫୪୭ କୁଇଣ୍ଟାଲ ଚାଉଳ ଓ ୭୫୭୪ଟି ଅନ୍ତ୍ୟୋଦୟ କାର୍ଡ ଯୋଜନାରେ ରାଶନକାର୍ଡ ପିଛା ମାସକୁ ୩୫ କି.ଗ୍ରା. ହିସାବରେ ୧୨୧୩୩ ଜଣଙ୍କୁ ୧୬୦୧ କୁଇଣ୍ଟାଲ ଚାଉଳ ପ୍ରଦାନ କରାଯାଉଛି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନାରେ ସାରସକଣା ବ୍ଲକରେ ପି.ଏଚ୍.ଏଚ୍. ଓ ଅନ୍ତ୍ୟୋଦୟ ଯୋଜନାରେ ମୋଟ ୮୪୬୨୬ ଜଣ ଜନସାଧାରଣ ଅନ୍ତର୍ଭୁକ୍ତ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟ କ୍ରମେ ବାରମ୍ବାର ହିତାଧିକାରୀଙ୍କୁ ନିଜ ନିଜର ରାଶନକାର୍ଡ ଇ-କେୱାଇସି କରିବା ପାଇଁ ବାଧ୍ୟତାମୂଳକ କରାଇବାକୁ ଉପଦେଶ ଦିଆଯାଇଥିବାବେଳେ ଲୋକେ ଅଣଦେଖା କରି ଆସୁଛନ୍ତି।

ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ (ଏମ୍.ଆଇ) ଅଜୟ କୁମାର ଦାସଙ୍କ ସୂଚନା ମୁତାବକ, ବ୍ଲକର ୨୫୮୬୬ ଜଣ ରାଶନକାର୍ଡଧାରୀ ମୋଟ ୮୪୬୨୫ ଜଣ ଲୋକଙ୍କ ମଧ୍ୟରୁ ୭୭୧୮୪ ଜଣ ଇ-କେୱାଇସି କରିଥିବା ବେଳେ ୭୪୪୧ ଜଣ ଇ-କେୱାଇସି ଅଦ୍ୟାବଧି କରିନାହାନ୍ତି। ଫଳରେ ଭବିଷ୍ୟତରେ ସରକାର ସେମାନଙ୍କର ରାଶନକାର୍ଡ କାଟି ଦେଇପାରନ୍ତି ନଚେତ ସାମୁହିକ ଭାବେ ଚାଉଳ ବନ୍ଦ କରିଦେଇ ପାରନ୍ତି। ଯାହାଦ୍ୱାରା ହିତାଧିକାରୀମାନେ ଭବିଷ୍ୟତରେ ହଇରାଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ରାଶନକାର୍ଡଧାରୀମାନେ ଯଥାଶୀଘ୍ର ଇ-କେୱାଇସି କରିବା ପାଇଁ ବ୍ଲକ ପ୍ରଶାସନ ତଥା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରସାନନ୍ଦ ହେଲେ ଗାୟତ୍ରୀ ପରିବାରର ଜିଲା ସଂଯୋଜକ

ବାରିପଦା,୧୦।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଗାୟତ୍ରୀ ପରିବାର ପକ୍ଷରୁ ଶନିବାର ବାରିପଦାଠାରେ ଜିଲା ସମନ୍ୱୟ ସମିତିର ପୁନର୍ଗଠନ ହୋଇଛି। ଶାନ୍ତିକୁଞ୍ଜ ଜନସମ୍ପର୍କ ଟୋଲି ଏବଂ ଆମ ଓଡ଼ିଶା ଜୋନ୍ ସଂଯୋଜକ ସୌମିତ୍ର ଥାନାପତି, ଶାନ୍ତିକୁଞ୍ଜ ପ୍ରତିନିଧି ବିଘ୍ନେଶ୍ୱର ମହାପାତ୍ରଙ୍କ ଉପସ୍ଥିତିରେ ଶ୍ରଦ୍ଧା ସମ୍ମାନ ଆନ୍ତରିକ ଭାବବିନିମୟ ସହ ସମିତିର ପୁନର୍ଗଠନ କାର୍ଯ୍ୟକାରୀ କରାଯାଇଛି। ଜିଲା ସଂଯୋଜକ ଭାବେ ଦୀର୍ଘ ୪୦ବର୍ଷ ଧରି କାର୍ଯ୍ୟ ତୁଲାଇ ଆସିଥିବା ଦିବାକର ପ୍ରଧାନ ଦାୟିତ୍ୱ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଏଣୁ ସହସଂଯୋଜକ ଭାବେ କାର୍ଯ୍ୟ ତୁଲାଉଥିବା ରସାନନ୍ଦଙ୍କୁ ଜିଲା ସଂଯୋଜକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ତାଙ୍କୁ ଦାୟିତ୍ୱ ମିଳିବା ପରେ ଗାୟତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# କରଞ୍ଜିଆ ରେଞ୍ଜକୁ ପଶିଲେ ୩୦ ଟିକିଆ ହାତୀପଲ

ଠାକୁରମୁଣ୍ଡା,୧୦।୮ (ତାରାକାନ୍ତ ପଟ୍ଟନାୟକ)

କିଛି ଦିନ ବ୍ୟବଧାନ ପରେ ପୁଣି ୩୦ ଟିକିଆ ହାତୀପଲ କରଞ୍ଜିଆ ରେଞ୍ଜକୁ ଫେରିଛନ୍ତି। ଶନିବାର ରାତିରେ କେନ୍ଦୁଝର ଜିଲାର ସାହରପଡ଼ା ବ୍ଲକ୍ ଦେଇ କରଞ୍ଜିଆ ରେଞ୍ଜକୁ ହାତୀପଲ ପ୍ରବେଶ କରିଛନ୍ତି। ରବିବାର ହାତୀପଲ ବଡ଼ ଦେଉଳି ଜଙ୍ଗଲରେ ରହିଛନ୍ତି। ୩୦ ଟିକିଆ ହାତୀପଲ ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲେଣି, ଅନେକ ଏକର ଚାଷ ଜମି ନଷ୍ଟ କରିଛନ୍ତି। କରଞ୍ଜିଆ ଚଢ଼େଇ ଭୋଳ ରାସ୍ତାରେ ଛିଡ଼ା ହେବାରୁ ଯାତାୟାତ ବାଧା ଉପୁଜିଥିଲା। ହାତୀପଲ ପାଇଁ ୩୦ରୁ ଊର୍ଦ୍ଧ୍ୱ ଗାଁରେ ଭୟର ବାତାବରଣ ଖେଳିଯାଇଛି। କରଞ୍ଜିଆ ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସହିତ ବନ କର୍ମଚରୀ ହହାତୀ ଗତିବିଧି ଉପରେ ନଜର ରଖିଛନ୍ତି।

# ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନ ବେଳେ ପଡ଼ିଥିଲା ବାର ହରିବୋଲ

ଡ. ସୁରେନ୍ଦ୍ର କୁମାର ମିଶ୍ର

■ ନିର୍ମାଣ ହୋଇଥିଲା ଚଉଦଟି ଯଜ୍ଞଶାଳା
■ କସ୍ତୁରିକା ମୋଦିନୀ ଦେବୀ ସିନ୍ଦୁକରେ ପଠାଇଥିଲେ ବସ୍ତ୍ର ଓ ପୂଜାସଜ



ରଥର ପାରାଭାଡ଼ି ସମାପ୍ତ ହେବାପରେ ଭୋଇ ସେବକମାନଙ୍କର ହରିବୋଲ ଡାକ।




ଗଜପତିଙ୍କର ସାମ୍ରାଜ୍ୟ ବିଜୟ ସ୍ମାରକୀ ଥିଲା ଅ୧୮ଙ୍କ କାର୍ତ୍ତିକ ଶୁକ୍ଳ ଦଶମୀ। ପଞ୍ଜିକ ଦିନ। ସେହିଦିନ ଭୁବନେଶ୍ୱର ରାଜଗୁରୁ, ନରସିଂହପୁରର ଆନନ୍ଦ ରଥ ପହଞ୍ଚିଥିଲେ କୋଣାର୍କରେ। ଗଜପତିଙ୍କ ଆଦେଶରେ ସେମାନେ କୋଣାର୍କରେ ପହଞ୍ଚି ଯଜ୍ଞ ମଣ୍ଡପର ମାପ ଦେଲେ ବାସ୍ତୁଶାସ୍ତ୍ର ଅନୁସାରେ।

ବନ୍ଦାପନା ମଣ୍ଡପର ପୂର୍ବଦିଗକୁ ୪ଟି ଯଜ୍ଞ ପାଇଁ ଗର୍ଭାଧାନଶାଳା, ସ୍ନାନଶାଳା ଓ ନ୍ୟାସ ଶାଳାର ମାପ ଦେଲେ। ବନ୍ଦାପନା ମଣ୍ଡପର ପଶ୍ଚିମଦିଗକୁ ମାପଦେଲେ। ବଳିଶାଳା ଓ ଦକ୍ଷିଣପଟକୁ 'ଯଜମାନଶାଳା'ର ମାପ ଦେଲେ। ପୀଢ଼ଚାଳଶାଳାର ମାପ ଦେଲେ ଅରୁଣସ୍ତମ୍ଭର ଦକ୍ଷିଣକୁ। ରୋଷଶାଳାର ଦୁଇଟି କୋଠରିକୁ 'ଚାରୁଶାଳା' କରାଯିବାକୁ ସ୍ଥିର ହେଲା। ଏହିପରି ୧୪ଟି ଯଜ୍ଞଶାଳା କରାଯାଇଥିଲା।

୧- ଗର୍ଭାଧାନଶାଳା, ୨- ସ୍ନାନଶାଳା, ୩- ନ୍ୟାସଶାଳା, ୪- ପୁରୋଡ଼ାସଶାଳା, ୫- ଅଙ୍କୁରାରୋପଣଶାଳା, ୬- ବଳିଶାଳା, ୭- ଯଜମାନଶାଳା , ୮- ପୀଢ଼ଚାଳ ଯଜ୍ଞଶାଳା, ୯- ଚାରୁଶାଳା, ୧୦-୧୩: ଚାରିଦ୍ୱାରରେ ୪ଟି ଶାଳା, ୧୪- ନିଶାତଳେ ଛୋଟ ଯଜ୍ଞଶାଳା।

ଦ୍ୱାଦଶ ଆଦିତ୍ୟଙ୍କ ପାଇଁ ବାରଯୋଡ଼ା ସିଲ୍କ ଲୁଗା ବରାଦ ହୋଇଥିଲା। ସେହିଦିନ ହାତୀ ପିଠିରେ ଗୋଟିଏ ସିନ୍ଦୁକ ଷୋହଳ ଯୋଡ଼ା ଉତ୍ତରୀୟ ମହାଦେବୀ ପଠାଇଥିଲେ। ସିନ୍ଦୁକ ଖୋଲାଗଲା ଅଧିକାରୀମାନଙ୍କ ଉପସ୍ଥିତିରେ। ସିନ୍ଦୁକରେ କ'ଣ କ'ଣ ଆସିଥିଲା ଏଠାରେ ଆମେ ଉଲ୍ଲେଖ କରୁଅଛୁ। ମହାଦେବୀ ଯଜ୍ଞ ଅନୁଷ୍ଠାନ ପାଇଁ କେତେ ସଜାଗ ଥିଲେ ଏବଂ ବହୁ ପୂର୍ବରୁ ଏସବୁ ଜିନିଷ ସଂଗ୍ରହ କରିଥିଲେ, ତାହା ଜାଣିହେବ। ୧) ୨୫ ଯୋଡ଼ା ପଗଡ଼ି ଥିଲା ସିନ୍ଦୁକରେ। ୨୫ଜଣ ନିରୀକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବରାଦ ଦିଆଯାଇ ପ୍ରସ୍ତୁତ ହୋଇଥିଲା। ୨) ୨୩୭ଟି ସୂତା ଧୋତି ଯୋଡ଼-ଅନୁଷ୍ଠାନ ପାଇଁ ୨୩୭ ଜଣ ଶିଳ୍ପୀ ବରଣ ହୋଇଥିଲେ। ୩) ୨୨୬ଟି ଗାମୁଛା- ସମୁଦାୟ ପୂଜା କାମରେ ବ୍ୟବହାର ପାଇଁ, ୪) ୨୮ଟି ପିତ୍ତଳ ଗରା- ଚଉଦଟି ମଣ୍ଡପରେ ବ୍ୟବହାର ପାଇଁ। ୫) ୫ଟି ଦୀପରୁଖା। ୬) ସହସ୍ର ଧାରା ସ୍ନାନପାତ୍ର ଗୋଟିଏ। ୭) ଛୋଟ ପ୍ରଭା ଦୁଇଟି, ଯେଉଁଥିରେ ବିଗ୍ରହ ବିଜେ କରନ୍ତି। ୮) ପୂଜାପାତ୍ର ସଜ- ପାଞ୍ଚୋଟି। ୯) ପଦ୍ମଝରି ଚାରୋଟି। ଏହି ଝରିର ମୁହଁଟି ପଦ୍ମ ଆକୃତିର ଯେଉଁ ବାଟଦେଇ ଝରିରୁ ଜଳ ବାହାରେ। ୧୦) ଠିଆ ଦର୍ପଣ ଛଅଟି।

ଏତିକି ଆବଶ୍ୟକୀୟ ସଜ ମହାଦେବୀ ସଂଗ୍ରହ କରି ସିନ୍ଦୁକରେ ପଠାଇଦେବା ବଡ଼ କଥା ନୁହେଁ। ଏଥିପ୍ରତି ତାଙ୍କର ଅନୁରାଗ ଓ କର୍ତ୍ତବ୍ୟକୁ ବିଚାର କରିବା କଥା। ମହାରାଜା ମନ୍ଦିରଟିଏ ନିର୍ମାଣ କରାଉଛନ୍ତି, ସେଥିପାଇଁ ଯେଉଁ ଯଜ୍ଞ ଅନୁଷ୍ଠାନ ହେବ ସେ ବିଷୟରେ ଅବଗତ ହୋଇ ସଂଗ୍ରହ କରି ପଠାଇବା ଏକ ସକାରାତ୍ମକ ପ୍ରେରଣା। ଆଢ଼େଇ ହୋଇ ଚୁପ୍‌ଚାପ୍ ରହିଯାଇଥିଲେ, କେହି ଆଙ୍ଗୁଠି ଦେଖାଇବାକୁ ନ ଥିଲେ, ତଥାପି ମାନସିକ ପ୍ରସ୍ତୁତିକୁ ଲକ୍ଷ୍ୟ କରିବା କଥା। ଏହି ମହାଦେବୀ ହେଉଛନ୍ତି ମହାରାଣୀ କସ୍ତୁରିକା ମୋଦିନୀ, ଯାହାଙ୍କୁ ଗଜପତିଙ୍କ ପାର୍ଷଦମାନେ 'ରାଜମାତା' ବୋଲି ସମ୍ବୋଧନ କରୁଥିଲେ। ପୂର୍ବରୁ ସୂଚନା ଦେଇଥିଲୁ ମହାଦେବୀ ହେଉଛନ୍ତି ମଦୁରାଇ ମହାରାଜାଙ୍କ କନ୍ୟା।

ବାସୁ ବଢ଼େଇ ଶ୍ରୁବ, ଶ୍ରୁଚ ଓ ପ୍ରଣିତା ଆଣି ଯୋଗାଇବା ଦିବସ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ସେହିଦିନ ୨୮ଜଣ ଶିଳ୍ପୀ ସ୍ନାନ ପରେ ଭଣ୍ଡାରଘରକୁ ଆସି ହାତଯୋଡ଼ି ପ୍ରଥମ 'ହରିବୋଲ' ଧ୍ୱନି ଦେଇଥିଲେ। ଚଳଚଞ୍ଚଳ ହୋଇଗଲା ବାତାବରଣ। ସମସ୍ତ ପୂଜା ଉପକରଣକୁ ନାଲି ସିଲ୍କ କନାରେ ଗୁଡ଼ାଇ ସୂତ୍ରଧର ଶିବେଇ ସାମନ୍ତରାଙ୍କ ଶିବିର ସାମନାରେ ରଖି 'ଶାଙ୍ଗି' (ବାହାଙ୍ଗି)ରେ ଲଦି ଗର୍ଭାଧାନଶାଳାରେ ପହଞ୍ଚାଇଥିଲେ। ସେଇଠି ପଡ଼ିଥିଲା ଦ୍ୱିତୀୟ ହରିବୋଲ। ସେଣେ ସାତଜଣ ପଥୁରିଆ ବାର ଭରଣ ଧାନରେ (ଭରଣକ ୪୦ ଗୌଣି)ରେ ବିଜେ ପ୍ରତିମାଙ୍କୁ ବିଜେ କରି ଚାରିପଟ କନାରେ ଆବଦ୍ଧ କରି ହରିବୋଲ ପକାଇ ଶାଳା ନିକଟରେ ପହଞ୍ଚାଇଥିଲେ। ଏହା ଥିଲା ତୃତୀୟ ହରିବୋଲ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ମୂଳରୁ ଶେଷ ପର୍ଯ୍ୟନ୍ତ ଭୋଇ ସେବକ ନଅ ହରିବୋଲ ପକାଇଥାନ୍ତି। ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନବେଳେ ପଡ଼ିଥିଲା ଦ୍ୱାଦଶ ହରିବୋଲ। ଆଗକୁ ଦେଖିବା ହରିବୋଲର ରହସ୍ୟ ଓ ପରମ୍ପରା।





# ଅସୁରକ୍ଷିତ କୋଠରିରେ ଶିକ୍ଷାଦାନ

**ସମସ୍ୟା ବହୁଳ ଗୋବିନ୍ଦପୁର ଆଦର୍ଶ ସଂସ୍କୃତ ବିଦ୍ୟାଳୟ**

- ଶୌଚାଳୟ, ପିଲାଙ୍କ ଯିବା ପାଇଁ ନିତିଦିନିଆ ରାସ୍ତା ନାହିଁ
- ବିପଦକୁ ନିମନ୍ତ୍ରଣ କରୁଛି ମୁକୁଳା ଡ୍ରେନ୍
- ୨ କୋଠରି ବିଶିଷ୍ଟ ଛାତ୍ରାବାସରେ ରହୁଛନ୍ତି ୯୮ ଅନ୍ତେବାସୀ

ଖଇରା,୧୦।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବାରିକସାହି ଆଦର୍ଶ ସଂସ୍କୃତ ବିଦ୍ୟାଳୟ ଏବେ ନାନା ସମସ୍ୟା ଦେଇ ଗତି କରୁଛି। ଛାତ୍ରୀଛାତ୍ରଙ୍କ ବସିବା ପାଇଁ ପର୍ଯ୍ୟାପ୍ତ କୋଠରୀ ନ ଥିବା ବେଳେ ଛାତ୍ରାବାସରେ ରହୁଥିବା ଜନଜାତିର ପିଲା ଆବଶ୍ୟକ ଜାଗା ଅଭାବରୁ ଅନେକ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ଠିକ୍ଠାକ୍ ନ ଥିବାବେଳେ ବିଦ୍ୟାଳୟକୁ ଯିବାପାଇଁ ଭଲ ରାସ୍ତାଟିଏ ନାହିଁ କି ଚତୁପାର୍ଶ୍ୱରେ ସୁରକ୍ଷା ପାଚେରି ନାହିଁ। ବ୍ଲକ ଗ୍ରାଣ୍ଟରେ ଅନ୍ତର୍ଭୁକ୍ତ ଏହି ବିଦ୍ୟାଳୟ ବାହାର ଓ ଭିତର ପରିବେଶ ଶିକ୍ଷାଦାନ ପାଇଁ ଅନୁପଯୋଗୀ ହୋଇଥିବାବେଳେ ଶିକ୍ଷାବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

୧୯୯୦ରେ ଉକ୍ତ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ଓ ସ୍ୱର୍ଗତ ଭାସ୍କର ଶଙ୍ଖୁଆ, ଜଗତାନନ୍ଦ ମହାପାତ୍ର, ପ୍ରଶାନ୍ତ ବାରିକ, କାଶୀନାଥ ମୁଦୁଲି, ଶ୍ରୀଧର ତ୍ରିପାଠୀ, କୃଷ୍ଣଚନ୍ଦ୍ର ପଣ୍ଡା ଓ ମନୋରଞ୍ଜନ ମହାନ୍ତିଙ୍କ ଭଳି ବହୁ ବଦାନ୍ୟ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ବିଶେଷ ଭାବରେ ଜନଜାତି ବର୍ଗର ପିଲାମାନଙ୍କ ପାଇଁ ଛାତ୍ରାବାସର ବ୍ୟବସ୍ଥା କରାଯାଇଛି। ହେଲେ ପ୍ରଶାସନିକ ତଥା ରାଜନୈତିକ ଇଛାଶକ୍ତି ଅଭାବରୁ ପ୍ରତିଷ୍ଠାର ୩୫ବର୍ଷ ଅତିବାହିତ ହୋଇ ଯାଇଥିଲେ ହେଁ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇ ପାରିନାହିଁ। ଛାତ୍ରାବାସରେ ପର୍ଯ୍ୟାପ୍ତ ଗୃହ ଅଭାବରୁ ପିଲାମାନେ କୋଠରୀରେ ରହୁଥିଲେ ମଧ୍ୟ ନିଜର ଆସବାବପତ୍ର ବାରଣ୍ଡାରେ ରଖିବାକୁ ବାଧ ହେଉଛନ୍ତି। ବିଦ୍ୟାଳୟ ଆରମ୍ଭ ସମୟର ଆଜବେଷ୍ଟସ ଶ୍ରେଣୀ ଗୃହ ଏବେ ବିପଦସଙ୍କୁଳ ହୋଇ ପଡ଼ିଥିବା ବେଳେ ନୂଆଛାତ ଘର ଅର୍ଥ ଅଭାବରୁ ପ୍ଲାଷ୍ଟରିଂ ହୋଇ ପାରିନାହିଁ କି ଝରକାକବାଟ ଲାଗି ପାରିନାହିଁ। ଏହି ଛାତ ଘରେ ପଲିଥିନ ଟାଙ୍ଗି କୋଠରୀ ଭାଗ କରି ଶିକ୍ଷକମାନଙ୍କୁ ଶିକ୍ଷାଦାନ କରିବାକୁ ପଡୁଛି। ଏଭଳି ସ୍ଥିତିରେ ଶିକ୍ଷକମାନେ ବସିବା ବା ଛାତ୍ରୀଛାତ୍ରୀଙ୍କ ପାଇଁ କମନରୁମ ସ୍ୱପ୍ନ ପାଲଟିଛି। ୫ଟି ଶ୍ରେଣୀରେ ୧୨୭ଜଣ ପିଲା ପଢୁଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକୀୟ ଶୌଚାଳୟ ନାହିଁ କି ଭଲ ପିଇବା ପାଣି ମୁନ୍ଦେ ମିଳିପାରୁନାହିଁ। ବିଦ୍ୟାଳୟ ସମ୍ମୁଖରେ ଡ୍ରେନ ପାଇଁ ଖୋଳା ଯାଇଥିବା ନାଳ ୨ବର୍ଷ ହେଲା ମୁକୁଳା ପଡ଼ିଥିବାରୁ ଛାତ୍ରୀଛାତ୍ର, ଶିକ୍ଷକ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ପ୍ରଧାନପଣ୍ଡିତ ମାୟାଧର ପତ୍ରୀଙ୍କୁ ପଚାରିବାରେ ସବୁବେଳେ ସମସ୍ୟା ବିଷୟରେ ସୁପରିଟେଣ୍ଡେଣ୍ଟ ଅଫିସ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ କୁହାଯାଉଛି। କିଛି ସମାଧାନ ହୋଇଛି ଓ ଅନେକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଥିବା ସେ କହିଛନ୍ତି।



ବିଦ୍ୟାଳୟ ଆରମ୍ଭ ସମୟର ବିପଦସଙ୍କୁଳ ଆଜବେଷ୍ଟସ ଘର।

## ବ୍ଲକସ୍ତରୀୟ ଯାତ୍ରା କମିଟି ବୈଠକ





ବୈଠକରେ ଉପସ୍ଥିତ ମହାସଂଘର କାର୍ଯ୍ୟକର୍ତ୍ତାମାନେ।

ବାହାନଗା,୧୦।୮ (ଅରୂପ କୁମାର ଦାସ)

ଓଡ଼ିଶା ଯାତ୍ରା କମିଟି ମହାସଂଘ ଦ୍ୱାରା ଗଠିତ ବାହାନଗା ବ୍ଲକସ୍ତରୀୟ ମହାବୀର ଯାତ୍ରା କମିଟିର ବୈଠକ ଗୋପାଳପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାହାନଗା ବ୍ଲକସ୍ତରୀୟ କମିଟିର ସଭାପତି ରବୀନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମହାସଂଘର ସହ ସଂଯୋଜକ ଅଜିତ କୁମାର ମହାଳିକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହାସଂଘ କୋଷାଧକ୍ଷ ମାନସ ରଞ୍ଜନ ରାୟସାମନ୍ତ, ମହାସଂଘର ବାଲେଶ୍ୱର ଜିଲା ସଭାପତି ରାଜେନ୍ଦ୍ର ରାଉତ, ମୟୂରଭଞ୍ଜ ଜିଲା ସଭାପତି ବୀର କିଶୋର ମହାନ୍ତି, ମୟୂରଭଞ୍ଜ ଜିଲା କାର୍ଯକାରୀ ସଦସ୍ୟ ଶଙ୍କର୍ଷଣ ଦାସ, ନୀଳଗିରି ବ୍ଲକ ସଭାପତି ଦିବ୍ୟରଞ୍ଜନ ମହାପାତ୍ର, ପଞ୍ଚସଖା ଯାତ୍ରା କମିଟିର ସମ୍ପାଦକ ଅନିରୁଦ୍ଧ ବାରିକ ପ୍ରମୁଖ ଯୋଗଦେଇ ଯାତ୍ରା ମାଲିକ ଓ ଯାତ୍ରା କଳାକାରମାନଙ୍କ ଶୋଷଣ ନୀତି ପାଇଁ ଯାତ୍ରା କମିଟି ବୁଡ଼ିଯିବାକୁ ବସିଲାଣି ବୋଲି ପ୍ରକାଶ କରିଥିଲେ। ଏଥିରେ ବାହାନଗା, ସୋର, ରେମୁଣା ବ୍ଲକ ତାଳପଦା ପଞ୍ଚାୟତରେ ଥିବା ଯାତ୍ରା କମିଟି ଓ ଶ୍ରୀଜଙ୍ଗ, ବୋଇତା, ମହାରାଜପୁର ଯାତ୍ରା କମିଟିର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ଯାତ୍ରା କମିଟିର କର୍ମକର୍ତ୍ତାମାନଙ୍କୁ ପ୍ରଥମେ ସମ୍ବର୍ଦ୍ଧିତ କରାଯାଇଥିଲା। ଯାତ୍ରା ମାଲିକମାନେ ମନଇଚ୍ଛା ବଢ଼ାଉ ଥିବା ଦର ପାଇଁ ଯାତ୍ରା କମିଟି ଲକ୍ଷାଧିକ ଟଙ୍କା ପ୍ରତିବର୍ଷ କ୍ଷତି ସହୁଛନ୍ତି। ମାଲିକମାନେ ଯଦି ରାତି ପିଛା ଦର ନ କମାଇବେ ତାହାଲେ କେହି ଯାତ୍ରା ପାର୍ଟିକୁ ନ ନେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କୌଣସି ଯାତ୍ରା କମିଟି କନଟାକ୍ଟ ମାଧ୍ୟମରେ ଯାତ୍ରା ନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ବର୍ତ୍ତମାନ ଯାତ୍ରାପାର୍ଟି ମାଲିକମାନେ ଯେଉଁ ଭଳି ରେଟ ରଖିଛନ୍ତି ସେହି ରେଟରେ ଯାତ୍ରା କମିଟି ବଳି ପଡୁଛି ବୋଲି ମହାସଂଘର ବାଲେଶ୍ୱର ଜିଲା ସମ୍ପାଦକ ତଥା ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ କହିଛନ୍ତି।

## ୨ ଶିକାରୀ ଗିରଫ, ବନ୍ଧୁକ ଜବତ

ନୀଳଗିରି,୧୦।୮ (ପ୍ରଶାନ୍ତ କୁମାର ବିଶ୍ୱାଳ): ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟରୁ ରବିବାର ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଏକ ବନ୍ଧୁକ ଜବତ କରିଛି। ସୂଚନା ମୁତାବକ, ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଡେଉଁଚଖାଲ ଅଞ୍ଚଳର ସ୍ୱର୍ଗତ ବନମାଳୀ ସିଂଙ୍କ ପୁଅ ହଗୁରୁ ଏବଂ ସିନ୍ଦୁରିଆ ଗ୍ରାମର ଶଙ୍କରା ସିଂଙ୍କ ପୁଅ ସନିଆ ଏକ ଦେଶୀ ବନ୍ଧୁକ ସହିତ ବାରୁଦ, ଛୁରି, ଫାସ ନେଇ କୁଲଡିହା ଜଙ୍ଗଲକୁ ଶିକାର କରିବାକୁ ଯାଉଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ହାବୁଡ଼ରେ ପଡ଼ିଥିଲେ। ବନ କର୍ମଚାରୀମାନେ ୨ ଅଭିଯୁକ୍ତଙ୍କୁ କାବୁ କରି ନୀଳଗିରି ସ୍ଥିତ କୁଲଡିହା ଅଫିସକୁ ଆଣିବା ସହ କାର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

## ‘ଦିବ୍ୟାଙ୍ଗଙ୍କ ପାଇଁ ପ୍ରେରଣାର ଉତ୍ସଥିଲେ ପ୍ରଣବ ସାହୁ’

**ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତି ସଭା**

ବାଲିଆପାଳ,୧୦।୮ (ଗୋପାଳ ଚନ୍ଦ୍ର ସାହୁ)

ପ୍ରଣବ ସାହୁ ଥିଲେ ଜଣେ ଅସାଧାରଣ ବ୍ୟକ୍ତିର ଅଧିକାରୀ। ଦିବ୍ୟାଙ୍ଗମାନଙ୍କ ପାଇଁ ଥିଲେ ପ୍ରେରଣା ଉତ୍ସ ବୋଲି ସ୍ୱର୍ଗତ ପ୍ରଣବ ସାହୁଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତି ସଭାରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବାଲିଆପାଳ ବ୍ଲକ ଅଧୀନ ଶ୍ରୀରାମପୁର ପଞ୍ଚାୟତର ସେତପୁରା ଗ୍ରାମସ୍ଥିତ ବାସଭବନରେ ରବିବାର ସ୍ୱର୍ଗତ ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସେ ଏକାଧାରରେ ଜଣେ ସାମାଜିକ କର୍ମୀ, ଖବର ଦାତା, ସଂଗଠକ ସହିତ ଜଣେ ଆଦର୍ଶ ଶିକ୍ଷକ ଭାବରେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ ବୋଲି ଅତିଥିମାନେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ବିଜୟ କୁମାର ଦେ, ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳ, କବି ବ୍ରଜେନ୍ଦ୍ର ନାଥ ଗିରି, କବି କାଳୀପଦ ପଣ୍ଡା, ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ବରିଷ୍ଠ ନାଗରିକ ଡା.ବଙ୍କିମ ଚନ୍ଦ୍ର ଜେନା,ଅବସର ପ୍ରାପ୍ତ ଶିକ୍ଷକ ରମଣି ମଣ୍ଡଳ, ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା, ରାଜକୃଷ୍ଣ ପାତ୍ର, କବି ବିଜୟ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ମୃତି ସଭାରେ ସ୍ୱର୍ଗତ ସାହୁଙ୍କ ବାପା ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ପ୍ରସାଦ ସାହୁ, ପ୍ରବୀର କୁମାର ସାହୁ , ପ୍ରଭାତ କୁମାର ସାହୁ, ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ ମମତା ସାହୁ , ପୁତ୍ର ସତ୍ୟବ୍ରତ ସାହୁଙ୍କ ସହିତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବଡ଼ ଭାଇ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।





ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

## ବାବା ଆଖଣ୍ଡଳେଶ୍ୱରଙ୍କ ମହାରୁଦ୍ରାଭିଷେକ

ଖଇରା,୧୦।୮ (ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବଜାରବାସୀଙ୍କ ଆରାଧ୍ୟ ବାବା ଶ୍ରୀ ଆଖଣ୍ଡଳେଶ୍ୱରଙ୍କ ଆଶ୍ୱିନ ମହାରୁଦ୍ରାଭିଷେକ ରବିବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମନ୍ଦିର ପରିଚାଳକ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବ୍ରାହ୍ମଣ ସମିତିର ସମ୍ପାଦକ ଗୌରଚନ୍ଦ୍ର ଦାସ, ବୈଦ୍ୟନାଥ ଆଚାର୍ଯ୍ୟ, ଗୌରଚନ୍ଦ୍ର ପାଠୀ, ପ୍ରଫୁଲ୍ଲ ଶତପଥୀ,ବେଣୁଧର ମିଶ୍ର, ଜନାର୍ଦ୍ଦନ ମିଶ୍ର, କ୍ଷେତ୍ରବାସୀ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର, ଶରତ ପଣ୍ଡା, ଆକାଶ ପଣ୍ଡା ଓ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପ୍ରଭୁଙ୍କ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ। ଖଇରା ବ୍ଲକ ସମେତ ବାଲେଶ୍ୱର, ବାହନଗା, ସୋର, ଔପଦା ଓ ସିମୁଳିଆ ବ୍ଲକରୁ ଆଚାର୍ଯ୍ୟ ଓ ପଣ୍ଡିତ ଗଣ ଯୋଗ ଦେଇଥିଲେ।

## ଯୁବ ଶିଳ୍ପୋଦ୍ୟୋଗୀ ପ୍ରତୀକ ଜେନା ସମ୍ମାନିତ



ଅତିଥିଙ୍କ ଗହଣରେ ଶିଳ୍ପୋଦ୍ୟୋଗୀ ପ୍ରତୀକ ଜେନା।

ବାଲେଶର,୧୦।୮ (ବାଞ୍ଛାନିଧି ଦେ)– ବାଲେଶର ହାଇଲାଣ୍ଡ ଆଗ୍ରୋ ଫୁଡ୍ସ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ ଜେନାଙ୍କୁ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଯୁବ ଶିଳ୍ପୋଦ୍ୟୋଗୀ ଭାବରେ ଶୁକ୍ରବାର ଦୁବାଇଠାରେ ‘ଇଟି ଇଣ୍ଡୋ ଗ୍ଲୋବାଲ ଲିଡର୍ସ ପୁରସ୍କାର’ରେ ସମ୍ମାନିତ କରାଯାଇଛି। ସମ୍ମାନିତ ହେବା ଅବସରରେ ନିଜର ଅଭିଭାଷଣରେ ଜେନା ବିଶ୍ୱ କୃଷିଜାତ ଖାଦ୍ୟ ବ୍ୟବସାୟର ଭବିଷ୍ୟତ ଉପରେ ଶକ୍ତିଶାଳୀ ଅନ୍ତର୍ଦୃଷ୍ଟି ରଖିବା ସହିତ ଏହି କ୍ଷେତ୍ରକୁ ଆଗକୁ ବଢ଼ିବା ପାଇଁ ଆବଶ୍ୟକ ଅଭିନବୀକରଣ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଜେନାଙ୍କ ସହିତ ଫ୍ରିଜୋନ୍ସ ଅଥରିଟି ଅଫ ଆଜମନର ଡାଇରେକ୍ଟର ଜେନେରାଲ ଇସ୍ମାଇଲ ଅଲ ନାକି, କାସାଗ୍ରାଣ୍ଡର ଡାଇରେକ୍ଟର ଲୁଥଫୁଲ୍ଲା ଖଦେର ବାଶା, ଭାରତୀୟ ଫିଲ୍ମ ଅଭିନେତା କୁନାଲ କାପୁର ଓ ହାଇଲ୍ୟାଣ୍ଡ ଆଗ୍ରୋର ଦୁବାଇସ୍ଥିତ ସହାୟକ କମ୍ପାନୀ ଅଲ ଫ୍ରେସ୍କୋ ଓଭରସିଜ ଟ୍ରେଡିଂର ନିର୍ଦ୍ଦେଶକ ଅନିଲ କୁମାର ମଧ୍ୟ ଉପସ୍ଥିତ ଥିଲେ ।

ହାଇଲ୍ୟାଣ୍ଡ ଗ୍ରୁପର ଅଧ୍ୟକ୍ଷ ଇଂ. ରବିନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପୁଅ ପ୍ରତୀକ ହାଇଲ୍ୟାଣ୍ଡ ଆଗ୍ରୋ ଫୁଡ୍ସକୁ ଭାରତର କୃଷି–ରପ୍ତାନି ଶିଳ୍ପର ଅଗ୍ରଭାଗକୁ ସ୍ପର୍ଶ କରାଇଛନ୍ତି। ହାଇଲ୍ୟାଣ୍ଡ ଆଗ୍ରୋ ଫୁଡ୍ସ ଇଣ୍ଡିଆ ସ୍ଥାନୀୟ ତୃଣମୂଳସ୍ତରର ସ୍ୱଳ୍ପ ଆୟକାରୀ ଚାଷୀଙ୍କ ସହିତ ସକ୍ରିୟ ଭାବରେ ସହଭାଗୀତା ପ୍ରଦାନ କରି ୭୦ ପ୍ରତିଶତରୁ ଅଧିକ ମହିଳାଙ୍କୁ ନିଯୁକ୍ତି ପ୍ରଦାନ କରିଛି। ଫଳ ସ୍ୱରୂପ କୃଷି କ୍ଷେତ୍ରରେ ମହିଳା ନେତୃତ୍ୱାଧୀନ ସଫଳତା ଏକ ମାନଦଣ୍ଡ ପାଲଟିଛି ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଗାନ୍ଧୀଛକ,୧୦।୮ (ଦିଲ୍ଲୀପ ପଣ୍ଡା)– ବସ୍ତା ଥାନା ଦାଣ୍ଡି ଗ୍ରାମର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସ୍ତ୍ରୀ ଶାନ୍ତିଲତା (୫୭)ଙ୍କର ରବିବାର ସନ୍ଧ୍ୟାରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଶନିବାର ଶାନ୍ତିଲତା ତାଙ୍କ ଭାଇଙ୍କୁ ରାକ୍ଷୀ ବାନ୍ଧିବାକୁ ସିଂଲା ଥାନା ଅଧୀନ ତ୍ରୈଲୋକ୍ୟ ଗ୍ରାମକୁ ଯାଇଥିଲେ। ସେଠାରେ ରବିବାର ଅପରାହ୍ନ ୩ଟା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୫) । ରୁଜୁ ହୋଇଛି। ମୃତ ଶାନ୍ତିଲତାଙ୍କର ୨ ପୁଅ ଓ ୨ ଝିଅ ଅଛନ୍ତି।

## ବାଲିଆପାଳ ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ

କାଳିପଦା,୧୦।୮ (ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ରୋଟାରୀ କ୍ଲବର ନବମ ପ୍ରତିଷ୍ଠା ଦିବସ ରବିବାର ବ୍ଲକ ଛକ ନିକଟସ୍ଥ ଶୁଭମ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ସଞ୍ଜୟ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଡିଷ୍ଟ୍ରିକ୍ଟ ସେକ୍ରେଟାରୀ ରୋଟାରିଆନ ସୁରେଶ ଚନ୍ଦ୍ର ସାହୁ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଲେଲିନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରୋଟାରିଆନ ଇଂ. ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ରୋଟାରିଆନ ଅତନୁ ପାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ସଞ୍ଜୟ କୁମାର ଦେ ଆଗାମୀ ବର୍ଷ ପାଇଁ ରୋଟାରିଆନ ପ୍ରଦୀପ କୁମାର କରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେହିପରି ସମ୍ପାଦକ ଦାୟିତ୍ୱ ରୋଟାରିଆନ ତପନ କୁମାର ସାହୁଙ୍କୁ ହସ୍ତାନ୍ତର କରିଥିଲେ। ରୋଟାରି କ୍ଲବ ଜଳେଶ୍ୱର, ରୋଟାରୀ କ୍ଲବ ବାଲେଶ୍ୱର, ସାଶ୍ୱତ ରୋଟାରି କ୍ଲବ ବାଲେଶ୍ୱର, ଲାୟନ୍ସ କ୍ଲବ ବାଲିଆପାଳର ସଦସ୍ୟମାନେ ଯୋଗ ଦେଇଥିଲେ। ରୋଟାରିଆନ ସନ୍ତୋଷ କୁମାର ଦାସ, ସୁବ୍ରତ କୁମାର ମହାପାତ୍ର, କୁଞ୍ଜକାନ୍ତ ପାତ୍ର, ମଧୁସୂଦନ ବାରିକ, ବିଜୟ କୁମାର ସାମଲ, ଅଦ୍ୱୈତ ସାହୁ, ଅବନୀ କୁମାର ଗିରି, ରାମଚନ୍ଦ୍ର କର, କାର୍ତ୍ତିକ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ନନ୍ଦୀ, ବିଶ୍ୱନାଥ ଦାସ, ଅବନୀ ଗିରି, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରିଆନ ଅସିତ କୁମାର ଦାସ ଧନ୍ୟବାଦ ଦେଇଥିଲେ।





ମଞ୍ଚାସୀନ ଅତିଥିମାନେ।

## ଗଛରେ ରାକ୍ଷୀ ବାନ୍ଧିଲେ ପ୍ରକୃତିପ୍ରେମୀ

ଭୋଗରାଇ,୧୦।୮ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମବାସୀଙ୍କୁ ସାମୁଦ୍ରିକ ଝଡ଼ବାତ୍ୟା ଦାଉରୁ ସୁରକ୍ଷା ଦେଉଥିବା ବନୀ ଜଙ୍ଗଲ ଏବଂ ସବୁଜ ବାଡ଼ ବନ୍ଧ ଭାବରେ ଉଭା ହୋଇ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବାରେ ଜଗୁଆଳି ଭଳି କାର୍ଯ୍ୟ କରୁଥିବା ବିଚିତ୍ରପୁର ବନୀ ଜଙ୍ଗଲକୁ ସୁରକ୍ଷିତ ରଖିବା ନିମନ୍ତେ ଗଛରେ ରାକ୍ଷୀ ବାନ୍ଧି ସଚେତନତାର ବାର୍ତ୍ତା ଦେଇଛନ୍ତି ପ୍ରକୃତିପ୍ରେମୀ। ଏକ ମିଳିତ କାର୍ଯ୍ୟକ୍ରମରେ ବଡ଼ପାହି ବନ ସୁରକ୍ଷା ସମିତିର ସଭାପତି ପ୍ରଦୀପ ମାଝୀ, ବିଚିତ୍ରପୁର ଇକୋଟୁରିଜିମ ସଭାପତି ଶମ୍ଭୁନାଥ ମାଝୀ, ପ୍ରକୃତି ନିବାସ କମିଟିର ସଭାପତି ବଳରାମ ପାତ୍ର, ସୁବଳ ଚନ୍ଦ୍ର ମହାନ୍ତି, ହିମାଂଶୁ ଶେଖର ପାତ୍ର, ଜନ କଲ୍ୟାଣ ସ୍ୱେଚ୍ଛାସେବୀ ସଂଘର ରାଜକୁମାର ପାତ୍ର, ମା ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଗଙ୍ଗାମଣି ତରାଇ, କଲ୍ୟାଣୀ ନାୟକ, ଆରତୀ ଖିଲାର, ମଞ୍ଜୁଲତା ମାଝୀ, ଲିଲି ମାଝୀ, ମିନାକ୍ଷୀ ମାଝୀ, କବିତା କୁଅର ପ୍ରମୁଖ ଉପସ୍ଥିତ ରହି ଗଛ ଆମର ପ୍ରକୃତି ବନ୍ଧୁ ଓ ଗଛଟିଏ ଜୀବନଟିଏ ବୋଲି ଗଛରେ ରାକ୍ଷୀ ବାନ୍ଧି ବାର୍ତ୍ତା ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି ପରିଚାଳନା କରିଥିଲେ।

## ଭାଜପା ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲେଶ୍ୱର,୧୦।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ସାଂଗଠନିକ ଜିଲାର ଭାଜପା ଜିଲା କାର୍ଯ୍ୟାଳୟ ସେଣ୍ଟ୍ରାଲ ସ୍କୁଲ ଛକ ନିକଟରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ରେମୁଣା ବିଧାୟକ ତଥା ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ବୈଦିକ ରୀତିନିତୀରେ ଗୃହ ପ୍ରବେଶ ପାଇଁ ହୋମଯଜ୍ଞ ସମାପନ ପରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଜିଲା ସଭାପତି ବେହେରା ଉତ୍ତରୀୟ ଓ ବିଭିନ୍ନ କିସମର ଚାରା ପ୍ରଦାନ କରିଥିଲେ। ବାଲେଶ୍ୱର ଓ ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲାର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।





ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବରିଷ୍ଠ ଭାଜପା ନେତୃବୃନ୍ଦ।

## ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଅଭିଯାନ

**ରକ୍ଷା ବନ୍ଧନ ଉତ୍ସବରେ ସଚେତନତା ବାର୍ତ୍ତା**

ବାଲେଶର,୧୦।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ଦୁବଲାଗଡ଼ି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ନବମ ବାର୍ଷିକ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଦୁବଲାଗଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ଆସୋସିଏସନ ଫର୍ ବାଇଓଡାଇଭର୍ସିଟି କଞ୍ଜର୍ଭେସନ, ଆମ ଦୁନିଆ, କ୍ୟାମ୍ପ ଉଇଥ କେୟାର, ମୁନ କମ୍ୟୁନିକେସନ, ଅରଣ୍ୟକ, କଷାଫଳ ସାମୁଦ୍ରିକ ଥାନା, ଯୁବ ବିକାଶ ପ୍ରମୁଖ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ମଞ୍ଚର ସଭାପତି ଶିଳ୍ପୀ କେଶୁ ଦାସ ସଭାପତିତ୍ୱ କରିଥିଲେ ।

ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ ବିରଳ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ସମୁଦ୍ର କୂଳବର୍ତ୍ତୀ ସମସ୍ତ ପଞ୍ଚାୟତରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କହିଥିଲେ। ସରପଞ୍ଚ ପ୍ରବୀର କୁମାର ସାହୁ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ସାମୁଦ୍ରିକ ଥାନା ଆଇଆଇସି ରଶ୍ମିରେଖା ମହାଳିକ, କବି ଗଗନ କୁମାର ସେଠୀ, ଜିଲା ପରିଷଦ ସଭ୍ୟ ଶିରିଶ ଚନ୍ଦ୍ର ଦତ୍ତ ଯୋଗଦେଇ ନୀଳରକ୍ତ କଙ୍କଡ଼ା ସୁରକ୍ଷା ଅଭିଯାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କବି ସୁଧାକର ସେଠୀ ନୀଳରକ୍ତ କଙ୍କଡ଼ା ଆଧାରିତ କବିତା ପାଠ କରିଥିଲେ । ମୁନ କମ୍ୟୁନିକେସନର ମୁଖ୍ୟ ଅବନୀ ଜେନା ନିଜ ଅନୁଭବର କଥା ରଖିଥିଲେ।

ମୁଖ୍ୟ ବକ୍ତାଭାବେ ଏବିସିର ସଭାପତି ଡ .ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ନୀଳରକ୍ତ କଙ୍କଡ଼ାର ଜୀବନ ଶୈଳୀ ଓ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ସହଦେବ ସାହୁ ଅତିଥିଙ୍କୁ ମଞ୍ଚ ଆହ୍ୱାନ ଓ ଏଫଏମ ବିଶ୍ୱବିଦ୍ୟାଳୟର ନୀଳରକ୍ତ କଙ୍କଡ଼ାର ଯୁବ ଗବେଷିକା ସୁଶ୍ରୀ ଉପାସନା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆମ ଦୁନିଆ ଅନୁଷ୍ଠାନର ମୁଖ୍ୟ ଗୋବିନ୍ଦ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାହାବଳପୁର ମୁହାଣର ମତ୍ସ୍ୟଜୀବୀ, ମତ୍ସ୍ୟ ବ୍ୟବସାୟୀ ତଥା କଷାଫଳ ସାମୁଦ୍ରିକ ଥାନା କର୍ମଚାରୀମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯିବା ସହ ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମର ମହିଳାମାନେ ଅତିଥି ତଥା ଗ୍ରାମବାସୀଙ୍କୁ ନୀଳରକ୍ତ କଙ୍କଡ଼ା ମୁଦ୍ରିତ ସୁନ୍ଦର ରାକ୍ଷି ପିନ୍ଧାଇ ସ୍ୱାଗତ କରିଥିଲେ। ଗୋପାଳ ମାଇତି, ଭବଶଙ୍କର ସାହୁ, ଭକ୍ତ ଚରଣ ଦାସ, ସପନ ଦାସ, ଗୋକୁଳାନନ୍ଦ ଦାସ ଓ ସଞ୍ଜୟ ମଣ୍ଡଳ ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ।





ମଞ୍ଚାସୀନ ଅତିଥି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

## ଦୁର୍ଘଟଣାରେ ଝିଅ ମୃତ, ମା'ପୁଅ ଗୁରୁତର ଘଟଣା

# ଜଟଣୀରୁ ମିଳିଲା ଥର୍

ଭୁବନେଶ୍ୱର,୧୦।୮ (ସତ୍ୟଜିତ୍ ରାଉତ)

ପାତ୍ରପଡ଼ା ପେଟ୍ରୋଲ ପମ୍ପ ନିକଟ ୧୬ ନମ୍ବର ଜତୀୟ ରାଜପଥରେ ଦୁର୍ଘଟଣା ଘଟାଇ ଜୀବନ ନେଇଥିବା ଥର୍ ଗାଡ଼ିକୁ ରବିବାର ଖଣ୍ଡଗିରି ପୋଲିସ ଜବତ କରିଛି। ଦୁର୍ଘଟଣା ପରେ ଚାଳକ ଜଟଣୀ ଥାନା ନିକଟରେ ଗାଡ଼ିକୁ ରଖି ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି ତାହାକୁ ଠାବ କରିଥିଲା। ତେବେ ଉକ୍ତ ଥର୍ ଗାଡ଼ିଟି ଜଟଣୀ କୁସୁମାଟି ଅଞ୍ଚଳର ଓ ଗାଡି ମାଲିକଙ୍କ ପୁଅ ଦୁର୍ଘଟଣା ଘଟାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ଖଣ୍ଡଗିରି ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଏହି ଦୁର୍ଘଟଣାରେ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ୮ ବର୍ଷୀୟା ଝିଅ ରେସମା ରାହୁଲଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ରେବତୀ ଓ ୨ ବର୍ଷର ପୁଅ ମାହି ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ରେବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

ଅପରପକ୍ଷରେ ରବିବାର ପୂର୍ବାହ୍ନରେ ଦୁର୍ଘଟଣା ଘଟିଥିବା ସ୍ଥାନରେ ଜାତୀୟ ରାଜପଥକୁ ଫୁଲେଶ୍ୱରୀ ବସ୍ତିବାସିନ୍ଦା ଅବରୋଧ କରିଥିଲେ। ମୃତାହତଙ୍କ ପରିବାର ଲୋକେ ଓ ବସ୍ତି ଲୋକମାନେ ଏକାଠି ହୋଇ ଟାୟାର ଜାଳି ପ୍ରତିବାଦ କରିଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଶତାଧିକ ଗାଡି ଅଟକି ରହିଥିଲା। ଆନ୍ଦୋଳନକାରୀମାନେ ଦୁର୍ଘଟଣାସ୍ଥଳରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି କରିଥିଲେ। ଜଣେ ମହିଳାଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ଘଟିଥିବା ସ୍ଥାନରେ ଫୁଟଓଭରବ୍ରିଜ୍ ହେବାର ଥିଲା। କିନ୍ତୁ କେତେଜଣଙ୍କ ସ୍ୱାର୍ଥ ପାଇଁ କିଛି ଦୂରରେ ଫୁଟ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ହେଲେ ସେଥିରେ କେହି ଯାଉନାହାନ୍ତି। ସେହିଭଳି ଦୁର୍ଘଟଣାସ୍ଥାନରେ ସୁରକ୍ଷା ପାଇଁ ଟ୍ରାଫିକ୍ କର୍ମଚାରୀ ମୁତୟନ କରାଯାଉ ବୋଲି ଲୋକମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ମୃତା ରେସମାଙ୍କ ମା' ରେବତୀଙ୍କ ଭାଇ ନନ୍ଦନକାନନ ଅଞ୍ଚଳରେ ଚାକିରି କରନ୍ତି। ଶନିବାର ସକାଳୁ ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କ ସହ ଯାଇଥିଲେ। ସେମାନେ ଏକ ବସ୍ ଯୋଗେ ଆସି ପାତ୍ରପଡାଠାରେ ଓହ୍ଲାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ରେବତୀ ପିଲାଦ୍ୱୟଙ୍କୁ ଧରି ନିଜ ଘର ଫୁଲେଶ୍ୱରୀ ବସ୍ତିକୁ ଯିବାପାଇଁ ରାଜପଥ ପାରହେଉଥିବାବେଳେ ରସୁଲଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଥର ଗାଡିଟି ସେମାନଙ୍କୁ ଧକ୍କାଦେଇଥିଲା।




ଜବତ ହୋଇଥିବା ନରହନ୍ତା ଥର୍ ଗାଡ଼ି ଓ ଜାତୀୟ ରାଜପଥ ଅବରୋଧ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

### ଜାତୀୟ ରାଜପଥ ଅବରୋଧ କଲେ ଫୁଲେଶ୍ୱରୀ ବାସିନ୍ଦା

# ଅଭିଯୁକ୍ତଙ୍କୁ ଗଛରେ ବାନ୍ଧିଲେ, ବାଇକ୍ ପୋଡ଼ିଦେଲେ

## ନାବାଳିକାଙ୍କୁ ଅସଦାଚରଣ

ସିମୁଳିଆ,୧୦।୮ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପକାଇବା ସହ ତାଙ୍କ ବାଇକ୍ ପୋଡ଼ି ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ନବମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ରବିବାର ଅପରାହ୍ନରେ ଟ୍ୟୁଶନରୁ ଫେରୁଥିଲେ। ଏହି ସମୟରେ ଖଇରା ବ୍ଲକ ଅନ୍ତରା ଅଞ୍ଚଳର ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କୁ ସ୍ଥାନୀୟ କେନାଲ ପାର୍ଶ୍ୱ ବଣ ମଧ୍ୟକୁ ଟାଣି ନେଇ ଅସଦାଚରଣ କରିଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି କେନାଲ ପାର୍ଶ୍ୱରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପକାଇବା ସହ ତାଙ୍କ ବାଇକ୍‌ଟିକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ଜଣେ ଗାଡ଼ି ଚାଳକ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।



ଗଛରେ ବନ୍ଧା ହୋଇଥିବା ଅଭିଯୁକ୍ତ।

# ୩ ଯୁବକ ଗିରଫ, ୨ ନାବାଳକ ଅଟକ

## ନାବାଳିକାଙ୍କୁ ଜଙ୍ଗଲରେ ଗଣବଳାତ୍କାର ଉଦ୍ୟମ

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

ଟ୍ୟୁଶନ ଯାଇଥିବା ଜଣେ କଲେଜ ଛାତ୍ରୀଙ୍କୁ ଉଠାଇନେଇ ଗଣବଳାତ୍କାର ଉଦ୍ୟମ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ରକ୍ଷାବନ୍ଧନ ଦିନ ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଜଙ୍ଗଲରେ ଗଣବଳାତ୍କାର ଉଦ୍ୟମ କରାଯିବା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୋଲିସ ୩ ଯୁବକଙ୍କୁ ଗିରଫ କରିଥିବାବେଳେ ୨ ନାବାଳକଙ୍କୁ ଅଟକ ରଖିଛି। ଏସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୩୨୪/୨୫) ରୁଜୁ ହୋଇଛି। ଗିରଫ ଯୁବକମାନେ ହେଲେ ଉଦଳା ଥାନା ଅଧୀନ ବୃନ୍ଦାଗଡ଼ି ଗ୍ରାମର ଗଣେଶ ଦ୍ୱିବେଦୀ(୩୨), ଜିତ୍‌ରାୟ ସୋରେନ(୪୫), ରୋହିତ ନାଏକ(୨୦)।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ୧୬ ବର୍ଷର ଜଣେ ନାବାଳିକା ତାଙ୍କ ୨ ନାବାଳକ ସାଙ୍ଗଙ୍କ ସହ ବୁଲିବାକୁ ଯାଇଥିଲେ। ଜଙ୍ଗଲ ନିକଟରେ ଜଣେ ନାବାଳକ ସାଙ୍ଗ ଶୌଚ ନିମନ୍ତେ ଯାଇଥିଲା ଅନ୍ୟ ଜଣେ ନାବାଳିକାଙ୍କ ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ସେଠାରେ ୩ ଯୁବକ ଗଣେଶ, ଜିତ୍‌ରାୟ ଓ ରୋହିତ ଆସି ପହଞ୍ଚିଥିଲେ। ସେମାନେ ନାବାଳିକାଙ୍କ ପାଖରେ ଛିଡ଼ା ହୋଇଥିବା ନାବାଳକଙ୍କୁ ଶୌଚ ନିମନ୍ତେ ଯାଇଥିବା ସାଙ୍ଗଙ୍କୁ ଖୋଜି ଆଣିବା ପାଇଁ ପଠାଇ ଦେଇଥିଲେ। ଏହାପରେ ଉକ୍ତ ୩ ଯୁବକ ନାବାଳିକାଙ୍କୁ ଏକୁଟିଆ ପାଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ କୌଶଳକ୍ରମେ ସେମାନଙ୍କୁ ଗୋଇଠା ମାରି ସେଠାରୁ ଖସି ପଳାଇ ଆସିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କ ସହ ଥିବା ୨ ନାବାଳକ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

### ସମ୍ପତ୍ତି ପାଇଁ ମାଡ଼ ମରାଯାଇଥିବା ଝିଅଙ୍କ ଅଭିଯୋଗ

ଆସିକା,୧୦।୮ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଗଙ୍ଗାପୁର ପଞ୍ଚାୟତ ଦନ୍ତାରିବଗଡ଼ ଗ୍ରାମର ଜଣେ ବୃଦ୍ଧାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଉଦୟ ଗୌଡ଼ଙ୍କ ସ୍ତ୍ରୀ ଲକ୍ଷ୍ମୀ ଗୌଡ (୭୫)। ଶନିବାର ରାତିରେ ମା'ଙ୍କୁ ଭାଇ, ଭାଉଜ ମାଡ଼ ମାରିଥିବା ଲକ୍ଷ୍ମୀଙ୍କ ଝିଅ ଲିଲି ତାରିଣୀ ଆସିକା ଥାନାରେ ଅଭିଯୋଗ କରଛନ୍ତି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ରବିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଲକ୍ଷ୍ମୀଙ୍କ ପରିବାରରେ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ସବୁବେଳେ ଝଗଡ଼ା ଲାଗି ରହୁଥିଲା। ଶନିବାର ରାତିରେ ମଧ୍ୟ ପୁଅବୋହୂଙ୍କ ସହ ଲକ୍ଷ୍ମୀଙ୍କ ଯୁକ୍ତିତର୍କ ହୋଇଥିଲା। ବିଳମ୍ବିତ ରାତିରେ ଲକ୍ଷ୍ମୀ ଘର ଭିତରେ ଝାଡାବାନ୍ତି ହୋଇ ମୁମୂର୍ଷୁ ଅବସ୍ଥାରେ ପଡିଥିବା ବେଳେ ପରିବାର ଲୋକେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଲକ୍ଷ୍ମୀଙ୍କ ଝିଅଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୫/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ମାସ୍କ ପିନ୍ଧି ଆସିଲେ, ଯୁବତୀଙ୍କୁ ଉଠାଇନେଲେ

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

ବଜାରକୁ ମା'ବାପାଙ୍କ ସହିତ ଷ୍ଟେଶନେରି ସାମଗ୍ରୀ କିଣିବାକୁ ଯାଇଥିବା ଜଣେ ଯୁବତୀଙ୍କୁ ମାସ୍କପିନ୍ଧା ୪ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ବଜାରରେ।

ସୂଚନା ଅନୁଯାୟୀ, କପ୍ତିପଦା ଥାନା ସୁଡସୁଡ଼ିଆ ଗ୍ରାମର ଜଣେ ଯୁବତୀ ତାଙ୍କ ମା'ବାପାଙ୍କ ସହିତ ଶୁକ୍ରବାର ବଜାରକୁ ଷ୍ଟେଶନେରି ସାମଗ୍ରୀ କିଣିବାକୁ ଯାଇଥିଲେ। ଦୋକାନରେ ମା'ବାପା ସାମଗ୍ରୀ କିଣୁଥିବା ସମୟରେ ଯୁବତୀ ଜଣକ ଦୋକାନ ବାହାରକୁ ଆସିଥିଲେ। ଏହି ସମୟରେ ୪ ଯୁବକ ମୁହଁରେ ମାସ୍କ ପିନ୍ଧି ଆସି ଉକ୍ତ ଯୁବତୀଙ୍କୁ ଜୋରଜବରଦସ୍ତ ଉଠାଇ ନେଇଥିଲେ। ଯୁବତୀଙ୍କ ବାପା ପାଟି କରିବାରୁ ଯୁବକମାନେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ପଳାଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ନିଖୋଜ ମାମଲା(ନଂ.୩୫/୨୫) ରୁଜୁ କରିଥିବାବେଳେ ଅଭିଯୁକ୍ତମାନଙ୍କ ଟେର୍ ପାଇପାରିନାହିଁ। ତେବେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ କରିବା ବଦଳରେ ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଥିବା ନେଇ ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି। ଏନେଇ କପ୍ତିପଦା ଏସ୍‌ଡିପିଓ ହୃଷୀକେଶ ନାୟକଙ୍କୁ ପଚାରିବାରୁ ଅପହୃତା ଯୁବତୀଙ୍କ ବୟସ ୨୦ ବର୍ଷ ହୋଇଥିବାରୁ ନିଖୋଜ ମାମଲା ରୁଜୁ ହୋଇଛି ଓ ଖୁବ୍‌ଶୀଘ୍ର ତାଙ୍କୁ ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି।

# ୩ ମାଓବାଦୀ ଗିରଫ



ମାଲକାନଗିରି,୧୦।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ଲକ୍ଷ ପୁରସ୍କାର ଘୋଷିତ ୩ଜଣ ମାଓବାଦୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ସୋଡି ନନ୍ଦୁ, ପୁନେମ କୋସା ଓ ମଡକମ ପୋଦିୟା।

ଜଗରଗୁଣ୍ଡା ଥାନା ଅଞ୍ଚଳରେ ୧୫୦ ବାହିନୀ ସିଆରପିଏଫ୍ ବାହିନୀ ଅଲିଗୁଡେମ ଓ ଜୋନାଗୁଡା ଓ ଆଖପାଖ ଅଞ୍ଚଳରେ କୋମ୍ବିଂ କରୁଥିଲେ। ସେହି ସମୟରେ ଉକ୍ତ ୨ ଗ୍ରାମ ନିକଟରେ ୩ଜଣ ମାଓବାଦୀଙ୍କୁ ଗିରଫ କରିଥିଲେ। ଏମାନେ ଜଗରଗୁଣ୍ଡା ଥାନାରେ ଆଇଇଡି ବିସ୍ଫୋରଣରେ ସାମିଲ ଥିବା ତଦନ୍ତରୁ ଜଣାପଡିଛି। ତେବେ ଏହି ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂତ୍ରରୁ ପ୍ରକାଶ।

## Business

# ଓଡ଼ିଶାର ଅଭିବୃଦ୍ଧିରେ ଉଦ୍ୟୋଗୀଙ୍କ ଯୋଗଦାନ ଉଲ୍ଲେଖନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୮ (ଅଭୟ ଦାଶ)

ଓଡ଼ିଶା ସରକାରଙ୍କ ସହଯୋଗିତାରେ ଟାଇ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଦୁଇଦିନିଆ ଜାତୀୟ ଉଦ୍ୟୋଗିକତା ସମ୍ମିଳନୀ 'ଟାଇକନ୍ ଭୁବନେଶ୍ୱର-୨୦୨୫' ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଓଡ଼ିଶାର ଅଭିବୃଦ୍ଧିରେ ଉଦ୍ୟୋଗୀମାନଙ୍କ ଯୋଗଦାନ ଉଲ୍ଲେଖନୀୟ। ଏପରିକି ଏକ ଅଗ୍ରଣୀ ଉଦ୍ଭାବନ କେନ୍ଦ୍ର ଭାବେ ଓଡ଼ିଶାର ଉତ୍ଥାନକୁ ଆଲୋକିତ କରି ମୁଖ୍ୟମନ୍ତ୍ରୀ ମାଝୀ ରାଜ୍ୟର ଅଭିବୃଦ୍ଧି ଯାତ୍ରାରେ ସହଯୋଗୀ ହେବା ପାଇଁ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରିତ କରିଥିଲେ। ସେହିଭଳି ଗ୍ଲୋବାଲ କାପାବିଲିଟି ସେଣ୍ଟର୍ସ (ଜିସିସି), ଚିପ ଡିଜାଇନ, ବ୍ଲକଚେନ ଓ ଏଆଇ ରିସର୍ଚ୍ଚ କ୍ଷେତ୍ରରେ ରାଜ୍ୟର ନେତୃତ୍ୱକୁ ଉଲ୍ଲେଖ କରି ସେ କହିଥିଲେ, ଆପଣମାନେ ଥରେ ଏଠାକୁ ଆସିବା ପରେ, ଏହା ଆପଣଙ୍କର ୨ୟ ଘର ଭଳି ଅନୁଭବ ହେବ। ଏପରିକି ମିଳିତ ଭାବେ ଆମେ ଓଡ଼ିଶାକୁ ପୂର୍ବ ଭାରତର ଉଦ୍ୟୋଗ ରାଜଧାନୀରେ ପରିଣତ କରିପାରିବା। ଏଥିସହିତ ସେ କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ସହରକୁ ନୂଆ ଡିଜିଟାଲ ହବ୍ ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଏହା ଭିଜନ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ ୨୦୪୭ ସହ ସମନ୍ୱିତ ରହିଛି। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏଆଇ ଗ୍ରହଣୀୟତା କ୍ଷେତ୍ରରେ ଓଡ଼ିଶାର ଅଗ୍ରଗାମୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଏହାର ନିଜସ୍ୱ ଏଆଇ ନୀତି ସହିତ ଓ ୨୦୨୫-୨୬ ବଜେଟରେ ଓଡ଼ିଶା ଏଆଇ ମିଶନ ପାଇଁ ୨୫ କୋଟି ଟଙ୍କାର ଆବଣ୍ଟନ କରିଥିବା ପ୍ରଥମ ରାଜ୍ୟରେ ପରିଣତ ହୋଇଛି। ସେ କୋରାପୁଟରେ ଏଆଇ-ଆଧାରିତ କଫି ଚାଷର ତଦାରଖ ଏବଂ ଶିଶୁ କୁପୋଷଣ, ମାତୃ ମୃତ୍ୟୁହାର (ଏମଏମଆର) ଓ ଶିଶୁ ମୃତ୍ୟୁହାର ଭଳି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପ୍ରଗତିକୁ ଟ୍ରାକ୍ କରିବା ପାଇଁ ଆଗାମୀ ଏଆଇ-ଭିତ୍ତିକ ପ୍ରକଳ୍ପ ସମେତ କୃଷି ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଆଇର ପ୍ରୟୋଗଗୁଡ଼ିକୁ ଉଲ୍ଲେଖ କରିଥିଲେ। ଏଥିସହିତ ଓଡ଼ିଶା ସେମିକଣ୍ଡକ୍ଟର ପଲିସି ଏବଂ ଭୁବନେଶ୍ୱରରେ ଏକ ଫିନଟେକ ସେଣ୍ଟର ସ୍ଥାପନ କରିବା ପାଇଁ ସ୍ୱାକ୍ଷରିତ ହୋଇଥିବା ଏମଓୟୁଗୁଡ଼ିକ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ।

ଏହି ପରିପ୍ରେକ୍ଷୀରେ ଏକାଧିକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଯେଉଁଥିରେ ରିସର୍ଚ୍ଚ, ପାଇଲଟ ପ୍ରୋଜେକ୍ଟ, ଟେକ୍ କୋର ଡେଭ୍‌ଲପମେଣ୍ଟ, ପଲିସି ଇନ୍‌ପୁଟ୍‌ସ ଓ ଇନୋଭେଶନ ଇକୋସିଷ୍ଟମ ବିଲ୍ଡିଂ କ୍ଷେତ୍ରରେ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ସହଭାଗିତା, ଓ-ଚିପ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଓକାକ୍ ଓ ଏସ୍‌ଏଫଏଏଲ (ସେମିକଣ୍ଡକ୍ଟର ଫାବ୍‌ଲେସ୍ ଆକ୍‌ସିଲରେଟର ଲାବ) ମଧ୍ୟରେ ସହଭାଗିତା, ବୈଷୟିକ ସହଭାଗିତା ପାଇଁ ଇଏସସି ଓଡ଼ିଶା ଓ ହିଟାଚି ଏମଜିଆରଏମ ମଧ୍ୟରେ ନଲେଜ ପାର୍ଟନରଶିପ ଏବଂ ଷ୍ଟାର୍ଟଅପ ସପୋର୍ଟ ନେଟ୍‌ୱର୍କଗୁଡ଼ିକୁ ମଜଭୁତ କରିବା ପାଇଁ ଟାଇ ଭୁବନେଶ୍ୱର ଓ ଇନ୍‌କ୍ୟୁବେଶନ ସେଣ୍ଟରଗୁଡ଼ିକ ମଧ୍ୟରେ ସହଭାଗିତା ଆଦି ଅନ୍ତର୍ଭୁକ୍ତ ରହିଛି।

ଏହିଅବସରରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି କହିଥିଲେ, ଏହି ସମ୍ମିଳନୀ ଓଡ଼ିଶାର କ୍ଷମତାକୁ ପ୍ରଦର୍ଶିତ କରିଛି ଏବଂ ଅନ୍ତର୍ଜାତୀୟ ସହଭାଗିତା ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ସମ୍ମିଳନୀରେ ବିବିଧ ଅଂଶଗ୍ରହଣ ଏକ ଉଲ୍ଲେଖନୀୟ ଉଦ୍ଭାବନ କେନ୍ଦ୍ର ଭାବେ ଭୁବନେଶ୍ୱରର ସ୍ଥିତିକୁ ସୁଦୃଢ଼ କରିଛି।




ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ,ସାଂସଦ ରବି ନାରାୟଣ ବେହେରା,ସାଂସଦ ସୁଜିତ କୁମାର, ଆଇଟି ସଚିବ ବିଶାଲ କୁମାର ଦେବ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଟାଇ ଗ୍ଲୋବାଲର ଅଧ୍ୟକ୍ଷ ମୁରଲୀ ବୁକ୍କାପଟନମ, ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଅଛନ୍ତି।

# ବିଦ୍ୟା ବଲାନ ଭାସ୍‌ମଲର ବ୍ରାଣ୍ଡ୍ ଆମ୍ବାସାଡ଼ର

ଭୁବନେଶ୍ୱର,୧୦।୮

ବଲିଉଡ ଅଭିନେତ୍ରୀ ବିଦ୍ୟା ବଲାନଙ୍କୁ ହେୟାର କଲର ବ୍ରାଣ୍ଡ୍ ଭାସ୍‌ମଲ ତା'ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏପରିକି ବିଦ୍ୟା ବଲାନ୍‌ଙ୍କ ସହ ଭାସମଲ ହେନ୍ନା କ୍ରିମ ହେୟାର କଲରର ଏକ ନୂତନ ଟେଲିଭିଜନ କମର୍ସିଆଲ (ଟିଭିସି)ର ଶୁଭାରମ୍ଭ କରିଛି। କମ୍ପାନୀର ଏହି ବିଜ୍ଞାପନଭିତ୍ତିକ ଟିଭିସିଟି ସମସ୍ତ ମୌଳିକ ସୌନ୍ଦର୍ଯ୍ୟକାରିତା ଓ ପାରମ୍ପରିକତା ତଥା ସହଯୋଗୀ କାହାଣୀକୁ ବିସ୍ତୃତ ଭାବେ ଆବଦ୍ଧ କରିପାରିଛି। ବିଶେଷ କରି ଏହା ହେନ୍ନାର ପ୍ରାକୃତିକ ଉପକାରିତାର ସହଜ କ୍ରିମ ଫର୍ମାଟ ଉପରେ ଆଲୋକପାତ କରିବା ସହିତ ଐତିହ୍ୟ ଏବଂ ନବୀନତାର ଭାବପ୍ରବଣ ମହକତା ପ୍ରଦାନ କରିଛି। ଏହି ଅଭିଯାନର ବାର୍ତ୍ତାଗୁଡ଼ିକ ପ୍ରତ୍ୟେକ ମହିଳାଙ୍କ ସଶକ୍ତୀକରଣର ଆବେଗତାକୁ ଧରି ରଖିବା ସହିତ ଯଥାର୍ଥରେ 'ସୁରକ୍ଷିତ ରହେ ମେରେ ବାଲ' କହିବା ସହିତ ଏଥିରେ ଦୂର ଅବଧିର ବିଶ୍ୱସନୀୟତାକୁ ଯୋଡ଼ି ପାରିଛି। ଏ ସମ୍ପର୍କରେ ଏଚଆରଆଇପିଏଲର ଏମ୍‌ଡି ତଥା ସିଇଓ ଧୀରଜ ଅରୋରା କହିଛନ୍ତି, ଭାସମଲର ଜୟଯାତ୍ରାରେ ଆମର ବ୍ରାଣ୍ଡ-ପ୍ରତିଷ୍ଠା ପାଇଁ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। ଏହା ଜରିଆରେ ଆମର ରହିଥିବା ବିସ୍ତାରିତ ରଣନୀତିକୁ ଅଧିକ ଶକ୍ତିଶାଳୀ କରିବା ଦିଗରେ ବେଶ୍ ସହାୟକ ହେବ। ଆଞ୍ଚଳିକତାର ବିଭିନ୍ନ ଦିଗକୁ ପ୍ରତିଫଳିତ କରିବା ସଙ୍ଗେ ସଙ୍ଗେ ଏହା ଏକ ଜାତୀୟ ପ୍ରାସଙ୍ଗିକତାକୁ ଗୌରାବନ୍ୱିତ କରିପାରିଛି।



# ଇଣ୍ଡସ ସହ ଫୋନ୍‌ପେର ସହଭାଗିତା

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ୍‌ସ ଆଣ୍ଡ ଆର୍ଥିକ ସେବା ପ୍ରଦାନକାରୀ ପ୍ଲାଟଫର୍ମ ଫୋନ୍‌ପେ ଏବଂ ଇଣ୍ଡସ ମଧ୍ୟରେ ସହଭାଗିତା ହୋଇଛି। ଏପରିକି ଇଣ୍ଡସ୍ ଆପ ଷ୍ଟୋର ପକ୍ଷରୁ ଆଲକାଟେଲ୍ ସହ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଦୀର୍ଘମିଆଦୀ ଭାଗୀଦାରି ଅନ୍ତର୍ଗତ ଇଣ୍ଡସ୍ ଆପ ଷ୍ଟୋର ଭାରତର ସମସ୍ତ ଆଲକାଟେଲ୍ ସ୍ମାର୍ଟଫୋନରେ ଏକ ପ୍ରି-ଇନ୍‌ଷ୍ଟଲ୍ ଆପ୍ ଷ୍ଟୋର ଭାବେ ଉପଲବ୍ଧ ହେବ। ଫୋନପେ ସହ ଇଣ୍ଡସ୍ ଆପଷ୍ଟୋରର ୪୫ ବିଭାଗରେ ଯାଞ୍ଚ ହୋଇଥିବା ମୋବାଇଲ୍ ଆପ୍ ଏବଂ ଗେମ୍ସର ଏକ ବିଶାଳ ସଂଗ୍ରହ ରହିଛି। ଏହା ୧୨ଟି ଭାରତୀୟ ଭାଷାକୁ ସମର୍ଥନ ଏବଂ ୧୦ଟି ଆଞ୍ଚଳିକ ଭାଷାରେ ଭଏସ୍ ସର୍ଚ୍ଚ ସୁବିଧା ଦେଉଛି। ଅପରପକ୍ଷରେ ଏହା ଏକ ଭିଡିଓ ଆଧାରିତ ଆପ୍ ଅନ୍ୱେଷଣ ଅନୁଭୂତି ପ୍ରଦାନ କରଛି। ଯାହା ବ୍ୟବହାରକାରୀଙ୍କୁ ଡାଉନଲୋଡ୍ କରିବା ପୂର୍ବରୁ ଆପ୍‌ଗୁଡ଼ିକୁ ପ୍ରିଭ୍ୟୁ କରିବାର ସୁଯୋଗ ଦେଉଛି। ସେହିଭଳି ଅନ୍ତର୍ଜାତୀୟ ବଜାରରେ 'ଆଲକାଟେଲ୍' ବ୍ରାଣ୍ଡକୁ ପ୍ରତିନିଧିତ୍ୱ ଏବଂ ପରିଚାଳନା କରିବା ପାଇଁ ଟିସିଏଲ୍‌ଠାରୁ ଏନଏକ୍ସଟି ସେଲ୍ ଇଣ୍ଡିଆ ସ୍ୱତନ୍ତ୍ର ଅଧିକାର ପାଇଛି। ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ସହିତ ସମନ୍ୱିତ ହୋଇ ଭାରତୀୟ ଉପଯୋଗକାରୀ ଏବଂ ଡେଭଲପରମାନଙ୍କୁ ସଶକ୍ତ କରୁଥିବା ସ୍ଥାନୀୟ ପ୍ରଯୁକ୍ତି ସମାଧାନକୁ ସମନ୍ୱିତ କରିବାରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଇଣ୍ଡସ୍ ଆପଷ୍ଟୋର ଭାରତରେ ଶୁଭାରମ୍ଭ ହେବା ପରେ ଶୀଘ୍ର ଆଲକାଟେଲ୍ ସହିତ ହାତ ମିଳାଇଥିଲା। ଇଣ୍ଡସ୍ ଆପଷ୍ଟୋରର ମୁଖ୍ୟ ବ୍ୟବସାୟିକ ଅଧିକାରୀ ପ୍ରିୟା ଏମ୍. ନରସିଂହନ କହିଛନ୍ତି, ଆମେ ଆଲକାଟେଲ୍ ସହିତ ଭାରତରେ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଡ଼ି ହୋଇଥିବାରୁ ଖୁସି ଅଛୁ। ଏନ୍‌ଏକ୍ସଟିସେଲ୍ ଇଣ୍ଡିଆର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଆତୁଲ୍ ବିବେକ୍ କହିଛନ୍ତି,ଯେତେବେଳେ ଆମେ ଆଲକାଟେଲ୍ ସ୍ମାର୍ଟଫୋନଗୁଡ଼ିକୁ ଭାରତୀୟ ବଜାରରେ ପୁନର୍ବାର ଆଣିବାକୁ ପ୍ରସ୍ତୁତ ହେଉଛୁ।

# କସିଓକୁ ୩ ମିଲିୟନ ଡଲାରର ସିଡ୍ ଫଣ୍ଡିଙ୍ଗ

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପରିଚାଳିତ ଭିଡିଓ ଟେଲିମାଟ୍ରିକ୍ସ ଷ୍ଟାର୍ଟଅପ 'କସିଓ'କୁ ନିକଟରେ ୩ ମିଲିୟନ ଡଲାରର ସିଡ୍ ଫଣ୍ଡିଂ ମିଳିଛି। ଏପରିକି ଚଳିତ ବର୍ଷ ଏପ୍ରିଲରେ କମ୍ପାନୀ ଏହାର ବିଦ୍ୟମାନ ରାଉଣ୍ଡର ଅଂଶ ଭାବେ ୧.୨ ମିଲିୟନ ଡଲାରର ପାଣ୍ଠି ହାସଲ କରିଥିବା ଘୋଷଣା କରିଥିଲା। ସେହିଭଳି ଏହି ପାଣ୍ଠିକୁ କସିଓର ଗବେଷଣା ଓ ବିକାଶର ବିସ୍ତାର ସହିତ ଏହାର ଏଆଇ କ୍ଷମତାଗୁଡ଼ିକୁ ଉନ୍ନତ କରିବା ଏବଂ ଭାରତର ଫ୍ଲିଟ ଅପରେଟର, ଇଣ୍ଟରସିଟି ଓ ଇନ୍‌ଟ୍ରାସିଟି ବସ୍ ଅପରେଟର ଏବଂ ସ୍କୁଲ ଟ୍ରାନ୍ସପୋର୍ଟ ନେଟ୍‌ୱର୍କଗୁଡ଼ିରେ ପ୍ଲାଟଫର୍ମର ଉପସ୍ଥିତିକୁ ବୃଦ୍ଧି କରିବା ପାଇଁ ବ୍ୟବହାର କରାଯିବ। କମ୍ପାନୀ ଏହାର ଅନ୍-ଗ୍ରାଉଣ୍ଡ ଇନ୍‌ଷ୍ଟଲେଶନ ଓ ସର୍ଭିସିଂ କ୍ଷମତାକୁ ମଜଭୁତ କରିବା ପାଇଁ ମଧ୍ୟ ଯୋଜନା ରଖିଛି, ଯାହା ଫ୍ଲିଟଗୁଡ଼ିକ ପାଇଁ ସୁଗମ ଗ୍ରହଣକୁ ନିଶ୍ଚିତ କରିବ। ଏ ସମ୍ପର୍କରେ କସିଓର ସହପ୍ରତିଷ୍ଠାତା ତଥା ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଆମେ ଏଭଳି ଏକ ଟେକ୍ନୋଲୋଜି ନିର୍ମାଣ କରୁଛୁ, ଯାହା ସୁରକ୍ଷାକୁ ଦୃଶ୍ୟମାନ ଓ କାର୍ଯ୍ୟକ୍ଷମ କରିଥାଏ। ଆମେ ପଠାଉଥିବା ପ୍ରତ୍ୟେକ ଆଲର୍ଟ ଦୁର୍ଘଟଣା ରୋକିବା, ପରିବାରକୁ ସୁରକ୍ଷିତ ରଖିବା ଓ ଜୀବନ ବଞ୍ଚାଇବା ପାଇଁ ସୁଯୋଗ ଦେଇଥାଏ। ସେହିପରି କସିଓର ସହପ୍ରତିଷ୍ଠାତା ତଥା ସିଟିଓ ପ୍ରାଲ କହିଛନ୍ତି, ଏହି ନୂଆ ନିବେଶ ଆମକୁ ଆମର ଟେକ୍ନୋଲୋଜିକୁ ସୁଦୃଢ଼ କରିବା ସହିତ ଆମର ଟିମକୁ ବୃଦ୍ଧି କରିବା ଏବଂ ଉପସ୍ଥିତି ବିସ୍ତାର କରିବାକୁ ଆମକୁ ଅନୁମତି ଦେଉଛି, ଯାହା ସଡକ ସୁରକ୍ଷା ବ୍ୟତିକ୍ରମ ନୁହେଁ ବରଂ ନିୟମରେ ପରିଣତ ହୋଇଛି ବୋଲି ନିଶ୍ଚିତ କରୁଛି।

# ୧୩ରେ ଜୟଆଲୁକ୍କାସର କଟକ ଷ୍ଟୋର ଉଦ୍‌ଘାଟନୀ ଉତ୍ସବ

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ'ର ସମ୍ପ୍ରସାରଣ ସହିତ ଓଡ଼ିଶା ବଜାରରେ ନୂତନ ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କଟକ ବଜାରରେ ଜୟଆଲୁକ୍କାସର ପ୍ରଥମ ତଥା ଏକ୍ସକ୍ଲୁସିଭ ଶୋ'ରୁମ୍ ଚଳିତ ମାସ ୧୩ ତାରିଖ ସନ୍ଧ୍ୟା ୫ଘଟିକାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବାକୁ ଯାଉଛି। ଅଗଷ୍ଟ ୧୩ରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଘାଟନୀ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଏହି ବିଶେଷ ଶୁଭାରମ୍ଭକୁ ଆକର୍ଷଣୀୟ କରିବା ପାଇଁ ଜୟଆଲୁକ୍କାସ ପକ୍ଷରୁ ଡାଇମଣ୍ଡ ଏବଂ ଅନକଟ ଡାଇମଣ୍ଡ ଅଳଙ୍କାର ଉପରେ ୨୫% ରିହାତି ଦିଆଯାଉଛି। ଏପରିକି ୧,୦୦,୦୦୦ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନର ଅଳଙ୍କାର ଉପରେ ୫ ଗ୍ରାମ୍ ରୁପା ବାର ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ପ୍ରତ୍ୟେକ କ୍ରେତା କେବଳ ଅଫର ଅବଧି ମଧ୍ୟରେ ପ୍ରତ୍ୟେକ କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ।

ଏ ନେଇ ଜୟଆଲୁକ୍କାସ ଗ୍ରୁପର ଅଧ୍ୟକ୍ଷ ଡ. ଜୟଆଲୁକ୍କାସ କହିଛନ୍ତି, କଟକ ବଜାରକୁ ଜୟଆଲୁକ୍କାସ୍‌କୁ ଆଣି ଆମେ ବହୁତ ଖୁସି ଅଛୁ। ଏହା ଏକ ପରମ୍ପରାରେ ପରିପୂର୍ଣ୍ଣ ସହର ଏବଂ ସୂକ୍ଷ୍ମ କାରିଗରୀର ଆଦର ପାଇଁ ବେଶ ଜଣାଶୁଣା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଆମେ କେବଳ ଅସାଧାରଣ ଅଳଙ୍କାରର ଅଫର ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ତାହା ନୁହେଁ, ବରଂ ଗ୍ରାହକମାନେ ଏହାକୁ ଅଧିକ ଭାବେ ପସନ୍ଦ କରିବେ ବୋଲି ଆମର ବିଶ୍ୱାସ ରହିଛି। ଏହି ଶୁଭାରମ୍ଭ ଉତ୍ସବରେ ଆମ ସହ ଯୋଗ ଦିଅନ୍ତୁ ଏବଂ ସପିଂର ଆନନ୍ଦ ନେବା ପାଇଁ ଆମେ ସମସ୍ତଙ୍କୁ ଆନ୍ତରିକତାର ସହ ସ୍ୱାଗତ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଯୋଜନାବଦ୍ଧ ଭାବେ ଅବସ୍ଥିତ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଡିଜାଇନ୍ ହୋଇଥିବା ଏହି ନୂତନ ଶୋ'ରୁମ୍ ମିଲେନିୟମ୍ ସିଟିରେ ଏକ ବିଶ୍ୱସ୍ତରୀୟ ଏବଂ ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ଆଣିଛି।

Joyalukkas
World's favourite jeweller

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................



ମୁବସ୍ୱର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ଜିତିଲା ୧୪ ପଦକ

ବ୍ୟାଙ୍କକ୍‌, ୧୦।୮ (ପି.ଟି.)

ମହିଳା ବକ୍ସର ନିଶା ଓ ମୁସ୍କାନ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍‌ ଏସିଆନ ବକ୍ସିଂ ଚାମ୍ପିୟନଶିପରେ ରବିବାର ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ବିଭାଗରେ ରାହୁଲ କୁଣ୍ଡୁ ପୋଡିୟମ ଶୀର୍ଷରେ ରହିଛନ୍ତି। ଫଳରେ ଭାରତ ୧୪ ପଦକ ସହ ଏହାର ଅଭିଯାନ ଶେଷ କରିଛି। ୩ ସ୍ୱର୍ଣ୍ଣ ବ୍ୟତୀତ ଭାରତ ୭ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଲାଭ କରିଛି।

### ଏସିଆନ ୧୯ବର୍ଷରୁ କମ୍‌ ବକ୍ସିଂ

୧୯ବର୍ଷରୁ କମ୍‌ କାଟେଗୋରିରେ ଭାଗ ନେଇଥିବା ଭାରତର ୧୦ମହିଳା ବକ୍ସରଙ୍କ ମଧ୍ୟରୁ ୯ଜଣ ପଦକ ସହ ଫେରିବେ। ତନ୍ମଧ୍ୟରେ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ରହିଛି। ଚାମ୍ପିୟନଶିପ୍‌ରେ ଭାରତୀୟଙ୍କୁ କାଜାଖସ୍ତାନ, ଉଜ୍‌ବେକିସ୍ତାନ ଓ ଚାଇନା ସମେତ ଅନ୍ୟ ଦେଶର ବକ୍ସରମାନଙ୍କ ସହ ମୁକାବିଲା କରିବାକୁ ପଡ଼ିଥିଲା। ୫୪ କେଜି କାଟେଗୋରିର ନିଶା ଚାଇନାର ସିରୁଇ ୟାଙ୍ଗଙ୍କ ବିପକ୍ଷ ତୃତୀୟ ଓ ଫାଇନାଲ ରାଉଣ୍ଡରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ରେକର୍ଡ ୪:୧ରେ ବିଜୟ ଲାଭ କରିଥିବା ବେଳେ ମୁସ୍କାନ (୫୭କେଜି) ଆକ୍ରମଣାତ୍ମକ



ପଦକ ବିଜୟୀ ଭାରତୀୟ ବକ୍ସର।

ଲଢ଼େଇ ସହ କାଜାଖସ୍ତାନର ଆୟାଝାନ ଏର୍ମେକଙ୍କୁ ଏକ ୩:୨ ବିଭାଜିତ ରାୟରେ ହରାଇ ଦେଇଛନ୍ତି। ଆରତୀ କୁମାରୀ (୭୫କେଜି) ଚାଇନାର ଟଙ୍ଗଟଙ୍ଗ୍‌ ଗୁ'ଙ୍କଠାରୁ ହାରିଯାଇଥିବା ବେଳେ କ୍ରତିକା ୱାସନ (୮୦କେଜି) କାଜାଖସ୍ତାନର କୁରାଲେ ୟେଜିନ୍‌ବେକିଜି ନିକଟରୁ ୨:୩ରେ ପରାଜିତ ହୋଇଥିଲେ। ପାର୍ଥି ଟୋକାସ (୮୦+କେଜି) ସମାନ ବ୍ୟବଧାନରେ ଉଜ୍‌ବେକିସ୍ତାନର ସୋବିରାଖୋନ୍‌ ଶାଖୋବିଦିନୋଭାଙ୍କ ବିପକ୍ଷ ମୁକାବିଲାରେ ହାରିଯାଇଛନ୍ତି। ୬୦କେଜି ଫାଇନାଲରେ ଭିନି ଉଜବେକିସ୍ତାନର ସେଭାରା ମାମାତୋଭାଙ୍କଠାରୁ ହାରିଯାଇଥିବା ବେଳେ ୬୫କେଜି ଟାଇଟଲ ମୁକାବିଲାରେ ନିଶାଙ୍କୁ ଜାପାନର ଆରିହ୍ନା ଆକିମୋତୋ ୪:୧ରେ ପରାସ୍ତ କରିଛନ୍ତି। ୟାଶିକା (୫୧କେଜି), ଆକାଂକ୍ଷା ଫଲାସ୍ୱାଲ (୭୦କେଜି) ଗୋଟିଏ ଲେଖାଏ ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ୭୫କେଜି କାଟେଗୋରିରେ ରାହୁଲ କୁଣ୍ଡୁ ଉଜ୍‌ବେକିସ୍ତାନର ମହମ୍ମଦଜନ୍‌ ୟାକୁପ୍‌ବୋଏଭେଭଙ୍କୁ ବିଭାଜିତ ନିଷ୍ପତ୍ତିରେ ୪:୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମୌସମ ସୁହାଗ ୬୫କେଜି ଶ୍ରେଣୀରେ ଉଜବେକିସ୍ତାନ ଜାଖୋନ୍‌ଗିର ଜେନିଦିନୋଭଙ୍କଠାରୁ ହାରିଯାଇଥିବା ବେଳେ ହେମନ୍ତ ସାଙ୍ଗୱାନ କାଜାଖସ୍ତାନର ରସୁଲ ଆସାନଖାନୋଭଙ୍କଠାରୁ ପରାଜିତ ହୋଇଯାଇଛନ୍ତି। ଶିବମ (୫୫କେଜି) ଓ ଗୌରବ (୮୫କେଜି) ପ୍ରତ୍ୟେକ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପାଇଥିଲେ। ୧୯ବର୍ଷରୁ କମ୍‌ ଓ ୨୨ବର୍ଷରୁ କମ୍‌ ଏହି ମହାଦେଶୀୟ ଇଭେଣ୍ଟ ପାଇଁ ଭାରତ ୪୦ ଜଣିଆ ଦଳ ପଠାଇଛି।

## ମସ୍ତିଷ୍କରେ ଆଘାତ: ଦୁଇ ଜାପାନିଜ ବକ୍ସରଙ୍କ ମୃତ୍ୟୁ

**ଟୋକିଓ, ୧୦।୮ (ଏପି):** ଦୁଇଟି ଭିନ୍ନ ଭିନ୍ନ ବାଉଟ୍‌ରେ ମସ୍ତିଷ୍କରେ ଆଘାତ ଲାଗିବା କାରଣରୁ ଦୁଇ ଜାପାନିଜ ବକ୍ସରଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ କୋରାକୁଏନ ହଲରେ ଗତ ୨ ତାରିଖରେ ଅନୁଷ୍ଠିତ ଓରିଏଣ୍ଟାଲ ଓ ପାସିଫିକ୍‌ ବକ୍ସିଂ ଫେଡେରେଶନ ଜୁନିୟର ଲାଇଟ୍‌ୱେଟ୍‌ ଚାମ୍ପିୟନ ୟମାତୋ ହାଟାଙ୍କ ବିପକ୍ଷ ୧୨ ରାଉଣ୍ଡ ବିଶିଷ୍ଟ ମୁକାବିଲା ପରେ ୨୮ ବର୍ଷୀୟ ଶିଗେତୋଷୀ କୋଟାରି ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ମସ୍ତିଷ୍କରେ ଲାଗିଥିବା ଆଘାତ ଯୋଗୁ ତାଙ୍କ ମସ୍ତିଷ୍କ ଓ ହାଡ଼ ମଧ୍ୟରେ ରକ୍ତ ଜମାଟ ବାନ୍ଧିଥିଲା। ତାଙ୍କର ତୁରନ୍ତ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା ହେଲେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ୟୋଜି ସାଇଟୋ ବିପକ୍ଷ ମୁକାବିଲାରେ ୨୮ ବର୍ଷୀୟ ହିରୋମାସା ଉରାକାୱା ନକ୍‌ଆଉଟ୍‌ର ସମ୍ମୁଖୀନ ହୋଇଥିଲେ। ତାଙ୍କର ମଧ୍ୟ ମସ୍ତିଷ୍କରେ ସମାନ ଆଘାତ ଲାଗିଥିଲା। କ୍ରାନିଓଟୋମି କରାଯିବା ସତ୍ତ୍ୱେ ତାଙ୍କ ଜୀବନକୁ ଡାକ୍ତରମାନେ ବଞ୍ଚାଇ ପାରି ନ ଥିଲେ। ଶିଗେତୋଷୀ କୋଟାରିଙ୍କ ମୃତ୍ୟୁର ଦିନକ ପରେ ହିରୋମାସା ଉରାକାୱାଙ୍କ ମୃତ୍ୟୁ ଏକ ହୃଦୟ ବିଦାରକ ଖବର। ଆମେ ସେମାନଙ୍କ ପରିବାରବର୍ଗ, ବନ୍ଧୁ ଓ ଜାପାନିଜ ବକ୍ସିଂ ଜଗତ ପ୍ରତି ସମବେଦନା ଜଣାଉଛୁ ବୋଲି ୱାର୍ଲ୍ଡ ବକ୍ସିଂ ଅର୍ଗାନାଇଜେଶନ (ଡବ୍ଲ୍ୟୁବିଓ) ପକ୍ଷରୁ କୁହାଯାଇଛି।

## ରମେଶ ପ୍ରଥମ ଭାରତୀୟ ପଦକ ବିଜେତା

ଚେନ୍ନାଇ, ୧୦।୮ (ପି.ଟି.)

ରମେଶ ବୁଦ୍ଧିଆଲ ପ୍ରଥମ ଭାରତୀୟ ଭାବେ ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେ ଓପନ ପୁରୁଷ କାଟେଗୋରିରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବୁଦ୍ଧିଆଲ ଆହୁରି ମଧ୍ୟ ଦେଶର ପ୍ରଥମ ଭାବେ ଇଭେଣ୍ଟର

### ଏସିଆନ ସର୍ଫିଙ୍ଗ

ପଦକ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେ ୧୨.୬୦ ପଏଣ୍ଟ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ଇଣ୍ଡୋନେସିଆର ପାଜାର ଆରିୟାନା (୧୪.୫୭ ପଏଣ୍ଟ)ଙ୍କୁ ରୌପ୍ୟ ମିଳିଛି। ଓପନ ମହିଳା କାଟେଗୋରିରେ ଜାପାନର ଆନ୍‌ରି ମାଷ୍ଟୁନୋ (୧୪.୯୦ ପଏଣ୍ଟ) ଏକ କଡ଼ା ମୁକାବିଲାରେ ତାଙ୍କ ଦେଶର ସୁମୋକୋ ସାତୋ (୧୩.୭୦)ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଥାଇଲାଣ୍ଡର ଇସାବଲେ



ହିଗ୍ସ (୧୧.୭୫ ପଏଣ୍ଟ) ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ୧୮ ବର୍ଷରୁ କମ୍‌ ବାଳକ କାଟେଗୋରିରେ କୋରିଆର କାନୋଆ ହିଜାଏ ୧୪.୩୩ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚାଇନାର ଶିଡଙ୍ଗ୍‌ ଉ' (୧୩.୧୦) ଓ ଶୁଲୋଉ ଜିଆଙ୍ଗ (୮) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୧୮ବର୍ଷରୁ କମ୍‌ ବାଳିକା ବିଭାଗରେ ଚାଇନାର ସିକି ୟାଙ୍ଗ୍‌ ଆଧିପତ୍ୟ ବିସ୍ତାର କରି ୧୪.୫୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ତାଙ୍କ ଦେଶର ଶୁହାନ୍‌ ଜିନ୍‌(୧୦.୩୩) ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଜିତିଥିଲେ। ଥାଇଲାଣ୍ଡର ଇସାବେଲ (୮.୧୦ ପଏଣ୍ଟ)ଙ୍କୁ ବ୍ରୋଞ୍ଜ ପଦକ ମିଳିଛି।

## ଦୁଇ ଦଶନ୍ଧିରେ ଭାରତକୁ ପ୍ରଥମ ଥର ଯୋଗ୍ୟତା



ଯୋଗ୍ୟତା ହାସଲ କରିଥିବା ଭାରତୀୟ ଦଳ।

ୟାନ୍‌ଗନ, ୧୦।୮ (ପି.ଟି.)

ଭାରତ ଦୁଇ ଦଶନ୍ଧିରେ ପ୍ରଥମ ଥର ଏଏଫ୍‌ସି ୨୦ବର୍ଷରୁ କମ୍‌ ମହିଳା ଏସିଆନ କପ୍‌ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି। ରବିବାର ଗ୍ରୁପ 'ଡି' ଫାଇନାଲ କ୍ୱାଲିଫାଇଙ୍ଗ ମ୍ୟାଚରେ ମ୍ୟାନ୍‌ମାରକୁ ୧-୦ ଗୋଲରେ

### ଏଏଫ୍‌ସି ୨୦ବର୍ଷରୁ କମ୍‌ ମହିଳା ଏସିଆ କପ୍‌

ହରାଇ ଦେଇଛି। ଥୁଉନା ଷ୍ଟାଡିୟମ ଖେଳାଯାଇଥିବା ଏହି ମ୍ୟାଚରେ ପୂଜା ଖେଳର ୨୭ତମ ମିନିଟ୍‌ରେ ନିର୍ଣ୍ଣାୟକ ଗୋଲ୍‌ ସ୍କୋର କରିଥିଲେ। ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଘରୋଇ ଦଳ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ରହିଥିଲା। ଏହି ବିଜୟ ସହ ଭାରତ ୭ ପଏଣ୍ଟ ସହ ଗ୍ରୁପ୍‌ର ଶୀର୍ଷରେ ରହିବା ସହ ଥାଇଲାଣ୍ଡରେ ହେବାକୁଥିବା ମୁଖ୍ୟ ଟୁର୍ନାମେଣ୍ଟର ୨୦୨୬ ସଂସ୍କରଣ ପାଇଁ ଯୋଗ୍ୟତା ଅର୍ଜନ କରିଛି।

## ପ୍ରଥମ ଟି୨୦ ଜିତିଲା ଅଷ୍ଟ୍ରେଲିଆ

**ଡାର୍ୱିନ, ୧୦।୮:** ଟିମ୍‌ ଡେଭିଡ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୧୭ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍‌ ବିଶିଷ୍ଟ ଟି୨୦ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ଡେଭିଡ୍‌ଙ୍କୁ ପ୍ଲେୟର ଅଫ୍‌ ଦି ମ୍ୟାଚ୍‌ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ ଆସନ୍ତା ୧୨ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୮ ରନରେ ଅଲଆଉଟ୍‌ ହୋଇଯାଇଥିଲା। ଦଳ ପକ୍ଷରୁ ଡେଭିଡ୍‌ ୫୨ ବଲରେ ୮୩ ଓ କାମେରନ ଗ୍ରୀନ ୧୩ ବଲରେ ୩୫ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ କ୍ୱେନା ମାଫାକା ୪ ଓ କାଗିସୋ ରାବାଡା ୨ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ଲାଗି ରିୟାନ ରିକେଲଟନ ସର୍ବାଧିକ ୭୧ ଓ ଟ୍ରିଷ୍ଟାନ ଷ୍ଟବ୍ସ ୩୭ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଜୋଶ ହାଜେଲଉଡ୍‌ ଓ ବେନ ଡ୍ୱାରଶୁଇସ ୩ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୨୦ ଓଭରରେ ୧୭୮/ଅଲଆଉଟ୍‌(ଟିମ ଡେଭିଡ-୮୩, କାମେରନ ଗ୍ରୀନ-୩୫, କ୍ୱେନା ମାଫାକା-୪/୨୦, କାଗିସୋ ରାବାଡା-୨/୨୯)। ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୬୧/୯(ରିୟାନ ରିକେଲଟନ-୭୧, ଟ୍ରିଷ୍ଟାନ ଷ୍ଟବ୍ସ-୩୭, ବେନ ଡ୍ୱାରଶୁଇସ-୩/୨୬)।

## ଅସ୍ମିତା ସିଟି ଲିଗ୍‌: ଓଜିପି କ୍ଲବ ଚାମ୍ପିୟନ



ଚାମ୍ପିୟନ ଓଜିପି କ୍ଲବ୍‌ ଟ୍ରଫି ସହ।

ଭୁବନେଶ୍ୱର, ୧୦।୮ (ବିଜୟ ରଣା)

କଟକସ୍ଥିତ ବି.ଓ.ଏସ୍‌.ଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରବିବାର ୧୩ବର୍ଷରୁ କମ୍‌ ଅସ୍ମିତା ସିଟି ଲିଗ୍‌ ୨୦୨୫-୨୬ (ବାଳିକା) ଦିନିକିଆ ନକ୍‌ଆଉଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ୮ଟି ଦଳ ଦଳରେ ୧୪ଜଣ ଲେଖାଏଁ ଖେଳାଳି ଏହିପର ମୋଟ ୧୧୨ ଜଣ ଖେଳାଳି ଥିଲେ। ମ୍ୟାଚ୍‌ଗୁଡ଼ିକ ୯-ଏ-ସାଇଡ୍‌ ଫର୍ମାଟରେ ଖେଳାଯାଇଥିଲା। ରୋମାଞ୍ଚକ ପାଇନାଲରେ ଓଜିପି କ୍ଲବ ଶୁଟ୍‌ ଆଉଟରେ ଓଡିଏମ୍‌ ଫୁଟ୍‌ବଲ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିଥିଲା। ଓଜିପି କ୍ଲବ ତରଫରୁ ବିଜୟଲକ୍ଷ୍ମୀ ହାଁସ୍‌ଦା ଏବଂ ଓଡିଏମ୍‌ ଫୁଟ୍‌ବଲ କ୍ଲବ ତରଫରୁ ବୈଷ୍ଣବୀ ଜେନା ଗୋଲ୍‌ ସ୍କୋର କରିଥିଲେ। ପେନାଲ୍‌ଟି ଶୁଟ୍‌ଆଉଟରେ ଓଜିପି କ୍ଲବ ୪-୩ ଗୋଲ୍‌ରେ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅନ୍ତର୍ଜାତୀୟ ଫୁଟ୍‌ବଲର ତଥା ଓଡ଼ିଶା ସିନିୟର ମହିଳା ଫୁଟ୍‌ବଲ ଦଳର କୋଚ୍‌ ଗୀତାଞ୍ଜଳୀ ଖୁଣ୍ଟିଆ, ଫୁଟ୍‌ବଲ ଆସୋସିଏଶନ ଅଫ୍‌ ଓଡ଼ିଶା (ଫାଓ)ର ବୈଷୟିକ ନିର୍ଦ୍ଦେଶକ ଅକ୍ଷୟ ଦାସ ଓ ଫାଓ ସଦସ୍ୟ କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଜୁନିୟର ମହିଳା ହକି: ହରିୟାଣା-ଝାଡ଼ଖଣ୍ଡ ଫାଇନାଲ

କାକିନାଡା, ୧୦।୮ (ପି.ଟି.)

ହକି ହରିୟାଣା ଓ ହକି ଝାଡ଼ଖଣ୍ଡ ଉଭୟେ ସମାନ ୩-୦ ଗୋଲ୍‌ରେ ବିଜୟ ହାସଲ କରି ଏଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଛତିଶଗଡ଼ ହକି ବିପକ୍ଷ ପ୍ରଥମ ସେମିଫାଇନାଲରେ ଅଧିନାୟକ ଶଶି କାଶା (୮ମ ମିନିଟ)ଏକ ଗୋଲ୍‌ ସ୍କୋର କରି ହରିୟାଣାକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପରେ ସୁପ୍ରିୟା (୪୫ତମ ଓ ୪୭ତମ) କ୍ରମାଗତ ଦୁଇଟି ଗୋଲ ସ୍କୋର କରି ସେମାନଙ୍କ ଦଳକୁ ୩-୦ ଗୋଲରେ ବିଜୟୀ କରାଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ସ୍ୱିଟି ଡୁଙ୍ଗ୍‌ ଡୁଙ୍ଗ୍‌ (୧୩ତମ), ରୀନା କୁଲୁ (୫୬ତମ) ଓ ଅଧିନାୟିକା ରଜ୍‌ନୀ କେରକେଟା (୫୯ତମ)ଙ୍କ ଗୋଲ ସହାୟତାରେ ଉତ୍ତର ପ୍ରଦେଶକୁ ୩-୦ରେ ହରାଇଦେଇଥିଲା ଝାଡ଼ଖଣ୍ଡ। ସୋମବାର ଫାଇନାଲ ମ୍ୟାଚ ଖେଳାଯିବାକୁଥିବା ବେଳେ ଛତିଶଗଡ଼ ଓ ଉତ୍ତର ପ୍ରଦେଶ ତୃତୀୟ ସ୍ଥାନ ପାଇଁ ମୁକାବିଲା କରିବେ।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍‌ ବିକ୍ରି କରାଯାଉଅଛି। ଯୋଗାଯୋଗ- 7735922768. D-1572

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492. D-1376

Duplex sale with gated Society near Allms Hospital, Bhubaneswar-9777433701. D-1614

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍‌ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍‌ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ମୁଁ ମମତା ଦାସ, ବୟସ- ୫୨ ବର୍ଷ, ସ୍ୱାମୀ- ସୋମନାଥ ଦାସ, ସା/ପୋ- ପଦ୍ମସାହି, ଆଠଗଡ଼, ଥାନା- ଆଠଗଡ଼, ଜିଲ୍ଲା- କଟକ ଜଣାଉଅଛି ଯେ, ମୋର ଖରିଦ କରିଥିବା ଜମି ପ୍ଲଟ୍‌ ନଂ.- ୧୮୨୬, ଯାହାକି ପୂର୍ବରୁ ମାଲିକାନା ସ୍ୱତ୍ୱ- ମନୋରମା ମିଶ୍ର, କବଲା ନଂ.- ୬୯୮, କବଲା ବୃତ୍ତି ତା.- ୦୩।୧୧।୧୯୯୮, ପଟ୍ଟା ନଂ.- ୫୪୬ ଥିଲା, ତାହା ଖୁଣ୍ଟୁଣୀ କଲେଜ ନିକଟରେ ହଜିଯାଇଛି, ତେଣୁ ଅନୁରୋଧ କରୁଛି କେହି ସହୃଦୟ ବ୍ୟକ୍ତି ଏହି କବଲାକୁ ପାଆନ୍ତି ତେବେ ନୃସିଂହ ଚରଣ ପଟ୍ଟନାୟକ, ମୋ.- ୯୮୫୩୩୧୧୧୮୯ ରେ ଜଣାଇବାକୁ ଅନୁରୋଧ। ଜମି କବଲା ହଜିବା ଘଟଣା ମୋ ଦ୍ୱାରା ଖୁଣ୍ଟୁଣୀ ଥାନାରେ ତା- ୦୪।୦୮।୨୦୨୫ରିଖରେ ଜଣାଇ ଦିଆଯାଇଛି। D-୧୬୧୪

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରତ୍ନାମଣୀ ଧଳ
ଧୋବାଗଡିଆ, କୁପାରୀ, ବାଲେଶ୍ୱର
ଆବିର୍ଭାବ: ୦୮।୦୫।୧୯୩୧
ତିରୋଧାନ: ୦୧।୦୮।୨୦୨୫
ଆପଣ ଆମକୁ ଶୋକସାଗରରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ଧଳ ପରିବାରବର୍ଗ।
ଧ-1615

ଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭୀମସେନ ମହାପାତ୍ର
ତୁଳସୀଚଉରା, ଚନ୍ଦନପୁର, ପୁରୀ।
ଆବିର୍ଭାବ: ୨୬।୦୧।୧୯୬୨
ତିରୋଧାନ: ୦୨।୦୮।୨୦୨୫
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ, ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ।
ଧ-1616


## ଓଡିଏମ୍‌, ବିକାଶ ରେସିଡେନସିଆଲ ବିଜୟୀ

ଭୁବନେଶ୍ୱର, ୧୦।୮ (ଅନାଦି କର)

ୟୁନିଟ୍‌-୬ ଆଥ୍‌ଲେଟିକ୍‌ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଓଡିଏମ୍‌ ଗ୍ଲୋବାଲ ଓ ବିକାଶ ରେସିଡେନସିଆଲ ସ୍କୁଲ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଓଡିଏମ୍‌ ଗ୍ଲୋବାଲ ୧୩-୧ ଗୋଲରେ ଡିଏଭି ସ୍କୁଲ ଚନ୍ଦ୍ରଶେଖରପୁର ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଶ୍ରୀଜଲ କିସ୍କୋ ସର୍ବାଧିକ ୬ଟି ଓ ସ୍ୱର୍ଣ୍ଣ ସାହୁ ୪ଟି ଗୋଲ

### ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ

ଦେଇଥିବା ବେଳେ ଆଶିଷ କୁମାର, ରେୟାଂଶ ଶ୍ୟାମ ଓ ବାବାସାନ ହେମ୍ବ୍ରମ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଡିଏଭି ପକ୍ଷରୁ ମନ୍ମଥ ପ୍ରଧାନ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ସର୍ବାଧିକ ଗୋଲ କରିଥିବା ଶ୍ରୀଜଲଙ୍କୁ ଅତିଥି ଭାବେ ବିଏଏ ଉପସଭାପତି ରାଧା ମହାପାତ୍ର ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବିକାଶ ରେସିଡେନସିଆଲ ସ୍କୁଲ ୫-୦ ଗୋଲରେ ରାମକ୍ରିଷ୍ଣ ଶିକ୍ଷା କେନ୍ଦ୍ରକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଏ ସାଇ ପ୍ରସାଦ (୨୫ତମ),



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶ୍ରୀଜଲ କିସ୍କୋ।

ଆର୍ଯ୍ୟନ ଲେନି(୨୭ତମ), ରଞ୍ଜନ ମୁଣ୍ଡା (୪୦ତମ), ସୌମ୍ୟ ରଞ୍ଜନ ମୁଣ୍ଡା (୪୮ତମ) ଓ ରଶ୍ମିକାନ୍ତ ନାୟକ (୫୬ତମ) ଗୋଲ କରିଥିଲେ। ବିଜୟୀ ଦଳର ବି ଏସ୍‌ ପ୍ରସାଦଙ୍କୁ ଅତିଥି ଭାବେ ସେଞ୍ଚୁରିଅନ ୟୁନିଭରସିଟିର ଡାଇରେକ୍ଟର ଅଫ୍‌ ସ୍ପୋର୍ଟ୍ସ ରବି ନାରାୟଣ ରାଉତରାୟ ପୁରସ୍କୃତ କରିଥିଲେ।

# ପାନୀୟ ଜଳ ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇଥାଏ। ଫଳରେ ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ। ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ। ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ। ତମ୍ବାପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହେବା ସହ ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍‌ସର ହେବା ଆଶଙ୍କା ଦୂର କରିବା ସହ ଅଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ରାତିରେ ତମ୍ବାପାତ୍ରରେ ପାଣିରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ।"





ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ବୃକ୍ଷଲତା ଓ ସମସ୍ତ ପ୍ରାଣୀଜଗତ ଜଳ ବିନା ବଞ୍ଚିରହିବା ଅସମ୍ଭବ। ଜଳ ହିଁ ଜୀବନ। ବୃକ୍ଷଲତା ଆଦି ପାଇଁ ଜଳର ପ୍ରକାରଭେଦ ଅଧିକ ଜରୁରୀ ନ ଥିବା ବେଳେ, ମନୁଷ୍ୟ ପାଇଁ ପାନୀୟ ଜଳ ନିମନ୍ତେ ସ୍ୱଚ୍ଛ ଓ ପରିଷ୍କାର ତଥା ଜୀବାଣୁ ଭୂତାଣୁବିହୀନ ଜଳ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ, ନିରୋଗ ତଥା ଦୀର୍ଘାୟୁ ହୋଇପାରିବା। ସାଧାରଣତଃ ବର୍ଷା ଋତୁରେ ସ୍ୱଚ୍ଛ ପରିଷ୍କାର ପାନୀୟ ଜଳ ନିମନ୍ତେ ଅଧିକ ସତର୍କ ରହିବା ଆବଶ୍ୟକ। ବିଶେଷଭାବରେ ନଦୀ, ନାଳ, କୂପ, ଜଳାଶୟ ଆଦିର ଜଳ ଦୂଷିତ ହୋଇଥାଏ। ତେଣୁ ଜଳକୁ ଭଲଭାବେ ଫୁଟାଇ ଛାଣି ପାନୀୟଜଳ ଭାବେ ବ୍ୟବହାର କରିବା ଜରୁରୀ। ପୂର୍ବ ସମୟ ଅପେକ୍ଷା ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ବନ୍ୟା ବାତ୍ୟା ଆଦିର ପୂର୍ବ ସୂଚନା ବିଭିନ୍ନ ପତ୍ରପତ୍ରିକା ବୈଦ୍ୟୁତିକ ଗଣମାଧ୍ୟମରୁ ମିଳିଯାଉଛି। ଯାହାଫଳରେ ୪ରୁ ୫ଦିନ ପର୍ଯ୍ୟନ୍ତ ପାନୀୟ ଜଳ ସୁରକ୍ଷିତ ଭାବେ ରଖି ବ୍ୟବହାର କରାଯାଇପାରୁଛି। ବନ୍ୟା ବାତ୍ୟାର ପରବର୍ତ୍ତୀ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ସବୁ ଜଳାଶୟର ଜଳ ଦୂଷିତ ହୋଇଥାଏ। ତେଣୁ ଆମେ ଅତି କମ୍‌ରେ ୪ରୁ ୫ ଦିନ ପାଇଁ ପରିଷ୍କାର ଜଳ ସୁରକ୍ଷିତ ରଖି ଏହାକୁ ପାନୀୟ ଭାବେ ବ୍ୟବହାର କରିପାରିବା, ଯାହାଦ୍ୱାରା ଡାଇରିଆ, ଟାଇଫଏଡ୍ ଆଦି ବିଭିନ୍ନ ସଂକ୍ରମଣଜନିତ ରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଆମେ ନିଜକୁ ରକ୍ଷା କରିପାରିବା। ଆଗ କାଳରେ ଆମର ପୂର୍ବ ପିଢ଼ିର ବୟସ୍କ ବ୍ୟକ୍ତିମାନେ ସକାଳୁ ଉଠି ବାସିପାଣି ପିଉଥିଲେ। କାରଣ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ଭଲ। ତମ୍ବାପାତ୍ର, ମାଟିପାତ୍ରରେ ପାଣି ରଖି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ।

କୌଣସି କାରଣରୁ ଘରକୁ ଏକାଧିକ ଦିନ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲେ ଆମେ ଅସୁବିଧାରେ ପଡ଼ିଥାଉ। ଜରୁରିକାଳୀନ ପରିସ୍ଥିତିରେ ପାନୀୟ ଜଳର ଆବଶ୍ୟକ ପଡ଼ିଲେ ଘରେ ସଞ୍ଚିତ ପାଣିକୁ ବ୍ୟବହାର କରିଥାଉ। ଉକ୍ତ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ପରିମାଣରେ ଭଲ କି ଖରାପ ତାହା ଜାଣିବାର ଆବଶ୍ୟକତା ରହିଛି। ଜଳକୁ କାଚ ଗ୍ଲାସ କିମ୍ବା କୌଣସି ପାତ୍ରରେ ରାତିତମାମ ରଖିବା ଦ୍ୱାରା ତାହା ବାୟୁରେ ଥିବା କାର୍ବନ ଡାଇଅକ୍ସାଇଡ ସଂସ୍ପର୍ଶରେ ଆସିଥାଏ। ପାଣି ସହ ଏହା ମିଶିବା ଦ୍ୱାରା ପାନୀୟ ଜଳର ସ୍ୱାଦ କିଛି ମାତ୍ରାରେ ଖରାପ ଲାଗିଥାଏ, ତଥାପି ଉକ୍ତ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ସୁରକ୍ଷିତ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନଳକୂପ ଜଳର 'ସେଲ୍‌ଫ ଲାଇଫ' ୬ମାସ ପର୍ଯ୍ୟନ୍ତ ରହିଥାଏ। ଛଅ ପରେ ଉକ୍ତ ଜଳରେ କ୍ଲୋରିନର ମାତ୍ରା କ୍ରମଶଃ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥାଏ ଯଦ୍ୱାରା ଉକ୍ତ ଜଳରେ ଜୀବାଣୁ ବୃଦ୍ଧିପାଇବା ଆରମ୍ଭ ହୋଇଥାଏ। ଉକ୍ତ ଜଳ ଗରମ ପରିବେଶରେ ରହିଲେ ଜୀବାଣୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଥାଏ। ପ୍ଲାଷ୍ଟିକର ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। କିନ୍ତୁ ଆଜିକାଲି ପ୍ଲାଷ୍ଟିକ ବୋତଲରେ ପାନୀୟ ଜଳ ଓ ଥଣ୍ଡା ପାନୀୟର ବହୁଳ ବ୍ୟବହାର ହେଉଛି। ଖାଦ୍ୟ ଓ ଔଷଧ ପ୍ରଶାସନ ବିଭାଗ(ଏଫ୍‌ଡିଏ) ବୋତଲ ପାଣିରେ ସେଲ୍‌ଫ ଲାଇଫ ଲେବଲ ଲଗାଇବା ଆବଶ୍ୟକ।

ବୋତଲରେ ପାଣି ସଂରକ୍ଷଣ କରାଯିବାବେଳେ ସିଧାସଳଖ ସୂର୍ଯ୍ୟକିରଣ ଏବଂ କୌଣସି ରାସାୟନିକ ପଦାର୍ଥଠାରୁ ଦୂରେଇ ରଖିବା ଉଚିତ। ସୂର୍ଯ୍ୟକିରଣ ପାଣିରେ ଥିବା ଜୀବାଣୁକୁ ବୃଦ୍ଧି ଘଟାଇବାରେ ସହାୟକ ହେବାର ସମ୍ଭାବନା ଅଧିକ ରହିଥାଏ। ତେଣୁ ଜଳ ହେଉ କିମ୍ବା ପାନୀୟ ଜଳ ବୋତଲରେ ସଂରକ୍ଷିତ ବେଳେ ଏସବୁ ପ୍ରତି ଠିକ୍ ଧ୍ୟାନଦେବାର ଆବଶ୍ୟକତା ରହିଛି। କାରଣ ଉତ୍ତମ ପାନୀୟ ଜଳ ହିଁ ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ। ତା' ସହ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ଏବଂ ଆମକୁ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ।

ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ଧାତୁ ପାତ୍ରରେ ପାନୀୟ ଜଳ ରଖି ପିଇବା ସ୍ୱାସ୍ଥ୍ୟପ୍ରଦ ବୋଲି ଉଲ୍ଲେଖ ରହିଛି। ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇବା ଦ୍ୱାରା ଆମ ଶରୀରର ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ। ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ। ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ। ତମ୍ବା ପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହୋଇଥାଏ। ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍‌ସର ହେବା ଆଶଙ୍କା ଦୂର କରିବା ସହ ଅଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ରାତିରେ ତମ୍ବାପାତ୍ରରେ ପାଣି ରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ। ତା' ସହିତ ଏସିଡିଟି ଓ କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। ତମ୍ବାରେ 'ଆଣ୍ଟିମାଇକ୍ରୋବାୟଲ' ଗୁଣ ରହିଥିବାରୁ ଏହା କ୍ଷତିକାରକ ଜୀବାଣୁ ଏବଂ ଭାଇରସ୍‌କୁ ସମୂଳେ ନଷ୍ଟ କରିବା ସହ ଜଳକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ତମ୍ବାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀର ପାଇଁ ବେଶ୍ ଉପକାରୀ। ବେଳେବେଳେ ନିମ୍ନମାନର ତମ୍ବାପାତ୍ର ଏବଂ ବିଭିନ୍ନ ମିଶ୍ରିତ ଧାତୁରେ ନିର୍ମିତ ତମ୍ବାପାତ୍ରରେ ପାଣିରଖି ପିଇବା ଦ୍ୱାରା ଏହା ଶରୀର ପାଇଁ ଖରାପ ପ୍ରଭାବ ପକାଇବାର ଅଧିକ ସମ୍ଭାବନା ରହିଥାଏ। କେବଳ ସେତିକି ନୁହେଁ, ଯକୃତ ଉପରେ ଖରାପ ପ୍ରଭାବ ପକାଇବା ସହ ଝାଡ଼ା ବାନ୍ତି ଆଦି ହେବାର ଆଶଙ୍କା ରହିଥାଏ। ପାନୀୟ ଜଳ ବ୍ୟବହାର ନିମନ୍ତେ ତମ୍ବାପାତ୍ର ଉଚ୍ଚ ମାନର ହେବା ଆବଶ୍ୟକ। ବ୍ୟବହାର ହେଉଥିବା ତମ୍ବାପାତ୍ରକୁ ନିୟମିତ ସଫା କରିବା ଉଚିତ, ଯଦ୍ୱାରା ଜୀବାଣୁ ବୃଦ୍ଧି ହ୍ରାସ ଘଟିଥାଏ। ତମ୍ବାପାତ୍ରରେ କୌଣସି ଫଳରସ, ଅମ୍ଳଯୁକ୍ତ ପାନୀୟ ରଖି ସେବନ କରିବା ଅନୁଚିତ। ତମ୍ବା ଏକ ଉଚ୍ଚ ତାପଜ ଧାତୁ ହୋଇଥିବାରୁ ଏଥିରେ ଗରମ ପାଣି ରଖି ପିଇବା ଅନୁଚିତ। କେବଳ ପରିଷ୍କାର ତଥା ସାଧାରଣ ଜଳ ତମ୍ବାପାତ୍ରରେ ରଖି ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟୋପକାରୀ ହେବା ସହ ଦୀର୍ଘାୟୁ ଜୀବନରେ ସହାୟକ ହୋଇଥାଏ।

ମାଟିପାତ୍ରରେ ଜଳ ସେବନ ସ୍ୱାସ୍ଥ୍ୟ ପାଇଁ ହିତକର। ଫ୍ରିଜ୍ ପାଣି ଅପେକ୍ଷା ମାଟିପାତ୍ରରେ ପାଣି ରଖି ପିଇବା ସ୍ୱାସ୍ଥ୍ୟପ୍ରଦ। ମାଟି ପାତ୍ରରେ ପାଣି ପ୍ରାକୃତିକ ଉପାୟରେ ଥଣ୍ଡା ରହିଥାଏ। ସାମ୍ପ୍ରତିକ ପରିସ୍ଥିତିରେ ବାୟୁମଣ୍ଡଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧିପାଉଛି। ଏଭଳି ସ୍ଥିତିରେ ଫ୍ରିଜ୍ ପାଣି ଅପେକ୍ଷା ମାଟିପାତ୍ର, ମାଟିହାଣ୍ଡିରେ ପାଣି ରଖି ଦୈନନ୍ଦିନ ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦୀର୍ଘାୟୁ ହେବାରେ ସହାୟକ ହୋଇଥାଏ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ସୁସ୍ଥ ଶରୀର ଅନ୍ତରାଳେ...



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏଥିପ୍ରତି ଆମକୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ତନ୍ମଧ୍ୟରୁ ପ୍ରଥମ ହେଲା ଜୀବନଶୈଳୀ। ଆମେ ଯଦି ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ତେବେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ତା'ସହ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଆବଶ୍ୟକ। କାରଣ ସୁସ୍ଥ ରହିବା ପଛରେ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖାଦ୍ୟ ତାଲିକାରେ ଯେତେ ମସଲାଯୁକ୍ତ, ତେଲଯୁକ୍ତ ଖାଦ୍ୟ କମ୍ ସାମିଲ କରିବେ ସେତେ ଭଲ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ସୀମିତ ପରିମାଣରେ ଖାଆନ୍ତୁ। ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଆଉ ଏକ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଆବଶ୍ୟକ। କୌଣସି ରୋଗର କାରଣ ଜାଣିବା ମାତ୍ରେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ଏହା ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ ଏବଂ ସେଥିରୁ ଆରୋଗ୍ୟଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

## ଅସନ୍ତୁଳିତ ରକ୍ତ ସଞ୍ଚାଳନ ଓ କିଡ୍‌ନୀ ସମସ୍ୟା



ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ନିହାତି ଦରକାର। ନ ହେଲେ ତାହା କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ବେଳେବେଳେ ଏହାର ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ତାହା ଜୀବନନାଶକ ସାଜିଥାଏ। ତେବେ ଯଦି ଶରୀର ଭିତରେ ରକ୍ତ ସଞ୍ଚାଳନ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା, ତେବେ ତାହା ଭବିଷ୍ୟତରେ କିଡ୍‌ନୀ ସମସ୍ୟାର କାରଣ ସାଜିପାରେ ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କର ଶାରୀରିକ ପରୀକ୍ଷା ତନ୍ନ ତନ୍ନ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ସମୟରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣଙ୍କଠାରେ କିଡ୍‌ନୀଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା। ମନୁଷ୍ୟ ଶରୀରରେ ଯଦି ରକ୍ତ ସଞ୍ଚାଳନ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା ତେବେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ସମସ୍ୟା ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ମରଣଶକ୍ତି ବୃଦ୍ଧିର ନୂଆ ଉପାୟ



ଆମର ସ୍ମରଣଶକ୍ତି ଦୃଢ଼ ରହିବା ଆବଶ୍ୟକ। ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଦୂରେଇ ରଖିପାରିଲେ ତେବେ ତାଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ତୀବ୍ର ହୋଇଥାଏ। ଏଭଳି ବିଷୟକୁ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ସମୟରେ ଯେଉଁମାନେ ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଯଥାସମ୍ଭବ ଦୂରେଇ ରଖିପାରୁଥିଲେ ସେମାନଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ସକ୍ରିୟ ରହୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଲିଭର କାର୍ଯ୍ୟଧାରାକୁ ସକ୍ରିୟ କରାଏ କଲରା

କଲରାରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରିରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ କଲରା ଖାଆନ୍ତି ତେବେ ତାହା ତାଙ୍କର ଲିଭର ବା ଯକୃତ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆପଣ ମେଦବହୁଳତା ସମସ୍ୟା ସହ ଜଡ଼ିତ କି? ତେବେ ନିୟମିତ କଲରା ଖାଆନ୍ତୁ। ଏହା ଦ୍ୱାରା ଓଜନ ଅନେକାଂଶରେ ନିୟନ୍ତ୍ରଣରେ ରହିଥାଏ



ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। କଲରା ଡାଇବେଟିସ୍ ରୋଗୀଙ୍କ ପାଇଁ ଏକ ବରଦାନ ସଦୃଶ। କାରଣ ଏହା ରକ୍ତରେ ଶର୍କରା (ସୁଗାର) ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। କେବଳ ସେତିକି ନୁହେଁ, ଯଦି କୋଲେଷ୍ଟରଲ ପରିମାଣ ଅସନ୍ତୁଳିତ ରହିଛି, ତେବେ ତାହାକୁ ନିୟନ୍ତ୍ରଣକୁ ଆଣିଥାଏ। କଲରାର ଆଉ ଏକ ଉପକାରୀ ଗୁଣ ହେଲା, ତାହା କେଶ ମୂଳକୁ ଦୃଢ଼ କରିବା ସହ ଚର୍ମରେ ସତେଜତା ଆଣିଥାଏ। ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କଲରା ସାମିଲ କରନ୍ତୁ। କଲରା ଜୁସ୍ ମଧ୍ୟ ବେଶ୍ ଉପକାରୀ।

## ଜାଣିରଖନ୍ତୁ...



ବର୍ତ୍ତମାନ ବର୍ଷା ଋତୁ। ତେଣୁ ଏହି ସମୟରେ ନିଜକୁ ସୁସ୍ଥ ରଖିବାକୁ ହେଲେ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। ଏହି ଦିନରେ ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ବିଶେଷଭାବରେ ଉକ୍ତ ଋତୁରେ ଥଣ୍ଡା, କାଶ, ଜ୍ୱର ଆଦିର ଅଧିକ ଆଶଙ୍କା ରହିଥାଏ। ତେଣୁ ଏହାର ପ୍ରାରମ୍ଭିକ ଲକ୍ଷଣ ଜାଣିବା ମାତ୍ରେ ଚିକିତ୍ସା କରାଇ ନିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଋତୁରେ ସବୁବେଳେ ପାଣିକୁ ଫୁଟାଇ ଥଣ୍ଡା କରି ପିଅନ୍ତୁ। ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ସବୁବେଳେ ଉଷୁମ ଖାଦ୍ୟ ଖାଆନ୍ତୁ। ଏହି ସମୟରେ ମଶା, ମାଛିଙ୍କ ଉପଦ୍ରବ ବେଶି ରହିଥାଏ। ତେଣୁ ଘରର ଚାରିପାଖ ପରିଷ୍କାର ରଖନ୍ତୁ। ନିଜକୁ ଓଦା ଏବଂ ସନ୍ତସନ୍ତିଆ ସ୍ଥାନଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ଏହି ସମୟରେ ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ ସେତେ ଭଲ। ଖାଦ୍ୟ ତାଲିକାରେ ଭିଟାମିନ୍-ସି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। କାରଣ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଘରେ ଯଦି ଛୋଟ ପିଲା ଅଛନ୍ତି ତେବେ ଥଣ୍ଡା, ଜ୍ୱର, କାଶ ପାଇଁ ଔଷଧ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଘରେ ରଖନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ମନକୁ ପ୍ରଫୁଲ୍ଲ ରଖିଥାଏ।

➤ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କକୁ ଆବଶ୍ୟକ ମୁତାବକ ବିଶ୍ରାମ ମିଳିଥାଏ।



➤ଗାଜରରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମର ମାତ୍ରା ଭରିରହିଛି। ଏହାକୁ ନିୟମିତ ଖାଇଲେ ତାହା ଅସ୍ଥିକୁ ମଜଭୁତ କରିଥାଏ। କେବଳ ସେତିକି ନୁହେଁ, ହୃତ୍‌ପିଣ୍ଡ କାର୍ଯ୍ୟଧାରାକୁ ମଧ୍ୟ ସକ୍ରିୟ ରଖିଥାଏ।

➤ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଥିଯୋଗୁ କୋଲେଷ୍ଟରଲ ସ୍ତର ବୃଦ୍ଧି ପାଇଥାଏ।

➤ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜ ଦୈନନ୍ଦିନ ଖାଦ୍ୟ ଭାବରେ ଖାଇପାରିବେ।

➤ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ପୋଟାସିୟମ୍ ଥିବାରୁ ପାକସ୍ଥଳୀକୁ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

➤ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

## ଯୋଗ କରିବା ସମୟରେ...

ବର୍ତ୍ତମାନ ଆମ ଜୀବନରେ ଯେଉଁ ପ୍ରମୁଖ ଜିନିଷର ଆବଶ୍ୟକତା ରହିଛି ତାହା ହେଲା ଯୋଗ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ଯୋଗ କରନ୍ତି ତେବେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେବେ ଯୋଗ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। ପ୍ରଥମେ ଏ ବିଷୟରେ ଅଭିଜ୍ଞ ଯୋଗ ପ୍ରଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ। ତାଙ୍କ ଅଧୀନରେ ଯଦି ସେ କିଛି ମାସ ଯୋଗ କରିବାକୁ ପରାମର୍ଶ ଦିଅନ୍ତି ତେବେ ତାହାକୁ ଗ୍ରହଣ କରନ୍ତୁ। ସବୁବେଳେ ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଯୋଗ କରନ୍ତୁ। ସବୁଠାରୁ ବଡ଼ କଥା ହେଲା ପ୍ରତିଦିନ କେତେ ସମୟ ଯୋଗ କରିବେ ଏବଂ କେଉଁ ସମୟରେ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ଯୋଗ କରିବା ସମୟରେ ଆଦୌ ଅନ୍ୟମନସ୍କ ରୁହନ୍ତୁ ନାହିଁ। ଯେତିକି ସମୟ ଯୋଗ କରୁଛନ୍ତି ସେତିକି ସମୟ ଯୋଗରେ ହିଁ ମନ କେନ୍ଦ୍ରୀତ କରନ୍ତୁ। ଯୋଗ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ଯୋଗ କରିବାକୁ କେତେକ ସାମଗ୍ରୀର ଆବଶ୍ୟକତା ପଡ଼ିଥାଏ। ତେଣୁ ସେଗୁଡ଼ିକୁ ସଂଗ୍ରହ କରି ପାଖରେ ରଖନ୍ତୁ। ଯଦି ଗ୍ରୁପ୍ ଯୋଗ କରୁଛନ୍ତି ତେବେ ସେହି ସମୟରେ ଅନ୍ୟ କାହା ସହ ନିଜକୁ ତୁଳନା କରନ୍ତୁ ନାହିଁ। ଯାହା ଶିଖିଛନ୍ତି କିମ୍ବା ଯୋଗ ପ୍ରଶିକ୍ଷକ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୧/୨୦୨୫ Bhubaneswar, Monday, August 11/ 2025





ଦର୍ଶକ ଗ୍ୟାଲେରିରେ ମାସ୍କଟ ଓଲି। ଦର୍ଶକ ଗ୍ୟାଲେରିରେ ପରିବାର ସହ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

# ଭାରତୀୟ ଆଥଲେଟ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେନଷ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବିଦେଶର ନାମୀ ଖେଳାଳିଙ୍କ ଅନୁପସ୍ଥିତିରେ ଉପଯୁକ୍ତ ଫାଇଦା ହାସଲ କରିଛନ୍ତି

**ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍**

ଘରୋଇ ଆଥଲେଟ୍। କଳିଙ୍ଗ ଷ୍ଟାଡିୟମର ପାଗ ଓ ପରିବେଶରୁ ଫାଇଦା ଉଠାଇ ଅନେକ ଇଭେଣ୍ଟରେ ଭାରତୀୟମାନେ କ୍ଲିନ୍ ସୁଇପ୍ ମଧ୍ୟ କରିଛନ୍ତି। ୪୦୦ ମିଟର ପୁରୁଷରେ ପ୍ରଥମ ୩ଟି ଯାକ ସ୍ଥାନ ଭାରତୀୟମାନେ ହାସଲ କରିଥିବାବେଳେ ମହିଳା ୪୦୦ ମିଟରରେ ପ୍ରଥମ ଦୁଇ ସ୍ଥାନରେ ଭାରତୀୟ ହିଁ ରହିଛନ୍ତି। ମହିଳା ଜାଭେଲିନ୍ ଥ୍ରୋରେ ଭାରତର ତାରକା ଆଥଲେଟ୍ ଚମତ୍କାର ଥ୍ରୋ କରି ପ୍ରଥମ ହୋଇଛନ୍ତି। ନିକଟରେ ପୋଲାଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅନୁ ଏଠାରେ ମଧ୍ୟ ୬୨.୦୧ ମିଟର ଥ୍ରୋ କରି ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଥିଲେ। ତାଙ୍କର ଅନ୍ୟ କୌଣସି ପ୍ରତିଦ୍ୱନ୍ଦ୍ୱୀ ୬୦ ମିଟର ସ୍ପର୍ଶ କରିପାରି ନ ଥିଲେ। ମହିଳା ୧୦୦ ମିଟରରେ ଅଭିନୟା ରାଜାରାଜନ, ସ୍ନେହା ଏସ.ଏସ. ଓ ନିତ୍ୟା ଗାନ୍ଧେ ପ୍ରଥମ ୩ ସ୍ଥାନ ଅଧିକାର କରି ନେଇଥିଲେ। ସେହିପରି ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁଙ୍କ ସମେତ ଭାରତୀୟ ମାନେ ପ୍ରଥମ ୩ ସ୍ଥାନ ସୁଇପ୍ କରିଛନ୍ତି। ମହିଳା ଲଙ୍ଗଜମ୍ପରେ ଶାଇଲି ସିଂ, ଭବାନୀ ଯାଦବ ଓ ସାନ୍ଦ୍ରା ବାବୁ ଏବଂ ପୁରୁଷ ଟ୍ରିପଲ ଜମ୍ପରେ ଅବଦୁଲା ଅବୁବାକର, କାର୍ତ୍ତୀକ ଉନ୍ନିକ୍ରିଷ୍ଣନ ଓ ଗେଲି ଭେନିଷ୍ଟେର ପ୍ରଥମ ୩ ସ୍ଥାନ ହାସଲ କରି ନେଇଛନ୍ତି। ପୁରୁଷ ୮୦୦ ମିଟର, ମହିଳା ୮୦୦ ମିଟର ମଧ୍ୟ କେବଳ ଭାରତୀୟ ମାନେ ପୋଡିୟମ ମଣ୍ଡନ କରିଛନ୍ତି। ମହିଳା ୧୫୦୦ ମିଟରରେ ପୂଜା, ଲିଲି ଦାସ ଓ ଅମନଦୀପ କୌର ଭାରତୀୟ ଟେକ ରଖିଛନ୍ତି। ପୁରୁଷ ୨୦୦ ମିଟର ଇଭେଣ୍ଟରେ ଓଡ଼ିଶା ଏଫ୍‌ସିର ଅନିମେଶ କୁଜୁର ପ୍ରଥମ ସ୍ଥାନ ଅଧିକାର କରି ଦେଶର ଟେକ ରଖିଛନ୍ତି।




ପୁରୁଷ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ ଅବସରରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (ବାମରୁ ତୃତୀୟ)।




ମହିଳା ୧୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶାର ଶ୍ରାବଣୀ ନନ୍ଦ (ଡାହାଣ)।

## ଅଭିନୟା, ଆଜେମ ଦ୍ରୁତତମ ଧାବିକା, ଧାବକ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ୧୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରି ଦ୍ରୁତତମ ଧାବିକା ଓ ଧାବକ ହୋଇଛନ୍ତି ଭାରତର ଅଭିନୟା ରାଜାରାଜନ ଓ ମାଲେସିଆର ମହମ୍ମଦ ଆଜେମ ବିନ୍। ୧୦୦ ମିଟର ମହିଳାରେ ଅଭିନୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ, ସ୍ନେହା ଏସ.ଏସ. (ଭାରତ) ୧୧.୭୦ ସେକେଣ୍ଡ ସହ ଦ୍ୱିତୀୟ ଏବଂ ନିତ୍ୟା ଗାନ୍ଧେ (ଭାରତ)୧୧.୭୦ ସେକେଣ୍ଡ ସହିତ ତୃତୀୟ ହୋଇଛନ୍ତି। ସେହିପରି ପୁରୁଷ ୧୦୦ ମିଟରରେ ଆଜେମ ୧୦.୩୫, ଚାମୋଦ ଏମ. ଯୋଦ୍ଧାସିଂ (ଶ୍ରୀଲଙ୍କା)୧୦.୪୩ ଓ ଡାନିଶ ଇଫତିକାର ମୁହା (ମାଲେସିଆ)୧୦.୫୦ତ୍‌ସେକେଣ୍ଡ ସହିତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଫଳାଫଳ

**୪୦୦ ମିଟର ପୁରୁଷ**
ପ୍ରଥମ: ବିଶାଲ ଟି.କେ.(ଭାରତ)–୪୫.୭୨ ସେକେଣ୍ଡ
ଦ୍ୱିତୀୟ: ଅମୋଜ ଜ୍ୟାକବ(ଭାରତ)–୪୫.୮୬ ସେକେଣ୍ଡ
ତୃତୀୟ: ସନ୍ତୋଷ କୁମାର ଟି.(ଭାରତ)–୪୬.୮୯ ସେକେଣ୍ଡ
**୪୦୦ ମିଟର ମହିଳା**
ପ୍ରଥମ: ବିଜୟା କୁମାରୀ ଜି.କେ.(ଭାରତ)– ୫୩.୪୦ ସେକେଣ୍ଡ
ଦ୍ୱିତୀୟ: ଦେବ୍ୟାନିବା ମହେନ୍ଦ୍ରସ (ଭାରତ)–୫୩.୮୭ ସେକେଣ୍ଡ
ତୃତୀୟ: ଲୌସି ଇଭାନ୍ସ (ଗ୍ରେଟ ବ୍ରିଟେନ)–୫୪.୨୮ ସେକେଣ୍ଡ
**ମହିଳା ଜାଭେଲିନ୍ ଥ୍ରୋ**
ପ୍ରଥମ: ଅନୁ ରାଣୀ (ଭାରତ)–୬୨.୦୧ ମିଟର
ଦ୍ୱିତୀୟ: ଏନ. ହାତରାବାଗଲେକା (ଶ୍ରୀଲଙ୍କା)–୫୬.୨୭ ମିଟର
ତୃତୀୟ: ଦୀପିକା (ଭାରତ)–୫୪.୨୦ ମିଟର
**୧୦୦ ମିଟର ପୁରୁଷ**
ପ୍ରଥମ: ମହମ୍ମଦ ଆଜେମ ବିନ୍ (ମାଲେସିଆ)–୧୦.୩୫ ସେକେଣ୍ଡ
ଦ୍ୱିତୀୟ: ଚାମୋଦ ଏମ. ଯୋଦ୍ଧାସିଂ (ଶ୍ରୀଲଙ୍କା)–୧୦.୪୩ ସେକେଣ୍ଡ
ତୃତୀୟ: ଡାନିଶ ଇଫତିକାର ମୁହା (ମାଲେସିଆ)–୧୦.୫୦ ସେକେଣ୍ଡ
**୧୦୦ ମିଟର ମହିଳା**
ପ୍ରଥମ: ଅଭିନୟା ରାଜାରାଜନ (ଭାରତ)– ୧୧.୫୭ ସେକେଣ୍ଡ
ଦ୍ୱିତୀୟ: ସ୍ନେହା ଏସ.ଏସ. (ଭାରତ)– ୧୧.୭୦ ସେକେଣ୍ଡ
ତୃତୀୟ: ନିତ୍ୟା ଗାନ୍ଧେ (ଭାରତ)–୧୧.୭୦ ସେକେଣ୍ଡ
**ମହିଳା ୧୦୦ ମିଟର ହର୍ଡଲ୍ସ**
ପ୍ରଥମ: ପ୍ରଜ୍ଞା ପ୍ରଶାନ୍ତି ସାହୁ (ଭାରତ)– ୧୩.୭୪ ସେକେଣ୍ଡ
ଦ୍ୱିତୀୟ: ନନ୍ଦିନୀ କୋଙ୍ଗାନ (ଭାରତ)– ୧୩.୮୦ ସେକେଣ୍ଡ
ତୃତୀୟ: ଅଞ୍ଜଳି ସି. (ଭାରତ)– ୧୪.୦୦ ସେକେଣ୍ଡ
**ମହିଳା ଲଙ୍ଗଜମ୍ପ**
ଶାଇଲି ସିଂ (ଭାରତ)– ୬.୨୮ ମିଟର
ଭବାନୀ ଯାଦବ (ଭାରତ)– ୬.୧୩ ମିଟର
ସାନ୍ଦ୍ରା ବାବୁ (ଭାରତ)– ୬.୧୦ ମିଟର
**ପୁରୁଷ ଟ୍ରିପଲ ଜମ୍ପ**
ଅବଦୁଲା ଅବୁବାକର (ଭାରତ)–୧୬.୫୩ ମିଟର
କାର୍ତ୍ତୀକ ଉନ୍ନିକ୍ରିଷ୍ଣନ (ଭାରତ)–୧୬.୪୨ ମିଟର
ଗେଲି ଭେନିଷ୍ଟେର (ଭାରତ)– ୧୬.୨୬ ମିଟର
**ପୁରୁଷ ୮୦୦ ମିଟର**
ମହମ୍ମଦ ଅଫଜାଲ (ଭାରତ)–୧:୪୬.୬୦ ସେକେଣ୍ଡ
ପ୍ରକାଶ ଗାଡାଡେ (ଭାରତ)–୧:୪୭.୧୪ ସେକେଣ୍ଡ
କ୍ରିଶନ କୁମାର (ଭାରତ)– ୧:୪୮.୦୦ ସେକେଣ୍ଡ
**ମହିଳା ୮୦୦ ମିଟର**
ଅମନଦୀପ କୌର (ଭାରତ)–୨:୦୪.୩୧ ସେକେଣ୍ଡ
ହୁଇଡ୍ରୋମ ଭୁମେଶ୍ୱର (ଭାରତ)– ୨:୦୬.୯୬ ସେକେଣ୍ଡ
ଥୋଟା ସଂକୀର୍ତ୍ତନା (ଭାରତ)– ୨:୦୭.୧୭ ସେକେଣ୍ଡ
**ପୁରୁଷ ଜାଭେଲିନ୍ ଥ୍ରୋ**
ରୁମେଶ ଥରଙ୍ଗା (ଶ୍ରୀଲଙ୍କା)–୮୬.୫୦ ମିଟର
ଶିବମ ଲୋହାକାରେ (ଭାରତ)–୮୦.୭୩ ମିଟର
ସୁମେଧା ରଣସିଂହେ (ଶ୍ରୀଲଙ୍କା)–୮୦.୬୫ ମିଟର
**ମହିଳା ୧୫୦୦ ମିଟର**
ପୂଜା (ଭାରତ)–୪:୧୫.୧୩ ସେକେଣ୍ଡ
ଲିଲି ଦାସ (ଭାରତ)–୪:୧୭.୬୬ ସେକେଣ୍ଡ
ଅମନଦୀପ କୌର (ଭାରତ)–୪:୨୭.୧୪ ସେକେଣ୍ଡ
**ପୁରୁଷ ୨୦୦ ମିଟର**
ପ୍ରଥମ: ଅନିମେଶ କୁଜୁର (ଭାରତ)–୨୦.୭୭ ସେକେଣ୍ଡ
ଦ୍ୱିତୀୟ: କୋ ସୁଙ୍ଗୱାନ (କୋରିଆ)–୨୦.୯୫ ସେକେଣ୍ଡ
ତୃତୀୟ: ରଗୁଲ କୁମାର ଜି.(ଭାରତ)–୨୧.୧୭ ସେକେଣ୍ଡ
**ପୁରୁଷ ୪ଗୁଣା ୪୦୦ ମିଟର ରିଲେ**
ପ୍ରଥମ: (ଶ୍ରୀଲଙ୍କା) –୩:୦୮.୨୨ ସେକେଣ୍ଡ
ଦ୍ୱିତୀୟ: (ଭାରତ 'ଏ')–୩:୦୮.୩୭ ସେକେଣ୍ଡ
ତୃତୀୟ: (ଇରାକ)–୩:୦୮.୭୪ ସେକେଣ୍ଡ
**ମହିଳା ୨୦୦ ମିଟର**
ଆଞ୍ଜେଲ ସିଲଭିଆ ଏମ.(ଭାରତ)–୨୩.୯୫ ସେକେଣ୍ଡ
ନିତ୍ୟା ଗାନ୍ଧେ (ଭାରତ)–୨୪.୧୧ ସେକେଣ୍ଡ
ଉନ୍ନତି ଆୟାପ୍ପା (ଭାରତ)– ୨୪.୫୬ ସେକେଣ୍ଡ
**ପୁରୁଷ ୫୦୦୦ ମିଟର**
ୱାବେରି ଇଗୁଶ ହୁସେନ (ଦିବୋତି)–୧୪:୦୫.୩୬ ସେକେଣ୍ଡ
ଅଭିଷେକ ପାଲ (ଭାରତ)– ୧୪:୧୦.୬୦ ସେକେଣ୍ଡ
ସାୱନ ବାରୱାଲ (ଭାରତ)–୧୪:୧୩.୪୧ ସେକେଣ୍ଡ

## ଲାଲୁ ପ୍ରସାଦ ଚତୁର୍ଥ

ପୁରୁଷ ୧୦୦ ମିଟରରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ୪ର୍ଥ ସ୍ଥାନରେ ରହି ପୁରସ୍କାର ଲାଭ କରିଛନ୍ତି। ହିଟ୍‌ରେ ୧୦.୬୧ ସେକେଣ୍ଡ ନେଇଥିବା ଲାଲୁ ଫାଇନାଲ୍ସରେ ୧୦.୫୪ ସେକେଣ୍ଡ ସମୟ ନେଇଥିଲେ। ମାଲେସିଆର ମହମ୍ମଦ ଆଜେମ ବିନ୍ (୧୦.୩୫), ଶ୍ରୀଲଙ୍କାର ଚାମୋଦ ଏମ. ଯୋଦ୍ଧାସିଂ (୧୦.୪୩) ଓ ମାଲେସିଆର ଡାନିଶ ଇଫତିକାର ମୁହା (୧୦.୫୦) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ଶ୍ରାବଣୀଙ୍କୁ ୫ମ ସ୍ଥାନ

ମହିଳା ୧୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶାର ଶ୍ରାବଣୀ ନନ୍ଦ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ ପାରି ୫ମ ସ୍ଥାନରେ ରହିଛନ୍ତି। ହିଟ୍‌ରେ ୧୧.୯୨ ସେକେଣ୍ଡ ନେଇଥିବା ଶ୍ରାବଣୀ ଫାଇନାଲ୍ସରେ ୧୧.୮୬ ସେକେଣ୍ଡ ସମୟ ନେଇଥିଲେ।

## ରୁମେଶ ଥରଙ୍ଗାଙ୍କୁ ଟୋକିଓ ଟିକେଟ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେନଷ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ କେବଳ ଶ୍ରୀଲଙ୍କାର ରୁମେଶ ଥରଙ୍ଗାଙ୍କୁ ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଟିକେଟ ମିଳିଛି। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ୮୬.୫୦ ମିଟର ପକାଇ ଟୋକିଓ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପ୍ରଥମ ଉଦ୍ୟମରେ ହିଁ ରୁମେଶ ୮୬.୫୦ ମିଟର ଥ୍ରୋ କରି ଏହି ସଫଳତା ହାସଲ କରି ନେଇଥିଲେ। ଯୋଗ୍ୟତା ହାସଲ କର କ୍ୱାଲିଫାଇଂ ମାର୍କ ଥିଲା ୮୫.୨୦ ମିଟର। ଚଳିତ ବର୍ଷ ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ଜାପାନର ଟୋକିଓଠାରେ ୱାର୍ଲ୍ଡ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଭାରତର ଶିବମ ଲୋହାକାରେ ୮୦.୭୩ ଓ ଶ୍ରୀଲଙ୍କାର ସୁମେଧା ରଣସିଂହେ ୮୦.୬୫ ମିଟର ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭାରତର ରୋହିତ ଯାଦବ (୮୦.୩୫), ସଚିନ ଯାଦବ (୭୯.୮୦) ଓ ଯଶବୀର ସିଂ (୭୮.୫୩) ନିରାଶ କରିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ